# ଇନ୍‌ପୁଟ୍ ସହାୟତା ଚାଷୀଙ୍କ ଆୟ ବୃଦ୍ଧି କରିବ

■ କଳାହାଣ୍ଡି ଜିଲ୍ଲାସ୍ତରୀୟ ଶୁଭାରମ୍ଭ ସମାବେଶ

■ କୃଷକଙ୍କ ଉନ୍ନତି ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ



ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗଙ୍କ ଦ୍ୱାରା କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଉଛି।

ଭବାନୀପାଟଣା,୮।୧୨ (ଉତ୍ତମ କୁମାର ଦାଶ)

ଚାଷୀଙ୍କ ଖାତାକୁ ଇନ୍‌ପୁଟ୍ ସହାୟତା ପ୍ରଦାନ କରିଛନ୍ତି ମୁଖ୍ୟମନ୍ତ୍ରୀ। ରବିବାର ବରଗଡ଼ ଜିଲା ସୋହେଲାରୁ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ଅବସରରେ କଳାହାଣ୍ଡି ଜିଲାସ୍ତରୀୟ ଶୁଭାରମ୍ଭ ସମାବେଶ ଭବାନୀପାଟଣା ସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଖେଳ ପଡିଆଠାରେ ଆୟୋଜିତ ହୋଇଯାଇଛି। ଜିଲାପାଳ ପାୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରି କୃଷକଙ୍କ ଉନ୍ନତି ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀ ଧାନର ଇନପୁଟ ସହାୟତା ମୂଲ୍ୟ ବୃଦ୍ଧି କରିଥିବାରୁ ଏହା ଚାଷୀଙ୍କ ଆୟକୁ ବୃଦ୍ଧି କରିବ। ଏଥିପାଇଁ ଚାଷୀଙ୍କ ମୁହଁରେ ହସ ଫୁଟିବ। ଏହା ପୂର୍ବରୁ ଚାଷୀମାନେ ଦଲାଲର ଶିକାର ହେଉଥିଲେ ଓ ଧାନର ଉଚିତ ମୂଲ୍ୟ ପାଇପାରୁ ନ ଥିଲେ। ବର୍ତ୍ତମାନ ଦଲାଲର କୌଣସି ସ୍ଥାନ ନାହିଁ, ଚାଷୀମାନେ ସିଧାସଳଖ ଧାନ ମଣ୍ଡିରେ ବିକ୍ରୟ କରି ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଉଚିତ ମୂଲ୍ୟ ପାଇପାରିବେ ବୋଲି ମନ୍ତ୍ରୀ ମହାଲିଙ୍ଗ କହିଥିଲେ। ସେହିପରି ସରକାରଙ୍କର ବିଭିନ୍ନ ଜନହିତକର ଯୋଜନା ବିଶେଷକରି ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଖାଲି ପଡିଥିବା ଆବଶ୍ୟକ ପଦବୀଗୁଡିକ ପୂରଣ ପାଇଁ ସରକାର ତତ୍ପରତା ସହିତ ନେଉଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ମହାଲିଙ୍ଗ ଜିଲାର ଜୟପାଟଣାର ହୃଦାନନ୍ଦ କଂସାରି, ମଙ୍ଗଳପୁରର ତ୍ରିବେଣୀ ସାହୁ, କୋକସରା ଝରିଆଗୁଡାର ବିରାଟ ପଟ୍ଟନାୟକ, ହେମନ୍ତ ଗହୀର, ରୁପ୍ରାର ନେପାଳ ବିଶାଳ, ନର୍ଲାର ଲବ କୁମାର, ଟେମରାର ଜମ୍ଭେ ପ୍ରସାଦ ଚୌଧୁରୀ ପ୍ରମୁଖ ତାଲିକାଭୁକ୍ତ ଚାଷୀଙ୍କୁ କୁଇଣ୍ଟାଲ ପିଛା ଧାନର ସର୍ବନିମ୍ନ ସହାୟତା ମୂଲ୍ୟ ୨୩ ଶହ ଟଙ୍କା ଉପରେ ରାଜ୍ୟ ସରକାରଙ୍କ ଦ୍ୱାରା ୮ ଶହ ଟଙ୍କାର ଇନପୁଟ ସହାୟତା ରାଶି ସହିତ ସମୁଦାୟ ୩୧ଶହ ଟଙ୍କାର ଡମି ଚେକ ପ୍ରଦାନ କରିଥିଲେ। ଏହି ସମାବେଶରେ ସମ୍ମାନିତ ଅତିଥି ଭାବେ କଳାହାଣ୍ଡି ଏମ୍‌ପି ମାଳବିକା ଦେବୀ, ଧର୍ମଗଡ଼ ବିଧାୟକ ସୁଧୀରରଞ୍ଜନ ପଟ୍ଟଯୋଷୀ, ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଡ. ଉମେଶ ଶତପଥି ପରିଚାଳନା କରିଥିବାବେଳେ ଅତିରିକ୍ତ ଜିଲାପାଳ ଦରୱାନ ଧନ୍ୟବାଦ ଦେଇଥିଲେ।

# ନୂଆପଡ଼ାଠାରେ କୃଷକ ସମାବେଶ

ନୂଆପଡ଼ା,୮।୧୨ (ମକାରୁ ବେମାଲ)

ସ୍ଥାନୀୟ ମିନି ଷ୍ଟାଡିୟମଠାରେ ରବିବାର କୃଷକମାନଙ୍କୁ ଧାନ ବିକ୍ରୟରେ ରାଜ୍ୟ ସରକାରଙ୍କ ଅତିରିକ୍ତ ଇନପୁଟ ସହାୟତା ପ୍ରଦାନ ଉପଲକ୍ଷେ ଏକ ବିଶାଳ କୃଷକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ନୂଆପଡା ଜିଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାବେଶରେ ଅତିଥି ଭାବରେ ଜିଲା ପରିଷଦ ଉପାଧ୍ୟକ୍ଷା ଦୀପିକା ଦୀପ, ଅତିରିକ୍ତ ଜିଲାପାଳ ଭୀମସେନ ଶବର, ସୁବାଷ ଚନ୍ଦ୍ର ରଏତ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲାପାଳ ଯୋଗେନ୍ଦ୍ର ମାଝି, ଜିଲା ପରିଷଦ ସଦସ୍ୟ ଭାନୁ ପ୍ରତାପ ସିଂମାଝି, ଅବନୀ ରଞ୍ଜନ ଯୋଶୀ, ମାଲ୍ୟବନ୍ତ ସୁନା, ଉମା ଠାକୁର, ମୁରଲିଧର ଭୋଇ, ନୂଆପଡା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଖରିଆର ରୋଡ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ଡ. ସୋନିଆ ଜୈନ, କଳାହାଣ୍ଡି ଏମ୍‌ପି ପ୍ରତିନିଧି ପ୍ରେମ ଅଗ୍ରୱାଲ ପ୍ରମୁଖ ଯୋଗଦେଇ ମଞ୍ଚାସୀନ ଥିଲେ। ସର୍ବ ପ୍ରଥମେ ଜଗତର ନାଥ ଜଗନ୍ନାଥଙ୍କୁ ପୂଜା ଅର୍ଚ୍ଚନା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଜିଲାପାଳ ଦାସ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। କୃଷକମାନଙ୍କ ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଜିଲା ପ୍ରଶାସନ ପ୍ରତିଶ୍ରୁତିବଦ୍ଧ ଓ ସେମାନଙ୍କ ଧାନ ବିକ୍ରୟ ପାଇ ସମୁଚିତ ପଦକ୍ଷେପ ନିଆଯିବ ବୋଲି ଚାଷୀମାନଙ୍କୁ ଆଶ୍ୱସନା ଦେଇଥିଲେ। କୃଷକମାନଙ୍କ ସହାୟତା ପାଇଁ ରାଜ୍ୟ ସରକାର ଧାନ କୁଇଣ୍ଟାଲ ପ୍ରତି ୮ ଶହ ଟଙ୍କା ଅତିରିକ୍ତ ସହାୟତା ରାଶି ପ୍ରଦାନ କରିବା ଏକ ଐତିହାସିକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କୃଷକମାନଙ୍କୁ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ସମ୍ବନ୍ଧରେ ସଚେତନ କରିବା ପାଇଁ ବିଭିନ୍ନ ସରକାରୀ ବିଭାଗ ପକ୍ଷରୁ ଷ୍ଟଲମାନ ଖୋଲାଯାଇଥିଲା। ଏହା ପରେ ମଞ୍ଚରେ ପିଆନ ରାଉତ, ଭାଗବତ ସାହୁ, ଜଳଧର କାଣ୍ଡ, କୁମାର ସା ଓ ସୁନ୍ଦର ଲାଲ ସା ୫ ଜଣ ଚାଷୀଙ୍କୁ ଧାନ ବିକ୍ରୟର ଅତିରିକ୍ତ ସହାୟତା ରାଶି ଚେକ ମାଧ୍ୟମରେ ପ୍ରଦାନ କରାଯାଇଥିଲା। ବରଗଡ ଜିଲା ସୋହେଲାଠାରେ ଆୟୋଜିତ କୃଷକ ସମାବେଶରେ ଯୋଗଦେଇଥିବା ମୁଖ୍ୟମନ୍ତ୍ରୀଙ୍କ ସିଧା ପ୍ରସାରଣଙ୍କୁ ଭିଡିଓ ବାର୍ତ୍ତା ମାଧ୍ୟମରେ ଉପସ୍ଥିତ କୃଷକମାନେ ଦେଖିଥିଲେ। ଚାଷୀମାନଙ୍କ ମନୋରଞ୍ଜନ ପାଇଁ କଂସେଇପାଣିର କଳାକାରମାନେ ଘୋଡାନାଚ ଓ ସରକାରୀ ଉଚ୍ଚ ବିଦ୍ୟାଳୟ ମାଗୁରପାଣିର ଛାତ୍ରୀମାନେ ଡାପ ନୃତ୍ୟ ପରିବେଷଣ କରିଥିଲେ। ଜିଲା ଯୋଗାଣ ବିଭାଗ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଯୋଗାଣ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ରାଉତରାୟ, ଡିଆରସିଏସ ପ୍ରମୋଦ କୁମାର ସାହୁ, ଆରଏମସି ସମ୍ପାଦକ ଆର୍ଯ୍ୟ କୁମାର ମୁଦୁଲି ସହଯୋଗ କରିଥିଲେ। ବରିଷ୍ଠ ସହାୟକ ବିଭୂଦତ୍ତ ମିଶ୍ର ମଞ୍ଚ ପରିଚାଳନା କରିଥିବାବେଳେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



କୃଷକ ସମାବେଶରେ ମଞ୍ଚରେ ଉପସ୍ଥିତ ଅତିଥି।

# କୁରାଲ ଦେବତାଙ୍କ ପୂଜା ଉଦ୍‌ଯାପିତ

କୋକସରା,୮।୧୨(ଦୁଷ୍ମନ୍ତ କୁମାର ପାଟଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ମାଝୀଗୁଡା ଗ୍ରାମ ବଡ଼ ରଣାପଡାରେ କୁମ୍ଭାର ସମ୍ପ୍ରଦାୟ ପକ୍ଷରୁ କୁରାଲ ଦେବଙ୍କ ପୂଜାର୍ଚ୍ଚନା ଉଦ୍‌ଯାପିତ ହୋଇଯାଇଛି। ରବିବାର ସନ୍ଧ୍ୟାରେ ମୂର୍ତ୍ତି ବିସର୍ଜନ ହୋଇଥିଲା। ଗତ ଗୁରୁବାର ଅଧିବାସ ଓ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ମାର୍ଗଶିର ମାସ ଶୁକ୍ରବାର ପୂଜା ଆରମ୍ଭ ହୋଇଥିଲା। ପଳେଶ୍ୱର ରଣା ଓ ଭୋଜନୀ ରଣା ସପତ୍ନୀକ ପୂଜା କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ। ପୂଜକ ପୁରନ୍ଦର ଦାସ କୁରାଲ ଦେବଙ୍କ ପୂଜାର୍ଚ୍ଚନା କରିଥିଲେ। କୁରାଲ ଦେବଙ୍କ ପୂଜାପାଠ ପାଇଁ ମାଝୀଗୁଡାରେ ଭକ୍ତିମୟ ପରିବେଶ ଦେଖିବାକୁ ମିଳିଥିଲା। ପୂଜା କମିଟି ପକ୍ଷରୁ ପ୍ରତିଦିନ ରାତିରେ ଦର୍ଶକଙ୍କ ମନୋରଞ୍ଜନ ପାଇଁ ନାଟକ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ପୂଜା କମିଟିର ସଭାପତି ଧନୁର୍ଯ୍ୟ ରଣା, ସମ୍ପାଦକ କ୍ଷୀରୋଧ ରଣା, କୋଷାଧ୍ୟକ୍ଷ ଚନ୍ଦନ ରଣା, ଉପସଭାପତି ବିଷ୍ଣୁ ରଣା, ଆକାଶ ରଣା, ଭୁଜବଲ ରଣା, ଭୁପେନ ରଣା, ରୁନା ରଣା, ତାପସ ରଣା, ପରିକ୍ଷିତ ରଣାଙ୍କ ସମେତ ବଡ଼ ରଣାପଡାର ସମସ୍ତ ପଡାବାସୀ କୁରାଲ ପୂଜା କାର୍ଯ୍ୟକ୍ରମ ପାଳନରେ ପୂର୍ଣ୍ଣ ସହଯୋଗ କରିଥିଲେ।



କୁରାଲ ପୂଜା କରାଯାଉଛି।

# ସାଂସ୍କୃତିକ ଶୋଭାଯାତ୍ରା, ସାଧାରଣ ସଭା

କଳାହାଣ୍ଡି କଳାକାର ପେନସନଭୋଗୀ ମହାସଂଘ




କଳାକାର ପେନସନଭୋଗୀ ମହାସଂଘ ପକ୍ଷରୁ ଶୋଭାଯାତ୍ରା କରାଯାଉଛି।

ଭବାନୀପାଟଣା,୮।୧୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି କଳାକାର ପେନସନଭୋଗୀ ମହାସଂଘ ପକ୍ଷରୁ ରବିବାର ଭବାନୀପାଟଣାରେ ସାଂସ୍କୃତିକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପରେ ସ୍ଥାନୀୟ ମହାବୀର ସାଂସ୍କୃତିକ ଅନୁଷ୍ଠାନର ମଞ୍ଚରେ ଏକ ସାଧାରଣ ସଭା ହୋଇଥିଲା। ଏହି ସଭାରେ ଜିଲାର ସମସ୍ତ ଗ୍ରାମାଞ୍ଚଳର ପେନସନ ପାଉଥିବା ହଜାରେରୁ ଊର୍ଦ୍ଧ୍ୱ କଳାକାର ଯୋଗଦେଇଥିଲେ। ସଂଘର ସଭାପତି ନାଟ୍ୟ ଭୂଷଣ ପ୍ରଦୀପ ଡି. ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସଂସ୍କୃତି ସଙ୍ଗଠକ ଜୟନ୍ତ କୁମାର ବେହେରା ଓ ବିଶିଷ୍ଟ ଅତିଥି ଭାବେ ଭବାନୀପାଟଣା ପୌରପାଳିକାର ଭାରପ୍ରାପ୍ତ ନଗରପାଳ ବିଷ୍ଣୁ ପ୍ରଧାନ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଏହି ସଭାରେ ସରକାରଙ୍କଠାରେ ବିଭିନ୍ନ ଦାବି ଜଣାଇବାକୁ ନିଷ୍ପତ୍ତି ନିଆଯାଇଥିଲା। ସେଗୁଡ଼ିକ ହେଲା କଳାକାରମାନଙ୍କୁ ମିଳୁଥିବା ଭତ୍ତା ପାଇଁ ଗୋଟିଏ ନିର୍ଦ୍ଦିଷ୍ଟ ତାରିଖ ଧାର୍ଯ୍ୟ, ବର୍ତ୍ତମାନ ପାଉଥିବା ଭତ୍ତା ୨୦୦୦ଟଙ୍କାକୁ ୬୦୦୦ଟଙ୍କାକୁ ବୃଦ୍ଧି, ସଂଘ ପାଇଁ ସଦର ମହକୁମାରେ ଜାଗାଟିଏ ଦେବାକୁ ଅନୁରୋଧ, କଳାକାରଙ୍କ ଦୁର୍ଘଟଣାଜନିତ ବୀମା ଦେବାକୁ ଦାବି, ସଂଘ ତରଫରୁ ଜୀବିତ ପ୍ରମାଣପତ୍ର ଦିଆଗଲେ ତାହାକୁ ପ୍ରଶାସନ ଗ୍ରହଣ କରିବା ପାଇଁ ଦାବି ଜଣାଇବା ଆଦି ପ୍ରମୁଖ ରହିଥିଲା। ଆଗାମୀ ଦିନରେ ଉପରୋକ୍ତ ଦାବିକୁ ନେଇ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବି ଦେବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଶେଷରେ ସଂଘର ସମ୍ପାଦକ ତୀର୍ଥରାଜ ଦଳପତି ଧନ୍ୟବାଦ ଦେଇଥିଲେ।

# କ୍ଷେତ୍ର ପରିଦର୍ଶନ କରି ଜିଲାପାଳଙ୍କ ଉନ୍ନୟନ କାର୍ଯ୍ୟ ତଦାରଖ

ନୂଆପଡ଼ା, ୮।୧୨ (ମକାରୁ ବେମାଲ)

ନୂଆପଡ଼ା ଜିଲାର ବିଭିନ୍ନ କ୍ଷେତ୍ର ପରିଦର୍ଶନ କରି ଜିଲାପାଳ ମଧୁସୂଦନ ଦାସ ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କରିଥିଲେ। ଏହି ସମୟରେ ବୋଡେନ ବ୍ଲକ କର୍ଲାକୋଟ ଧାନମଣ୍ଡିରେ ଧାନକ୍ରୟ ବ୍ୟବସ୍ଥା ଉପରେ ବୁଝିଥିଲେ। ମଣ୍ଡିରେ ଚାଷୀଙ୍କ ପାଇଁ ପିଇବା ପାଣି, ଶୌଚାଳୟ, ବସିବା ପାଇଁ ଚୌକି ବ୍ୟବସ୍ଥା କରିବା ପାଇଁ ଆର୍‌ଏମସି କର୍ମଚାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ କର୍ଲାକୋଟ ସବ୍‌ସେଣ୍ଟର ସ୍ୱାସ୍ଥ୍ୟକେନ୍ଦ୍ର ତଥା ଡେକ୍ୟାୟାର ସେଣ୍ଟର ପରିଦର୍ଶନ କରିଥିଲେ। ଡିସେମ୍ବର ମାସରେ ମୁଖ୍ୟମନ୍ତ୍ରୀଙ୍କ ନୂଆପଡ଼ା ଜିଲା ଗସ୍ତ ଅବସରରେ ଉଦ୍‌ଘାଟନ ହେବାକୁ ଥିବାରୁ କାମ ଶୀଘ୍ର ସମ୍ପନ୍ନ କରିବା ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ସମାଜ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ଡମଝର ବିଦ୍ୟାଳୟ ପରିଦର୍ଶନ କରି ୮ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେଉଥିବା ଅତିରିକ୍ତ ଶ୍ରେଣୀ ଗୃହ କାମ ଏକ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରିବା ପାଇଁ କହିଛନ୍ତି। ବୋଇରଗାଁ ପଞ୍ଚାୟତ ଚିକଲଚୂଆଁ ଗାଁରେ ଜଳ ବିଭାଜିକା ପ୍ରକଳ୍ପ ଦ୍ୱାରା ନିର୍ମିତ ୩ ହେକ୍ଟର ବିଶିଷ୍ଟ ଆମ୍ବବଗିଚା ବୁଲି ଦେଖିଥିଲେ। ଏହି ଆମ୍ବ ବଗିଚା ଖଗେଶ୍ୱର ମାଝି ଓ ତାଙ୍କ ସାଥୀ କୃଷକମାନଙ୍କ ଦ୍ୱାରା ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ୧୨ ଲକ୍ଷ ୪୪ ହଜାର ଟଙ୍କା ବ୍ୟୟରେ ହୋଇଛି। ଏହା ସହ କେଶରାଜପୁରସ୍ଥିତ ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରି ବିଦ୍ୟାଳୟ ପରିଚାଳନା କମିଟି ସଭାରେ ଅଧ୍ୟକ୍ଷତା କରିଥିଲେ। ଏହି ସଭାରେ ବିଡିଓ, ବ୍ଲକ ଶିକ୍ଷା ଅଧିକାରୀ, ସ୍ୱାସ୍ଥ୍ୟ ଅଧିକାରୀ, ପୂର୍ତ୍ତ ବିଭାଗ ଯନ୍ତ୍ରୀ, ବିଦ୍ୟାଳୟ ଅଧ୍ୟକ୍ଷ, ପରିଚାଳନା କମିଟି ସଭାପତି ଓ ସଦସ୍ୟ ଉପସ୍ଥିତ ଥିଲେ। ଏହା ପରେ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ବୈଠକରେ ଛାତ୍ରୀଛାତ୍ରମାନଙ୍କୁ ସୁନାଗରିକ ହିସାବରେ ଗଢି ତୋଳିବା ସହ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି କରିବା ପାଇଁ ଆହ୍ୱାନ କରିଥିଲେ।



ଜିଲାପାଳ ଓ ଅନ୍ୟ ଅଧିକାରୀ ଉନ୍ନୟନ କାର୍ଯ୍ୟ ତଦାରଖ କରୁଛନ୍ତି।

# ମହିଳା ସରପଞ୍ଚଙ୍କୁ ଅଶ୍ଳୀଳ ଭାଷାର ଗାଳିଗୁଲଜ, ଦୁର୍ବ୍ୟବହାର

ଲାଞ୍ଜିଗଡ,୮।୧୨(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଅଞ୍ଚଳରେ ଏକ ଠିକା ସଂସ୍ଥା ବେଆଇନ ଭାବେ ପୋଲ ଓ ରାସ୍ତା ନିର୍ମାଣ କାର୍ଯ୍ୟ କରୁଥିବାବେଳେ ତଦନ୍ତ ପାଇଁ ଯାଇଥିବା ଜନପ୍ରତିନିଧି ମହିଳା ସରପଞ୍ଚଙ୍କୁ ଅଶ୍ଳୀଳ ଭାଷାର ଗାଳିଗୁଲଜ ଓ ଦୁର୍ବ୍ୟବହାର ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଏହାକୁ ନେଇ ପଞ୍ଚାୟତବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଠିକା ସଂସ୍ଥା ପକ୍ଷରୁ ମଧ୍ୟ ଥାନାରେ ପାଲଟା ଅଭିଯୋଗ ହୋଇଥିବା ସୂଚନା ମିଳିଛି। ସୂଚନାନୁସାରେ ଗତ କିଛି ଦିନ ହେଲା ଲାଞ୍ଜିଗଡ଼ ଅଞ୍ଚଳରେ ଏକ ଠିକା ସଂସ୍ଥା ଲାଞ୍ଜିଗଡ଼, ବସନ୍ତପଡା, ଜଗନ୍ନାଥପୁର ପଞ୍ଚାୟତର ପାରିପାର୍ଶ୍ୱିକ ଅଞ୍ଚଳରେ କାମ କରି ଆସୁଛି। ହେଲେ ଏହି ସଂସ୍ଥା ଲାଞ୍ଜିଗଡ଼ ପଞ୍ଚାୟତରେ ଥିବା ଲାଞ୍ଜିଗଡ଼-ମୁନିଗୁଡା ମୁଖ୍ୟ ରାସ୍ତାରୁ ଆରବିକେ କଲୋନୀକୁ ଏକ ନୂତନ ରାସ୍ତା ଓ ବଂଶଧାରା ନଦୀରେ ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛି। ଏହି ରାସ୍ତା ଓ ପୋଲ ନିର୍ମାଣ ସ୍ଥାନରେ ବହୁ ପରିମାଣରେ ସରକାରୀ ଜମି ରହିଛି। ଏହାକୁ ନେଇ ଲାଞ୍ଜିଗଡ଼ ପଞ୍ଚାୟତ ପାଖରେ କୌଣସି ଖବର ନ ଥିବାବେଳେ ପଞ୍ଚାୟତବାସୀଙ୍କ ଅଭିଯୋଗ ପରେ ଗତ ବୁଧବାର ଅପରାହ୍ନରେ ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡା, ନାଏବ ସରପଞ୍ଚ ହରେକୃଷ୍ଣ ତାଣ୍ଡି ଓ ୱାଡ଼ମେମ୍ବର ଚନ୍ଦ୍ର ନାଏକ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ। କାମ କରୁଥିବା ଠିକା ସଂସ୍ଥାର ଶ୍ରମିକଙ୍କ ସହିତ ଆଲୋଚନା କରିଥିଲେ। ପରେ କାମ ଦେଖୁଥିବା ସାଇଟ ଇନଚାର୍ଜ ତ୍ରିଲୋଚନ ମଲ୍ଲିକ ଆସିଥିଲେ। ପଞ୍ଚାୟତକୁ ନ ଜଣାଇ କାହା ଅନୁମତିରେ ସରକାରୀ ଜମିରେ ଏହି କାମ କରୁଛନ୍ତି ବୋଲି କହିବା ପରେ ଏହି ତିନି ଜଣ ଜନପ୍ରତିନିଧିଙ୍କୁ ଦୁର୍ବ୍ୟବହାର କରିବା ସହ ଅଶ୍ଳିଳ ଭାଷାରେ ଗାଳିଗୁଲଜ କରିଥିବା ସରପଞ୍ଚ ମୁଣ୍ଡା ପ୍ରକାଶ କରିଛନ୍ତି।

# ହରଡ଼ ଚାଷ ସମ୍ବନ୍ଧୀୟ ତାଲିମ ଶିବିର

ପଲମ, ୮।୧୨(ଭିକାରି ଗଉଡ଼)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧିନସ୍ଥ ମୁସ୍କୁଟି ପଞ୍ଚାୟତ ଶ୍ରୀଶ୍ରୀ ଭୂତେଶ୍ୱର ମନ୍ଦିର ପରିସରରେ ଅନ୍ତର୍ଜାତୀୟ କୃଷି ଅନୁସନ୍ଧାନ କେନ୍ଦ୍ର (ଆଇସି ଏଆରଡିଏ) ଏବଂ ଓଡିଶା ସରକାରଙ୍କ ଆନୁକୂଲ୍ୟରେ ହରଡ଼ ଚାଷ ସମ୍ବନ୍ଧୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୁସ୍କୁଟି, ପଲମ, ଟକର୍ଲା, ଗିଗିନା, ରୁପ୍ରା, କର୍ମେ ଗାଁ ଚାଷୀମାନଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ନର୍ଲା ବ୍ଲକ ପିଜିଏଫ ଥବିର ଗହିରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିଥି ଭାବେ ଗ୍ରାମ୍ୟ କୃଷି କର୍ମଚାରୀ ଯବନ୍ଧୁ ବାଗ, ରୁପ୍ରା ପାକ୍ସ ସଭାପତି ସରୋଜ ରାଉତ ଯୋଗି ନାଏକ, ସଞ୍ଜିବ ନାଏକ ପ୍ରମୁଖ ଯୋଗଦାନ ଦେଇଥିଲେ। ହରଡ଼, ମଟର ଚଣା ଚାଷ ପାଇଁ ମାଗଣାରେ ବିହନ ସାର ଓ କୀଟନାଶକ ବଣ୍ଟନ ବ୍ୟବସ୍ଥା ବାବଦରେ ଗହିର ସୂଚନା ପ୍ରଦାନ କରିଥିଲେ ଏହି ଶିବିରରେ ରାମଚନ୍ଦ୍ର ନାଏକ, ଦିଲ୍ଲୀପ ନାଏକ, ରସିକ ସାହୁ, କୁବେର ନାଏକ, ନାଏବ ସରପଞ୍ଚ ପରମାନନ୍ଦ ସାହୁଙ୍କ ସହ ପ୍ରତ୍ୟେକ ଗ୍ରାମର ଚାଷୀମାନେ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ ।

# ସଙ୍କୁଳସ୍ତରୀୟ ଶିଶୁ ଭାରତୀ କର୍ମଶାଳା

କୋକସରା,୮।୧୨
(ଦୁଷ୍ମନ୍ତ କୁମାର ପାଟଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ରବିବାର ଜୟପାଟଣା ସଙ୍କୁଳସ୍ତରୀୟ ଶିଶୁ ଭାରତୀ ପଦାଧିକାରୀ କାର୍ଯ୍ୟଶାଳା ଓ ବିଦ୍ୱତ୍ ପରିଷଦ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଅଶୋକ କୁମାର ଦାସ, ମୁଖ୍ୟବକ୍ତା ଭାବେ ପ୍ରଧାନ ଶିକ୍ଷକ ଦନ୍ତେଶ୍ୱରୀ ଉଚ୍ଚ ବିଦ୍ୟାଳୟ ବେହେରା ରୂପେନ୍ଦ୍ର ବାଣୁଆ, ସମ୍ମାନିତ ଅତିଥି ଭାବେ ସୁବାସ ଅଗ୍ରୱାଲ, ଜୟପାଟଣା ସଙ୍କୁଳ ସଂଯୋଜକ ବିଶ୍ୱଜୀବନ ପାଢ଼ୀ, ସଙ୍କୁଳ ପ୍ରମୁଖ ଶ୍ରୀବଲ୍ଲଭ ନାଏକ ତଥା ପରିଚାଳନା ସମିତିର କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ମଞ୍ଚ ପରିଚାଳନା ଜିତେନ୍ଦ୍ର କୁମାର ନାଏକ କରିଥିବାବେଳେ ଲଡୁଗାଁ ସରସ୍ୱତୀ ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ପର୍ଶୁରାମ ଦୁର୍ଗା ପରିଚୟ ପ୍ରଦାନ ତଥା ସଭାପତି ଗରୁଡ଼ ବାଗ ଧନ୍ୟବାଦ ଅର୍ପଣ କରିଥିଲେ। ସଙ୍କୁଳ ଅନ୍ତର୍ଗତ ୯ଟି ଶିଶୁ ମନ୍ଦିରର ୫୯ ଜଣ ଶିଶୁ ଭାଇ ଭଉଣୀ ଓ ବିଦ୍ୱତ ପରିଷଦର କାର୍ଯ୍ୟକର୍ତ୍ତା ଅଂଶଗ୍ରହଣ କରିଥିଲେ।



ସଙ୍କୁଳସ୍ତରୀୟ ଶିଶୁ ଭାରତୀ କର୍ମଶାଳାରେ ମଞ୍ଚାସୀନ ଅତିଥି।

# ସୁନାଗହଣା ଦୋକାନରୁ ଚୋରି

ନର୍ଲା, ୮।୧୨ (ସନ୍ତୋଷ ପାତ୍ର)

କଳାହାଣ୍ଡି ଜିଲା ନର୍ଲା ଥାନା ଅନ୍ତର୍ଗତ ଶାନ୍ତପୁର ଗ୍ରାମସ୍ଥିତ ମା' ପାଟଣେଶ୍ୱରୀ ସୁନା ଦୋକାନରୁ ଗତ ଶନିବାର ବିଳମ୍ବିତ ରାତିରେ ସୁନା ରୂପା ଓ ଟଙ୍କା ଚୋରି ହୋଇଯାଇଛି। କେତେଜଣ ଅଜଣା ଦୁର୍ବୃତ୍ତ ଆସି ଦୋକାନର ସର୍ଟରକୁ ଭାଙ୍ଗିଥିଲେ। ଦୋକାନକୁ ପଶି ଦୋକାନରେ ଥିବା ରୂପା ସୁନା ସହିତ କିଛି ଟଙ୍କା ଚୋରିକରି ନେଇଥିଲେ। ଦୋକାନ ମାଲିକ ଜିତେନ୍ଦ୍ର ସରାଫ ରବିବାର ସକାଳ ପ୍ରାୟ ୬ଟାରେ ଦୋକାନକୁ ଆସି ଦେଖିଥିଲେ। ସର୍ଟର ଭାଙ୍ଗି ଦୋକାନରୁ ଚୋରି ହୋଇଥିବା ଜାଣିପାରି ନର୍ଲା ପୋଲିସକୁ ସୂଚନା ଦେଇଥିଲେ। ଏ ନେଇ ଦୋକାନ ମାଲିକ ନର୍ଲା ଥାନାରେ ରବିବାର ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ନର୍ଲା ପୋଲିସ ଓ ଡଗ ସ୍କ୍ୱାଡ୍ ଟିମ ପହଞ୍ଚି ଅଧିକ ତଦନ୍ତ କରିଥିବା ଜଣାପଡ଼ିଛି। ଦୋକାନ ମାଲିକ ଜିତେନ୍ଦ୍ର କହିବା ଅନୁସାରେ ରୂପା ପ୍ରାୟ ୧୦ କେଜି ଓ ସୁନା ପ୍ରାୟ ୨୦ ଗ୍ରାମ ସହିତ କିଛି ଟଙ୍କା ଚୋରମାନେ ନେଇଥିବା ସୂଚନା ଦେଉଛନ୍ତି।

# କୋଶଲି ଭାଷାକୁ ଉଜ୍ଜୀବିତ ରଖିବା ମହୋତ୍ସବର ଲକ୍ଷ୍ୟ

କୋଶଲି ସାଂସ୍କୃତିକ ମହୋତ୍ସବର ତୃତୀୟ ରଜନୀ

ନୂଆପଡା, ୮।୧୨(ମକାରୁ ବେମାଲ)

ସ୍ଥାନୀୟ ପୋଲିସ ପଡିଆ ରଙ୍ଗମଞ୍ଚରେ କୋଶଲି ସାହିତ୍ୟ ସାଂସ୍କୃତିକ ଅନୁଷ୍ଠାନ ଆନୁକୂଲ୍ୟରେ ଚାଲିଥିବା କୋଶଲି ସାଂସ୍କୃତିକ ମହୋତ୍ସବର ରବିବାର ଥିଲା ତୃତୀୟ ରଜନୀ। କୋଶଲି ସାହିତ୍ୟ ସାଂସ୍କୃତିକ ଅନୁଷ୍ଠାନ ସଭାପତି ସୁରଜିତ ସିଂ ମହାରଥାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଜିଲା ପରିଷଦ ଉପାଧ୍ୟକ୍ଷା ଦୀପିକା ଦୀପ ମୁଖ୍ୟ ଅତିଥି, ଜିଲା ପରିଷଦ ସଦସ୍ୟ ଅବନୀରଞ୍ଜନ ଯୋଶୀ, ଭରତଲାଲ ରାଉତ, ମହେଶ ନିଆଲ, ବରିଷ୍ଠ ଆଇନଜୀବୀ ଅଶୋକ ଦେବାଙ୍ଗନ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଛତିଶଗଡ ସୀମାନ୍ତରେ ଅବସ୍ଥିତ ନୂଆପଡା ଜିଲାରେ ଛତିଶଗଡି ଓ ହିନ୍ଦି ଭାଷାର ପ୍ରଚଳନ ହେଉଥିଲେ ମଧ୍ୟ କୋଶଲି ଭାଷା ପ୍ରତି ଲୋକଙ୍କ ରୁଚି ରହିଛି। କୋଶଲି ଭାଷାର ପ୍ରଚାର ପ୍ରସାର ପାଇଁ ଉଦ୍ୟମ ଜାରି ରଖିଥିବା ଅନୁଷ୍ଠାନକୁ ଅତିଥିମାନେ ସାଧୁବାଦ ଜଣାଇଥିଲେ। ଛତିଶଗଡି ଅଞ୍ଚଳରେ ମଧ୍ୟ କୋସଲି ଭାଷା ପ୍ରତି ଦର୍ଶକ ଆକୃଷ୍ଟ ହେଉଥିବାରୁ ଶୁଭେଚ୍ଛା ଜଣାଇଛନ୍ତି। ସର୍ବ ପ୍ରଥମେ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ ସଙ୍ଗୀତ ସମିତି ପଦ୍ମପୁରର ବଜାସାଲ, ସାନ ଘୁଡକା ତୁଷରା, ଦୁଲଫୁଲ ଗାଇସିଲେଟ, କାଗୃତି ସାଂସ୍କୃତିକ ଯୁବା ପିପିଲିର ସାମ୍ବଲି ନାଚ, ବିରୋମାଲ ଆଶ୍ରମ ବିଦ୍ୟାଳୟ, ପଲସଦା ସେବାଶ୍ରମ, ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟ ନୂଆପଡା, ସରକାରୀ ଉଚ୍ଚ ବିଦ୍ୟାଳୟ କଲ୍ୟାଣପୁର, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସାଲେଭଟା, କେଜିଭିପି ନୂଆପଡା, ସରକାରୀ ଉଚ୍ଚ ବିଦ୍ୟାଳୟ ଆମାନାରା,ମହାମାୟା କଲେଜ ନୂଆପଡା, ଜଗନ୍ନାଥ ନର୍ସିଂ ସ୍କୁଲ ନୂଆପଡା, ସରକାରୀ ଉଚ୍ଚ ବିଦ୍ୟାଳୟ ଡୁମେରପାଣି, ନବୋଦିତ୍ୟା କଲେଜ ଖରିଆର ରୋଡର ଛାତ୍ରୀଛାତ୍ରମାନେ ଭାଗ ନେଇ ବିଭିନ୍ନ ସାଂସ୍କୃତିକ ନୃତ୍ୟ ପରିବେଷଣ କରିଥିଲେ। ମହୋତ୍ସବରେ ମୀନା ବଜାର ମୁଖ୍ୟ ଆକର୍ଷଣ ରହିଥିବାବେଳେ ଦୋଳି, ବ୍ରେକ ଡ୍ୟାନ୍ସର ମଜା ଦର୍ଶକମାନେ ନେଉଛନ୍ତି। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରଙ୍କ ସମ୍ବଲପୁରି ନୃତ୍ୟରେ ଦର୍ଶକ ଝୁମି ଉଠୁଛନ୍ତି। ମୁକେଶ ଦଣ୍ଡସେନା ଓ ସପ୍ନା ପଟେଲ ମଞ୍ଚ ପରିଚାଳନା କରୁଥିବାବେଳେ ଅନୁଷ୍ଠାନ ସମ୍ପାଦକ ରବି ମଙ୍ଗରାଜ, ଉପସଭାପତି ଦିଲୀପ ନିର୍ମଳକର, ଉପଦେଷ୍ଟା ଅଶ୍ୱନୀ ଭୋଇ, କୋଷାଧ୍ୟକ୍ଷ ମହେନ୍ଦ୍ର ପଟେଲ, ବିଶାଳ ତାଣ୍ଡି, ପିଣ୍ଟୁ ଜଗତ,ପ୍ରଭାତ ମହାନନ୍ଦ, ଗୋଲୁ ଦଣ୍ଡସେନା, ରିଙ୍କୁ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



କୋଶଲି ସାଂସ୍କୃତିକ ମହୋତ୍ସବରେ ମଞ୍ଚାସୀନ ଅତିଥି ।



ବରଗଡ଼ ଜିଲା ସୋହେଲା ଇଚ୍ଛାପାଲିଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରାଯାଉଛି।



କାର୍ଯ୍ୟକ୍ରମରେ ସମବେତ ମହିଳା ପୁରୁଷ।

# ମୁଖ୍ୟମନ୍ତ୍ରୀଙ୍କ ଗସ୍ତର ଏପାଖ ସେପାଖ

## ଗସ୍ତ ପୂର୍ବରୁ ଅଟକ

ବରଗଡ଼,୮।୧୨(ପ୍ରେମାନନ୍ଦ ଖମାରୀ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ବରଗଡ଼ ଗସ୍ତକୁ ଶୃଙ୍ଖଳିତ ଭାବେ ସମାପନ କରିବା ପାଇଁ ପୋଲିସ ଆଗୁଆ ପଦକ୍ଷେପ ନେଇଥିଲା। ଏହି କ୍ରମରେ ସମ୍ଭାବ୍ୟ ଆନ୍ଦୋଳନକୁ ଏଡ଼ାଇବା ପାଇଁ ପୋଲିସ ରବିବାର ଭୋର୍‌ରୁ ବିଭିନ୍ନ ଦଳୀୟ ନେତା, ସଙ୍ଗଠକଙ୍କୁ ଉଠାଇ ନେଇଥିଲା। ସେମାନଙ୍କ ମଧ୍ୟରେ ଆପ୍ ଜିଲା ଆବାହକ ଭବାନୀ ପ୍ରସାଦ ସାହୁ, କଂଗ୍ରେସର ବ୍ରହ୍ମା ମହାକୁଡ଼, କିଶୋର ସାହୁ ପ୍ରମୁଖଙ୍କୁ ବରଗଡ଼ ଟାଉନ ଥାନା, କୋସଲ ସେନାର ବିରବଲ ମହାକୁଡ଼ଙ୍କୁ ବରଗଡ଼ ସଦର ଥାନା, ଜୟ କିଷାନ ଆନ୍ଦୋଳନର ସମ୍ପାଦକ ହର ବଣିଆଙ୍କ ସମେତ ଅନେକ ଲୋକଙ୍କୁ ସୋହେଲା ଥାନା ପୋଲିସ ଉଠାଇ ନେଇ ଅଟକ ରଖିଥିଲା। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମ ସରିବା ପରେ ପୋଲିସ ସେମାନଙ୍କୁ ଛାଡ଼ିଥିଲା।

## ଧନୁଯାତ୍ରାକୁ ଆସିବେ ମୁଖ୍ୟମନ୍ତ୍ରୀ

ବରଗଡ଼ ଧନୁଯାତ୍ରା ମହୋତ୍ସବ ୨୦୨୫ ଜାନୁୟାରୀ ୩ତାରିଖରୁ ଆରମ୍ଭ ହେବ। ୧୧ଦିନ ବ୍ୟାପୀ ଜାନୁୟାରୀ ୧୩ତାରିଖ ପର୍ଯ୍ୟନ୍ତ ଏହା ଚାଲିବ। ତେବେ ରବିବାର ସୋହେଲା ଇଚ୍ଛାପାଲିଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଆସନ୍ତା ଧନୁଯାତ୍ରା ମହୋତ୍ସବକୁ ନିଶ୍ଚୟ ଆସିବେ ବୋଲି ସୂଚନା ଦେଇଥିଲେ। ଏହାପୂର୍ବରୁ ସୋହେଲା ବ୍ଲକ ଘେଁସ୍‌ରେ ଆସନ୍ତା ୩୧ତାରିଖରେ ହେବାକୁ ଥିବା ବୀରତା ଦିବସକୁ ମଧ ସେ ଆସିବେ ବୋଲି କହିଥିଲେ।

## ମଣ୍ଡିରୁ ଜେଲ୍‌କୁ ଯିବେ ଦଲାଲ

ଧାନ ସଂଗ୍ରହ ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବା ପାଇଁ ସରକାର ସବୁପ୍ରକାର ପଦକ୍ଷେପ ନେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥଠଲେ। ଏପରିକି ଦଲାଲଙ୍କ ଦୌରାତ୍ମ୍ୟରୁ ରକ୍ଷା କରିବା ତଥା ମଣ୍ଡିଗୁଡ଼ିକୁ ଦଲାଲମୁକ୍ତ କରିବା ପାଇଁ ସିସିଟିଭି ଲଗାଯାଇଛି ଏବଂ ଏନ୍‌ଫୋର୍ସମେଣ୍ଟ ଟିମ୍ ମଧ୍ୟ ସେଥିପ୍ରତି ନଜର ରଖିଛନ୍ତି। ମଣ୍ଡିରେ ଦଲାଲ ଧରାପଡ଼ିଲେ ସେଠାରୁ ସେମାନେ ସିଧାସଳଖ ବରଗଡ଼ ଜେଲକୁ ଯିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ଏହା କହିବା ପୂର୍ବରୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମଧ୍ୟ ଏହା କହିଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କଲେ ଏମ୍‌ପି

ସମ୍ବଲପୁରୀ/କୋଶଲୀ ଭାଷାକୁ ସମ୍ବିଧାନର ଅଷ୍ଟମ ସୂଚୀରେ ସାମିଲ କରିବା ପାଇଁ ଦୀର୍ଘଦିନରୁ ଦାବି ହୋଇଆସୁଛି। କିନ୍ତୁ ଏପର୍ଯ୍ୟନ୍ତ ସେହି ଦାବି ପୂରଣ ହୋଇ ପାରି ନ ଥିବା ଯୋଗୁ ଅସନ୍ତୋଷ ଲାଗି ରହିଛି। ତେବେ ଏହି ଦାବି ପୂରଣ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

## ବିଜେଡି ବିଧାୟିକା ଅନୁପସ୍ଥିତ

ଚାଷୀଙ୍କୁ ଇନ୍‌ପୁଟ୍ ସହାୟତା ବଣ୍ଟନ ଶୁଭାରମ୍ଭ କାର୍ଯ୍ୟକ୍ରମରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ମଧ୍ୟ ଯୋଗଦେବାର କାର୍ଯ୍ୟକ୍ରମ ରହିଥିଲା। ପ୍ରଶାସନ ପକ୍ଷରୁ ଗଣମାଧ୍ୟମକୁ କାର୍ଯ୍ୟକ୍ରମ ପୂର୍ବରୁ ଦିଆଯାଇଥିବା ସୂଚନାରେ ତାଙ୍କ ନାମ ଉଲ୍ଲେଖ ରହିଥିଲା। ତେବେ ଉକ୍ତ କାର୍ଯ୍ୟକ୍ରମରେ ବିଜେଡି ବିଧାୟିକା ବରିହାଙ୍କୁ ଦେଖିବାକୁ ମିଳି ନ ଥିଲା। ଜିଲାର ଅନ୍ୟ ୪ ଭାଜପା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ଅଶ୍ୱିନୀ ଷଡ଼ଙ୍ଗୀ, ସନତ କୁମାର ଗଡ଼ତିଆ ଏବଂ ଇରାସିସ୍ ଆଚାର୍ଯ୍ୟ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ କଳାକାରମାନେ ଲୋକନୃତ୍ୟ ପରିବେଷଣ କରୁଛନ୍ତି।

# ପଦ୍ମପୁରରେ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା



ମୁଖ୍ୟମନ୍ତ୍ରୀଙ୍କୁ ଭାଜପା ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

ପଦ୍ମପୁର, ୮।୧୨ (ପ୍ରଦୀପ୍ତ ଦାଶ)

ବରଗଡ଼ ଜିଲା ସୋହେଲା ନିକଟସ୍ଥ ଇଚ୍ଛାପାଲି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପଦ୍ମପୁର ଉଡ଼ାଜାହାଜ ପଡିଆରେ ଓହ୍ଲାଇଥିଲେ। ତାଙ୍କ ସହ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ମଧ ଥିଲେ। ଏହି ଅବସରରେ ସରକାରଙ୍କ ପ୍ରତିଶ୍ରୁତି ପାଳନ କରିଥିବାରୁ ପଦ୍ମପୁରର ଯୁବନେତା ପ୍ରିତେଶ ବହିଦାର ଚାଷୀଙ୍କ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ। ଏହି ସମୟରେ ଅଶୋକ ମିଶ୍ର, ସୁବାସ ପାତ୍ର, ହରି ସିଂ, ରମେଶ ଗର୍ଗ, ସୁନୀଲ ଅଗ୍ରୱାଲ, କାଉନସିଲର କୁନାଲ ପାଣିଗ୍ରାହୀ, ପ୍ରମିଳା ମେହେର, ଚିନ୍ମୟ ପଣ୍ଡା, ଜ୍ୟୋସ୍ନାରାଣୀ କର, ସାମଲ ଦାସ, ନାରାୟଣ ପୁରୋହିତ, ନିରୋଜ ସିଂହ, ନରେଶ ସାହୁ, ରବି ସାହୁ, ଦିନେଶ ବାରିକ, ସୁରେଶ ସାହୁ, ସୁରଜ ସୁନା, ଅମିତ ଗର୍ଗ, ବାରିଶ ରାଜା ପ୍ରମୁଖ ଉପସ୍ଥିତ ଥିଲେ।

# ବିନ୍ଧ୍ୟବାସିନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ

ପାଇକମାଳ,୮।୧୨(ବଡ଼ ଶତପଥୀ)

ବରଗଡ ଜିଲା ପାଇକମାଳ ବିନ୍ଧ୍ୟବାସିନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟର ଅଧକ୍ଷ ଶ୍ୟାମଲାଲ ପ୍ରଧାନ ସଭାପତିତ୍ୱ କରିଥିଲେ। ଏଥିରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥି, ବରଗଡ଼ ଜିଲା ଶିକ୍ଷାଧିକାରୀ ରାଧାକାନ୍ତ ଛାତ୍ରୀ ମୁଖ୍ୟ ବକ୍ତା, ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ, ବରପାଲି ବିଧାୟକ ସନତ ଗଡ଼ତିଆ, ବରଗଡ଼ ଧନୁଯାତ୍ରା କମିଟିର ସମ୍ପାଦକ ସୁରେଶ୍ୱର ଶତପଥୀ ଓ ଆଦିବାସୀ ନେତା ଗୋବର୍ଦ୍ଧନ ଭୁଏ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରୀଛାତ୍ର ଭଲ ପାଠ ପଢି ଭଲ ମଣିଷ ହୋଇ ଦେଶ ସେବା କରିବା ସହ ମା'ବାପା ଓ ନିଜ ମାଟିର ନାମ ରଖିବା ପାଇଁ ଅତିଥିମାନେ ଉପଦେଶ ଦେଇଥିଲେ। ନିରୂପମା ପ୍ରଧାନ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଇଂଲିଶ ଶିକ୍ଷକ ସୁନିଲ ପ୍ରଧାନ ବାର୍ଷିକ ବିବରଣୀ ପଠନ କରିଥିଲେ। ଗତ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ବିଜ୍ଞାନ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରଜ୍ଞା ପରିମିତା ପ୍ରଧାନଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି କଳା ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ସ୍ୱର୍ଗତ ଶ୍ରେୟା ସାହୁଙ୍କ ପିତାଙ୍କୁ ମରଣୋତ୍ତର ପୁରସ୍କାର ପ୍ରଦାନ କରାଯାଇଥିଲା। ଇତିହାସ ବିଭାଗର ଶିକ୍ଷକ ମୀନକେତନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।



ଉତ୍ସବରେ ମଞ୍ଚାସୀନ ଅତିଥିଗଣ।

# ଗୋଡ଼ଭଗାରେ ଚକ୍ଷୁ ପରୀକ୍ଷା ଶିବିର

ସରଣ୍ଡା,୮।୧୨(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ବ୍ଲକ ଅଧୀନ ଗୋଡଭଗା ସମଲେଶ୍ୱରୀ ମନ୍ଦିର ପରିସରରେ ଲାୟନ୍ସ କ୍ଲବ ଗୋଡଭଗା ରୟାଲ ଓ ତ୍ରିଲୋଚନ ନେତ୍ରାଳୟ ସମ୍ବଲପୁରର ମିଳିତ ଆନୁକୂଲ୍ୟରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି । ସମ୍ବଲପୁର ତ୍ରିଲୋଚନ ନେତ୍ରାଳୟର ଡାକ୍ତର ରାକେଶ ରାଉତ ଓ ଟିମ୍ ଚକ୍ଷୁ ଚିକିତ୍ସା କରିଥିଲେ। ମୋଟ ୧୬୦ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୮୨ ଜଣଙ୍କୁ ଚଷମା ପ୍ରଦାନ କରାଯାଇଥିଲା ଏବଂ ୫୦ ଜଣଙ୍କ ଚକ୍ଷୁ ଅସ୍ତ୍ରୋପଚାର ପାଇଁ ଚିହ୍ନଟ କରାଯାଇ ତ୍ରିଲୋଚନ ନେତ୍ରାଳୟକୁ ପଠାଯାଇଥିଲା। ଦେବବ୍ରତ ରଥ, ସତୀଶ ଦାସ, ବେଦବ୍ୟାସ ସେଠ, ପ୍ରଦୀପ କର୍ଣ୍ଣ, ଚିତ୍ତରଞ୍ଜନ ସାହୁ, ଅଜୟ ବାଙ୍କା, ବ୍ରିଜେଶ ମିତ୍ତଲ, ସାଇ ଆନନ୍ଦ ବିଶ୍ୱାଳ, ସୁବର୍ଣ୍ଣ ମେହେର, ବୀରେନ୍ଦ୍ର ଅଦାବର, ସୁଧୀର ଦାସ, ପ୍ରେମରାଜ ପଧାନ ଓ ସୁମନ୍ତ ଭୋଇ ପ୍ରମୁଖ ସହଯୋଗ କରିଥିଲେ।



ଶିବିରରେ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଉଛି।

# ପାଇକମାଳ ହାଇସ୍କୁଲରେ ମିଶନ ୧୦୦




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

ପାଇକମାଳ,୮।୧୨(ବଡ଼ ଶତପଥୀ)

ବରଗଡ ଜିଲା ପାଇକମାଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ରବିବାର ବିଇଓ ଚୂଡ଼ାମଣି ବାରିକଙ୍କ ଅଧ୍ୟକ୍ଷତାରେ ମିଶନ ୧୦୦ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ବିଇଓ ଜନକଲାଲ ମେହେର ଏହାକୁ ଉଦ୍‌ଘାଟନ କରିଥିଲେ। ସମାପନ ସମାରୋହରେ ଜିଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କଠିନ ପରିଶ୍ରମ କରି ସମସ୍ତ ବିଷୟରେ ୧୦୦ନମ୍ବର ରଖି କୃତିତ୍ୱ ଅର୍ଜନ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଶିବିରରେ ପାଇକମାଳ ବ୍ଲକର ୮୭ଜଣ ଛାତ୍ରୀଛାତ୍ରଙ୍କୁ ୧୭ ଜଣ ସାଧନ କର୍ମୀ ପ୍ରଶିକ୍ଷଣ ଦେଇଥିଲେ। ଜିଲା ବିଜ୍ଞାନ ନିରୀକ୍ଷକ ଧୀରୋଜ କୁମାର ପଟ୍ଟନାୟକ ଏବଂ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରମେଶ ଭୋଇ ନନ୍ଦଲାଲ ନାୟକ, ବଳରାମ ସାହୁ ତଥା ଶିକ୍ଷାବିତ୍ ସସ୍ମିତା ସାହୁ ଛାତ୍ରୀଛାତ୍ରଙ୍କୁ ୧୦୦ରୁ ୧୦୦ ଅଙ୍କ ରଖିବା ପାଇଁ ବିଭିନ୍ନ ସୂତ୍ର ବୁଝାଇଥିଲେ। ବବିତା ବେହେରା, ସୁଦାମ ପାଣ୍ଡେ, ଲଳିତ କୁମାର ବିଶ୍ୱାଳ, ନନ୍ଦିନୀ ସେଠ୍, ଅମିତ ସାହୁ, ଜଗବନ୍ଧୁ ସ୍ୱର୍ଣ୍ଣଲତା ସ୍ୱାଧୀନ ଏବଂ ତ୍ରିଲୋଚନ ନାୟକ ମଞ୍ଚ ପରିଚାଳନ କରିଥିବା ବେଳେ ପ୍ରଧାନ ଶିକ୍ଷକ ଦ୍ୱାଦଶ କୁମାର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଗଙ୍ଗାଧର ମେହେର କ୍ଲବର ନୂତନ କର୍ମକର୍ତ୍ତା

ବରପାଲି,୮।୧୨(ଚିତ୍ତରଞ୍ଜନ ସାହୁ)

ବରପାଲି ଗଙ୍ଗାଧର ମେହେର କ୍ଲବର ଚଳିତ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଏହି ଉପଲକ୍ଷେ ସଭାପତି ଡ. ଘନଶ୍ୟାମ ପାଣିଗ୍ରାହୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ସହ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ନରେନ୍ଦ୍ର କୁମାର ହୋତା ସଭାପତି, ପଦ୍ମଲୋଚନ ସାହୁ, ବନ୍ତରାମ୍ ସେଠ୍ ଉପସଭାପତି, ବାଲକିଶୋର ଖାଡଙ୍ଗା ସାଧାରଣ ସମ୍ପାଦକ, ଗଣେଶ ରାମ ମେହେର, ଆଶୁତୋଷ ମେହେର ସହ ସମ୍ପାଦକ, ଉପଗୁପ୍ତ ତ୍ରିପାଠୀ କୋଷାଧକ୍ଷ, ରାଜାରାମ ମେହେର ସହ କୋଷାଧକ୍ଷ, ବାଲକୃଷ୍ଣ ପୁଝାରୀ ସାଂସ୍କୃତିକ ସମ୍ପାଦକ, ମହେନ୍ଦ୍ର ଗହୀର ଆଇନ ପରାମର୍ଶଦାତା ଭାବେ ଚୟନ ହୋଇଥିଲେ। ଉପଦେଷ୍ଟା ମଣ୍ଡଳୀରେ ଡ. ଘନଶ୍ୟାମ ପାଣିଗ୍ରାହୀ, ଆନନ୍ଦ ଚନ୍ଦ୍ର ମେହେର, ହୃଷୀକେଶ ମେହେର, ଧ୍ରୁବରାଜ ମେହେର, ଶୁକଦେବ ସାହୁ, ବାସୁଦେବ ପତି, ସରୋଜ କୁମାର ତ୍ରିପାଠୀ, ଚିତ୍ତରଞ୍ଜନ ସାହୁ, ଡ. ସୁରେନ୍ଦ୍ର କୁମାର ମେହେର, ନରେଶ ଅଗ୍ରୱାଲ ପ୍ରମୁଖ ରହିଛନ୍ତି ।

# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଗାଇସିଲେଟ,୮।୧୨(ଦୁର୍ଗା ପ୍ରସାଦ ତ୍ରିବେଦୀ)

ଗାଇସିଲେଟ ବ୍ଲକ ପରିସରରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ସ୍ଥାନୀୟ ବ୍ଲକ ଅଧ୍ୟକ୍ଷ ପ୍ରଣୟ କୁମାର ସାହୁ, ବିଡିଓ ଲକ୍ଷ୍ମଣ ମାଝୀ, ଜିଲା ପରିଷଦ ସଭ୍ୟା ଝରଣା ପାଣିଗ୍ରାହୀ, ସରପଞ୍ଚ ଶରତ କାଲୋ, ପୂର୍ବତନ ଭଜାପା ଜିଲା ଉପ ସଭାପତି ପ୍ରବୀଣ କୁମାର ପାଣିଗ୍ରାହୀ, ବ୍ଲକ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଶିବାନୀ ଭୋଇ ପ୍ରମୁଖ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ମୋଟ ୭୮୪ ଜଣ ଦିବ୍ୟାଙ୍ଗ ପଞ୍ଜୀକୃତ ହୋଇଥିଲେ। ସେମାନଙ୍କ ମଧ୍ୟରେ ୨୫୪ ଜଣ ଅସ୍ଥି ବିକଳାଙ୍ଗ ଭାଗ ନେଇଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

# ପଞ୍ଚଦିବସୀୟ ପ୍ରଥମ ପର୍ଯ୍ୟାୟ ସଂକଳ୍ପ ଶିବିର ଉଦ୍‌ଯାପିତ

ପଦ୍ମପୁର,୮।୧୨(ପ୍ରଦୀପ୍ତ ଦାଶ)

ପଦ୍ମପୁର ରାଜବୋଡ଼ାସମ୍ବର ଉଚ୍ଚ ବିଦ୍ୟାଳୟରେ ମାଧ୍ୟମିକ ଶିକ୍ଷା ପରିଷଦର ନବ ନିଯୁକ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ଶିକ୍ଷଣ କୌଶଳ, ବ୍ୟାବହାରିକ କୌଶଳ ତଥା ଶିକ୍ଷାନୁଷ୍ଠାନର ନୀତିନିୟମ ସମ୍ବନ୍ଧୀୟ ଜ୍ଞାନର ଅଭିବୃଦ୍ଧି ସମେତ ଦକ୍ଷତା ବିକାଶ ପାଇଁ ପଞ୍ଚଦିବସୀୟ ସଂକଳ୍ପ ତାଲିମ ଶିବିରର ପ୍ରଥମ ପର୍ଯ୍ୟାୟ ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଭିଳାଷ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଧନ କର୍ମୀ ରାଜେଶ କୁମାର ଖମାରୀ, ଟିକେଶ୍ୱର ପଟେଲ, ଚିତ୍ତରଞ୍ଜନ ସାହୁ ଏବଂ ଅରିନ୍ଦମ ମହାନ୍ତି ମଞ୍ଚାସୀନ ଥିଲେ। ଜିଲା ପ୍ରକଳ୍ପ ସଂଯୋଜକ ଅଫିସ୍‌ର ପେଡ଼ାଗୋଜି କୋର୍ଡିନେଟର ପୁଷ୍ପାଞ୍ଜଳି ଦାସ ଉପସ୍ଥିତ ଥିଲେ। ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର କରାଯାଇଥିଲା। ଶିକ୍ଷକ ରୁଦ୍ରାଙ୍ଗଦ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକ।

# ମାଁ ମାହେଶ୍ୱରୀ ସେନାର ବୈଠକ

ସରଣ୍ଡା, ୮।୧୨(ଯୁଧିଷ୍ଠିର ମହାପାତ୍ର )

ବରଗଡ଼ ଜିଲା ଭେଡେନ ବ୍ଲକ ଅନ୍ତର୍ଗତ ପପଙ୍ଗା ପାହାଡ଼ ତଳେ ବରଗଡ଼ ମାଁ ମାହେଶ୍ୱରୀ ସେନାର ସାଧାରଣ ପରିଷଦ ବୈଠକ ସହ ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର ପ୍ରତୁଲ କୁମାର କର୍ଣ୍ଣଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସେନାର ସେବା କାର୍ଯ୍ୟକ୍ରମ କିପରି ଗ୍ରାମ୍ୟ ସ୍ତରରେ ଠିକ୍ ଭାବେ ପହଞ୍ଚିପାରିବ ଓ ସଙ୍ଗଠନରେ ଆହୁରି ସଦସ୍ୟ ଯୋଡି ହୋଇ ପାରିବେ ସମସ୍ତ ସଂଯୋଜକଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଏହିସବୁ କାର୍ଯ୍ୟକ୍ରମ ପରିଚାଳନା କରିବା ପାଇଁ ୨୦ଜଣିଆ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା। ସମ୍ପାଦକ ଘନଶ୍ୟାମ କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ। ସେନାର ସମସ୍ତ ସଦସ୍ୟ ଉପସ୍ଥିତ ରହି ଥିଲେ।

# ଦ୍ୱାଦଶତମ ଜି.ପି.ଏଲ୍. କ୍ରିକେଟ ପ୍ରତିଯୋଗିତା

# ସୁପ୍ରିମ୍ ସ୍ମାର୍ଟନ ଚାମ୍ପିୟନ



ମୁଖ୍ୟଅତିଥି ଚାମ୍ପିୟନ ଦଳକୁ ପୁରସ୍କୃତ କରୁଛନ୍ତି।

ସରଣ୍ଡା,୮।୧୨(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଗମ୍ଭାରୀପାଲି ମାଁ ମାହେଶ୍ୱରୀ କ୍ରିକେଟ ଆସୋସିଏଶନ ଦ୍ୱାରା ଆୟୋଜିତ ଦୁଇଦିନିଆ ଦ୍ୱାଦଶତମ ଜି.ପି.ଏଲ. କ୍ରିକେଟ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଗମ୍ଭାରୀପାଲିର ତିନୋଟି ଦଳ ଯଥା ସୁପ୍ରିମ ସ୍ମାର୍ଟନ, ଡାଇନାମିକ ଡେୟାରଡେଭିଲ୍‌ସ, ରୟାଲ ଷ୍ଟ୍ରାଇକର ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ସୁପ୍ରିମ୍ ସ୍ମାରଟନ ଟିମ୍ ଚାମ୍ପିୟନ ଓ ଡାଇନାମିକ ଡେୟାର ଡେଭିଲ୍‌ସ ରନର୍ସ ଅପ୍ ହୋଇଥିଲା। ଏହି ଅବସରରେ ଚାମ୍ପିୟନ ଦଳର କ୍ୟାପଟେନ ମଧୁସୂଦନ ପ୍ରଧାନ ଓ ରନର୍ସ ଅପ୍ ଦଳର କ୍ୟାପଟେନ ପରେଶ ପ୍ରସାଦ ସେଟଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଲରମ୍ଭା ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଭାରତ ସରାଫ ମୁଖ୍ୟଅତିଥି ଭାବେ ଯୋଗ ଦେଇ କ୍ରିକେଟ ଖେଳକୁ ଆହୁରି ଉଚ୍ଚକୋଟୀର କରିବା ପାଇଁ ଗ୍ରାମୀଣ ଯୁବକମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। କ୍ରିକେଟ ଖେଳପ୍ରେମୀ ବନମାଳି ପର୍ଡିଆ, ନରେଶ ସେଟ ଓ ସନ୍ତୋଷ ମହାକୁର ପ୍ରମୁଖ ଉପସ୍ଥିତ ଥିଲେ। ରାହୁଲ କୁମାର ବଘାର ଧନ୍ୟବାଦ ଅର୍ପଣ କରିଥିଲେ।

# ବରିଷ୍ଠ କଂଗ୍ରେସ ନେତାଙ୍କ ବିୟୋଗ

ରାଉରକେଲା,୮।୧୨(ସଙ୍ଗୀତା ଜେନା)

ରାଉରକେଲା ଜିଲା କଂଗ୍ରେସ ଉପାଧ୍ୟକ୍ଷ ରାମପୁକାର ସିଂହଙ୍କ ଶନିବାର ରାତିରେ ହୃଦ୍‌ଘାତରେ ମୃତ୍ୟୁ ହୋଇଛି। ସେ ହଠାତ୍ ଅସୁସ୍ଥ ହେବାରୁ ତାଙ୍କୁ ବାସନ୍ତୀ କଲୋନୀ ସ୍ଥିତ ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରବିବାର ପୂର୍ବାହ୍ନରେ ବେଦବ୍ୟାସ ତ୍ରିବେଣୀ ସଙ୍ଗମରେ ତାଙ୍କର ଅନ୍ତ୍ୟେଷ୍ଟି କ୍ରିୟା ସମ୍ପନ୍ନ ହୋଇଛି। ଜିଲା କଂଗ୍ରେସ ପକ୍ଷରୁ ଗାର୍ଡ ଅଫ୍ ଅନର ପ୍ରଦାନ ପରେ ଶେଷଯାତ୍ରା ଆରମ୍ଭ ହୋଇଥିଲା। ଏଥିରେ ଡିସିସି ସଭାପତି ରବି ରାୟ, ସାବିର ହୁସେନ୍, ଜ୍ଞାନେନ୍ଦ୍ର ଦାସ, ଆଶିଷ ମହାନ୍ତି, ବରଖିମ


ରାମପୁକାର ସିଂହ

ସିଂହ, ରମେଶ ଗୁପ୍ତା, ମନୁ ସାମଲ, ଅଶୋକ ନାୟାର, ବିନୋଦ ରାଉତ, ଦୁସା ନାୟକ, ଧର୍ମେନ୍ଦ୍ର ସିଂହ, ତ୍ରୈଲୋଚନ ସାହୁ, ବିରେନ ସେନାପତି, କୈଳାସ ସାହୁ, ବୁଲୁ ଦାସ, ଧର୍ମେନ୍ଦ୍ର ପରମାର, ସମାଜସେବୀ ନିହାର ରାୟ, ଭୀମ ମହତୋ ପ୍ରମୁଖ ଶେଷ ଦର୍ଶନ କରିଥିଲେ।

# ନାଟକ 'ଜନ୍ମମାଟି'ରେ ଗ୍ରାମୀଣ ଚିତ୍ର


ନାଟକ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଗଣ।


ପରିବେଷିତ ନାଟକର ଏକ ଦୃଶ୍ୟ।

## ଇସ୍ପାତ ନାଟ୍ୟ ମହୋତ୍ସବର ସପ୍ତମ ସନ୍ଧ୍ୟା

ରାଉରକେଲା,୮।୧୨(ସଙ୍ଗୀତା ଜେନା)

ଏକତ୍ର ରାଉରକେଲାର ଇସ୍ପାତ ନାଟ୍ୟ ମହୋତ୍ସବ-୨୦୨୪ର ସପ୍ତମ ସନ୍ଧ୍ୟାରେ ସମ୍ପର୍କ ଅନୁଷ୍ଠାନର ନାଟକ 'ଜନ୍ମମାଟି' ମଞ୍ଚସ୍ଥ ହୋଇଯାଇଛି। ବିଭୁପ୍ରସାଦ ନାୟକଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ ଉଦ୍‌ଘାଟକ, ଆରଏସ୍‌ପିର ପ୍ରାକ୍ତନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଦୀପ ସାହୁ ମୁଖ୍ୟ ଅତିଥି, ସଚେତନ ନାଗରିକ ମଞ୍ଚ ସଭାପତି ଇଂ. ବିମଳ କୁମାର ବିଶି, ଓଡ଼ିଶା ନାଟ୍ୟ ସଂଘର ସାଧାରଣ ସମ୍ପାଦକ ଶୁଭକାନ୍ତ ପାଢ଼ୀ, ସମାଜସେବୀ ମହେନ୍ଦ୍ର ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ନଳିନୀପ୍ରଭା ପଟ୍ଟନାୟକ, ଭାରତ ଭୂଷଣ ମହାନ୍ତି, ବିଷ୍ଣୁ ମହାନ୍ତି, ଶର୍ମିଷ୍ଠା କବି ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଏକତ୍ର ପକ୍ଷରୁ ପ୍ରଦୀପ କୁମାର ପଣ୍ଡା ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଜ୍ଞାନନ୍ଦ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

ନାଟ୍ୟକାର ପଦ୍ମଶ୍ରୀ ମନୋରଞ୍ଜନ ଦାସଙ୍କ ରଚିତ ଓ ଭାସ୍କର ଚନ୍ଦ୍ର ମହାପାତ୍ରଙ୍କ ନିର୍ଦ୍ଦେଶିତ ଏହି ନାଟକର ବିଷୟବସ୍ତୁ ଏହିପରି। ଗାନ୍ଧିଜୀ କହିଥିଲେ ଯେ ପର୍ଯ୍ୟନ୍ତ ଗାଁର ସର୍ବାଙ୍ଗୀନ ଉନ୍ନତି ହୋଇନାହିଁ ସେ ପର୍ଯ୍ୟନ୍ତ ଦେଶର ପ୍ରଗତି ସମ୍ଭବ ନୁହେଁ। ଦୁଃଖର ବିଷୟ ସ୍ୱାଧୀନତାର ୭୭ ବର୍ଷ ପରେ ବି ଭାରତର ଗାଁଗୁଡିକର ଆଶାନୁରୂପ ଉନ୍ନତି ହୋଇପାରିନାହିଁ। ଗାଁର ଶିକ୍ଷିତ ପିଲାମାନେ ସହରର ବାହ୍ୟ ଚାକଚକ୍ୟରେ ଆକର୍ଷିତ ହୋଇ ସହରକୁ ଯାଉଛନ୍ତି। ଗାଁରେ ରହୁଛନ୍ତି ଅର୍ଦ୍ଧ ଶିକ୍ଷିତ, ବୟସ୍କ ଓ ଛୋଟ ପିଲାମାନେ। କଠିନ ପରିଶ୍ରମ କରି ଏଠାକାର କୃଷକ ଯେଉଁ ଉନ୍ନତି କରୁଛି, ଅର୍ଦ୍ଧଶିକ୍ଷିତ ତା ପ୍ରତି ଈର୍ଷାନ୍ୱିତ ହୋଇ ତାର ସର୍ବନାଶ କରିବାକୁ ଆଗେଇ ଆସୁଛନ୍ତି । ଅନ୍ୟପଟେ ବାତ୍ୟା, ବନ୍ୟା, ଅନାବୃଷ୍ଟିରେ ଶ୍ରୀହୀନ ହୋଇପଡୁଛି ଜନ୍ମମାଟି। ତେବେ ଗାଁରୁ ଯାଇଥିବା ପିଲାମାନେ ସତରେ କ'ଣ ଗାଁକୁ ଫେରି ଶସ୍ୟଶ୍ୟାମଳା କରିବେ। ଏହିଭଳି କାହାଣୀକୁ ନେଇ ନାଟକଟି ଗତିଶୀଳ ହୋଇଛି। ଏଥିରେ ବିଜୟ ପାତ୍ର, ଭାସ୍କର ମହାପାତ୍ର, ମୁରଲୀଧର ଦାଶ, ବିବେକାନନ୍ଦ ଦାଶ, ସୁରେନ୍ଦ୍ର ପାଢ଼ୀ, ପୁଷ୍ପଲତା ବିଶୋଇ, ସୁଦେଷ୍ଣାରାଣୀ ରାଉତ, ସସ୍ମିତା ବେକ୍, ସୁରଭି ରଣା, ଗ୍ରୀଷ୍ମା, ମୋହିନୀ, ସ୍ୱନ୍ଦିତା, ଶ୍ରେୟାଶ୍ରୀ, ପ୍ରାପ୍ତୀ ଓ ସୁଗୁନ ପ୍ରମୁଖ ଅଭିନୟ କରିଥିଲେ। ସଙ୍ଗୀତରେ ଶକ୍ତିପ୍ରସାଦ ମିଶ୍ର, ମଞ୍ଚ ସଜ୍ଜାରେ ପ୍ରଳୟ ଶତପଥୀ, ରୂପସଜ୍ଜାରେ ମାମା ଚିତ୍ରାଳୟ, ଆଲୋକରେ ରାଜେଶ ଶତପଥୀ, ମଞ୍ଚ ପରିଚାଳନାରେ ସଞ୍ଜୀବ ଚାନ୍ଦ ପ୍ରମୁଖ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଦୀପ ନାୟକ, ଅକ୍ଷୟ ଧଳ, ଡ. ସମର ମୁଦାଲି, ରମେଶ ମହାନ୍ତି , ଡା. କୃପାସିନ୍ଧୁ ନାୟକ, ପ୍ରବୀର ଜେନା, ଆଲୋକ ବୋଷ, ସଭାପତି ରାଜୀବ ପାଣି ଓ ସମ୍ପାଦକ ସୁଦେଶ ନାୟକ ପ୍ରମୁଖ ସହଯୋଗ କରିଥିଲେ। ମଞ୍ଚ କାର୍ଯ୍ୟକ୍ରମରେ କଲ୍ୟାଣୀ ଦାସ ଓ ସନ୍ଧ୍ୟା ପଟ୍ଟନାୟକ ସହଯୋଗ କରିଥିଲେ।

# ରାଉରକେଲାରେ ବିଧାନସଭା ଅଧିବେଶନ ପ୍ରତିଶ୍ରୁତି ପ୍ରାକ୍ ନିର୍ବାଚନୀ ଧୂଆଁବାଣ

ରାଉରକେଲା, ୮।୧୨ (ସଙ୍ଗୀତା ଜେନା)

ବର୍ଷକୁ ଥରେ ରାଉରକେଲାରେ ବିଧାନସଭାର ଏକ ଅଧିବେଶନ ରଖିବାକୁ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ପ୍ରାକ୍ ନିର୍ବାଚନୀ ଘୋଷଣା ଧୂଆଁବାଣରେ ପରିଣତ ହୋଇଛି। ନିର୍ବାଚନ ପୂର୍ବରୁ ରାଉରକେଲାରେ ଏକ ବୁଦ୍ଧିଜୀବୀ ସମ୍ମିଳନୀରେ ସାମଲ ପ୍ରତିଶ୍ରୁତି ଦେଇ କହିଥିଲେ ତାଙ୍କ ଦଳ ସରକାରକୁ ଆସିଲେ ସମ୍ବଲପୁରରେ ହାଇକୋର୍ଟ ବେଞ୍ଚ ଓ ରାଉରକେଲାରେ ବିଧାନସଭାର ଗୋଟିଏ ଅଧିବେଶନ କରାଯିବ। କୋସଲ ଜନତା ଦଳ (କେଜେଡି)ର ରାଜ୍ୟ ସଭାପତି ବୈଦ୍ୟନାଥ ମିଶ୍ର ଏ ପ୍ରସଙ୍ଗ ସେତେବେଳେ ଉଠାଇଥିଲେ ଯାହାକୁ ନୂଆ ସରକାର ଗଠନ ହେଲେ କରାଯିବ ବୋଲି ସାମଲ ପ୍ରତିଶ୍ରୁତି ଦେଇଥିଲେ। ଉକ୍ତ ପ୍ରତିଶ୍ରୁତି ଆଧାରରେ ଆସନ୍ତା ଶୀତକାଳୀନ ଅଧିବେଶନ ଏଠାରେ ହେବ ବୋଲି ରାଉରକେଲାର ଜନସାଧାରଣ ଅପେକ୍ଷାରେ ରହିଛନ୍ତି। ଉକ୍ତ ଘୋଷଣା କାର୍ଯ୍ୟକାରୀ ହେବ କି ନାହିଁ ସାମଲ ତାର ଜବାବ ରଖନ୍ତୁ। ନହେଲେ ସମ୍ବଲପୁରରେ ହାଇକୋର୍ଟ ବେଞ୍ଚ ସ୍ଥାପନ ପ୍ରତିଶ୍ରୁତି ଭଳି ଏହା ମଧ୍ୟ ଏକ ନିର୍ବାଚନୀ ଧୂଆଁବାଣ ହେବ ବୋଲି କେଜେଡି ପକ୍ଷରୁ ଜାରି ଏକ ପ୍ରେସ୍ ବିବୃତ୍ତିରେ ମିଶ୍ର କହିଛନ୍ତି।

# ଆମ୍ବେଡକରଙ୍କୁ ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ପକ୍ଷରୁ ଶ୍ରଦ୍ଧାଞ୍ଜଳି


ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଭାଜପା ନେତା।

ରାଉରକେଲା,୮।୧୨(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର-୩ ସ୍ଥିତ ଭାଜପା କାର୍ଯ୍ୟାଳୟରେ ଜିଲା ଅନୁସୂଚିତ ଜାତି ମୋର୍ଚ୍ଚା ତରଫରୁ ଭାରତରତ୍ନ ଡକ୍ଟର ଭୀମରାଓ ଆମ୍ବେଡ଼କରଙ୍କ ମହାପ୍ରୟାଣ ଦିବସ ପାଳିତ ହୋଇଯାଇଛି। ଏ ନେଇ ଏକ ଶ୍ରଦ୍ଧାଞ୍ଜଳି ସଭା ରାଜ୍ୟ ଅନୁସୂଚିତ ଜାତି ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ତଥା ରାଜ୍ୟ ସଂଯୋଜକ ଭ୍ରମରବର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ଅନୁସୂଚିତ ଜାତି ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ଚନ୍ଦନ ସ୍ୱରାଜ ମୁଖ୍ୟଅତିଥି ଭାବେ ଯୋଗଦେଇ ଆମ୍ବେଡ଼କରଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ମୁଖ୍ୟଅତିଥି ବାବାସାହେବଙ୍କ ସ୍ମୃତିଚାରଣ କରିଥିଲେ। ଏଥିସହ ସମସ୍ତଙ୍କୁ ଆମ୍ବେଡ଼କରଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ରାଜ୍ୟ ସଂଯୋଜକ ସୁଶୀଲ ସେଠୀ, ଜିଲା ମୁଖପାତ୍ର ଗଙ୍ଗାଧର ଦାଶ, ଜିଲା ସମ୍ପାଦକ ସରୋଜ ଦାଶ ପ୍ରମୁଖ ଆମ୍ବେଡ଼କରଙ୍କ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ଅନୁସୂଚିତ ମୋର୍ଚ୍ଚା କାର୍ଯ୍ୟକର୍ତ୍ତା ପବିତ୍ର ମୋହନ ବେହେରା, ଧନେଶ୍ୱର ତନ୍ତୀ, ସନ୍ତୋଷ କୁମାର ବିରାଟଙ୍କ ସମେତ ବହୁ ଭାଜପା ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ଅନୁଦାନ ସତ୍ତ୍ୱେ ଅଧାପନ୍ତରିଆ ଅଙ୍ଗନୱାଡି କେନ୍ଦ୍ର

ରାଉରକେଲା,୮।୧୨(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସମନ୍ୱିତ ଶିଶୁ ବିଭାଗ ପ୍ରକଳ୍ପ ଅଧୀନରେ ମୋଟ୍ ୧୬୦ଟି ଅଙ୍ଗନୱାଡି କେନ୍ଦ୍ର ରହିଥିବାବେଳେ ସହରର ୧୦,୩୩୫ ଶିଶୁଙ୍କୁ ପାଠ୍ୟଦାନ କରାଯାଉଛି। ତେବେ ସହରରେ ଥିବା ଅଙ୍ଗନୱାଡି କେନ୍ଦ୍ର ମଧ୍ୟରୁ ଅଧିକାଂଶ ଭଡାଘର ଓ କ୍ଲବ ଘରେ ଚାଲିଛି। ସରକାରଙ୍କ ପକ୍ଷରୁ କିଛି ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟ ଶେଷ ହେଉନାହିଁ। ସେହିପରି ଅଙ୍ଗନୱାଡି କେନ୍ଦ୍ରରେ ନାନା ଅବ୍ୟବସ୍ଥା ରହିଥିବା ଅଭିଯୋଗ ହେଉଛି।

ରାଉରକେଲାରେ ମୋଟ୍ ୧୬୦ ଅଙ୍ଗନୱାଡି କେନ୍ଦ୍ର ରହିଥିବାବେଳେ ୧୫୯ କର୍ମୀ ନିୟୋଜିତ ହୋଇଛନ୍ତି। ସହରର ୧୩୮ଟି ଅଙ୍ଗନୱାଡି କେନ୍ଦ୍ର ଭଡାଘରେ ଓ କମ୍ୟୁନିଟି ସେଣ୍ଟରରେ ବର୍ଷ ବର୍ଷ ଧରି ଚାଲୁଛି। କୋଟି କୋଟି ଟଙ୍କା ଅନୁଦାନ ସତ୍ତ୍ୱେ ଦୀର୍ଘବର୍ଷ ହେଲା ୧୩୮ଟି ଅଙ୍ଗନୱାଡି କେନ୍ଦ୍ରର ଗୃହ ନିର୍ମାଣ ହେଉନାହିଁ। ସେହିପରି ୮୦ଭାଗ କେନ୍ଦ୍ରରେ ଶୌଚାଳୟ କି ବିଦ୍ୟୁତ୍ ବ୍ୟବସ୍ଥା ନାହିଁ। ୫୦ଭାଗ କେନ୍ଦ୍ରରେ ପାନୀୟ ଜଳ ସମସ୍ୟା ରହିଛି। ୨୦୨୨-୨୩ ଆର୍ଥିକ ବର୍ଷରେ ନିର୍ମାଣ ହୋଇଥିବା ମୋଟ ୨୨ଟି କେନ୍ଦ୍ର ମଧ୍ୟରୁ ବିଧାୟକ ପାଣ୍ଠିରୁ ୧୦ଟି, ତ୍ରୟୋଦଶ ଅନୁଦାନ ପାଣ୍ଠିରୁ ୬ଟି, ବିଆର୍‌ଜିଏଫ୍ ଅନୁଦାନରୁ ୫ଟି କେନ୍ଦ୍ର ସମ୍ପୂର୍ଣ୍ଣ ହେବା ସହ ସମନ୍ୱିତ ଶିଶୁ ବିକାଶ ବିଭାଗକୁ ହସ୍ତାନ୍ତର ହୋଇଛି। ଆରଏମସି ତରଫରୁ ୩୨ଟି ନୂତନ କେନ୍ଦ୍ରର ନିର୍ମାଣ ହେଉଥିବା ବେଳେ ନିର୍ମାଣ କାର୍ଯ୍ୟ ଶେଷ ହୋଇପାରି ନ ଥିବା ଜଣାପଡିଛି।

ଏ ନେଇ ରଘୁନାଥପାଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ କୁହନ୍ତି, ରାଉରକେଲା ଶିଳ୍ପାଞ୍ଚଳ ଓ ସହରାଞ୍ଚଳର ଶିଶୁ ଓ ମା'ମାନଙ୍କ ପାଇଁ ଅତି ଆବଶ୍ୟକ ଥିବା ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ପାଇଁ ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ସହିତ ଖୁବ୍‌ଶୀଘ୍ର ଆଲୋଚନା କରାଯିବ। ଏଥିସହିତ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣରେ ହେଉଥିବା ବିଳମ୍ବକୁ ନେଇ ମଧ୍ୟ ରାଉରକେଲା ଏଡିଏମ୍‌ଙ୍କ ସହିତ ଆଲୋଚନା ହେବ। ପୂର୍ବ ସରକାରଙ୍କ ଦ୍ୱାରା ରାସ୍ତାଘାଟ, ଅଙ୍ଗନୱାଡି କେନ୍ଦ୍ର ଏବଂ ବିଶୁଦ୍ଧ ପାନୀୟ ଜଳ ପ୍ରକଳ୍ପ ଆଦି ଯେଉଁସବୁ ଜରୁରୀ କାମ ଅସମ୍ପୂର୍ଣ୍ଣ ରହିଛି ସେସବୁ କାମ ଖୁବ୍‌ଶୀଘ୍ର ତ୍ୱରାନ୍ୱିତ କରାଯିବ ବୋଲି ତନ୍ତୀ କହିଥିଲେ। ଏ ସମ୍ପର୍କରେ ଆର୍‌ଏମ୍‌ସି ଆୟୁକ୍ତ ଆଶୁତୋଷ କୁଲକର୍ଣ୍ଣୀଙ୍କୁ ପଚାରିବାରୁ ସେ କହିଲେ, ୩୨ଟି ନୂତନ ଅଙ୍ଗନୱାଡି କେନ୍ଦ୍ର ଆର୍‌ଏମ୍‌ସି ପକ୍ଷରୁ ନିର୍ମାଣ ହେଉଛି। ଅନ୍ୟ କେନ୍ଦ୍ରଗୁଡିକର ନିର୍ମାଣ କାର୍ଯ୍ୟ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ବିଭାଗ ହାତରେ ନ୍ୟସ୍ତ ଥିବା ସେ କହିଥିଲେ।

# ସହରବାସୀଙ୍କୁ ଭାଜପା ଦେଇଥିବା ପ୍ରତିଶ୍ରୁତି ପୂରଣ କରାଯିବ: ମନମୋହନ

ରାଉରକେଲା,୮।୧୨ (ବିପ୍ଳବ ରଞ୍ଜନ ଦାଶ)

ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ ରାଉରକେଲାକୁ ଦୁଇଦିନିଆ ଗସ୍ତରେ ଆସି ରବିବାର ସେକ୍ଟର-୩ ଜିଲା ଭାଜପା କାର୍ଯ୍ୟାଳୟରେ ଏକ ଦଳୀୟ ବୈଠକରେ ଯୋଗ ଦେଇଥବଲେ। ଏଥିରେ ଭାଜପା ପାନପୋଷ ସାଙ୍ଗଠନିକ ଜିଲା ସଭାନେତ୍ରୀ ଲତିକା ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ବୈଠକରେ ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ସାରଦା ପ୍ରସନ୍ନ ଶତପଥି, ରଘୁନାଥପଲ୍ଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ, ପୂର୍ବତନ ଭାଜପା ବିଧାୟକ ଶଙ୍କର ଓରାମ, ରାଜ୍ୟ ଭାଜପା ମୁଖପାତ୍ର ଧୀରେନ ସେନାପତି ଓ ଜିଲା ମୁଖପାତ୍ର ଗଙ୍ଗାଧର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ରାଜ୍ୟ ସଭାପତି ସାମଲ ଭାଜପା ନେତା ଓ କର୍ମୀମାନଙ୍କୁ ବୁଥ୍, ଜିଲା ଓ ମଣ୍ଡଳ କମିଟି ଲାଗି ତୁରନ୍ତ ନିର୍ବାଚନ କରାଇବା ଉପରେ ଜୋର୍ ଦେଇଥିଲେ। ଏଥିସହ ଘରକୁ ଘର ଯାଇ ଲୋକଙ୍କୁ ଭାଜପାର ସଦସ୍ୟତା ଅଭିଯାନ ସଫଳ କରିବାକୁ ପରାମର୍ଶ ଦେଇଥିଲେ। ଭାଜପା ସହରବାସୀଙ୍କୁ ଯେଉଁ ସବୁ ପ୍ରତିଶ୍ରୁତି ଦେଇଛି ତାହା ନିଶ୍ଚିତ ଭାବେ ପୂରଣ କରିବ ବୋଲି ସାମଲ କହିଥିଲେ। ବୈଠକରେ ପାନପୋଷ ସାଙ୍ଗଠନିକ ଜିଲାର ବହୁ ଭାଜପା ନେତା ଏବଂ କର୍ମୀ ଯୋଗ ଦେଇଥିଲେ।


ବୈଠକରେ ଉପସ୍ଥିତ ରାଜ୍ୟ ଭାଜପା ସଭାପତିଙ୍କ ସମେତ ଅନ୍ୟମାନେ।

# ପରିବେଶ ଯତ୍ନ ସହ ଶିଳ୍ପ ବିକାଶକୁ ଗୁରୁତ୍ୱ

## ଆଇଇଆଇ ପକ୍ଷରୁ ଦିନିକିଆ ସମ୍ମିଳନୀ

ରାଉରକେଲା,୮।୧୨(ସଙ୍ଗୀତା ଜେନା)

ଇନ୍‌ଷ୍ଟିଚ୍ୟୁଶନ ଅଫ୍ ଇଞ୍ଜିନିୟର୍ସ (ଭାରତ) ଆଇଇଆଇ ରାଉରକେଲା ଶାଖା ପକ୍ଷରୁ ରବିବାର ଶିଳ୍ପ ଏବଂ ମିଶନ ଜୀବନ ସମ୍ପର୍କିତ ଦିନିକିଆ ସମ୍ମିଳନୀ ସମ୍ପନ୍ନ ହୋଇଯାଇଛି। ଏନ୍‌ଆଇଟି ରାଉରକେଲା କ୍ୟାମ୍ପସରେ ଥିବା ଶାଖାରେ ଏହା ଅନୁଷ୍ଠିତ ହେଇଥିଲା। ଓଡ଼ିଶା ଖଣି ନିଗମ ଭୂବିଜ୍ଞାନୀ ତଥା ଡେପୁଟି ମ୍ୟାନେଜର ଡ. ସୁଦୀପ୍ତ ସୁନ୍ଦର ପରିଡା ମୁଖ୍ୟ ଅତିଥି, ରୁଙ୍ଗଟା ମାଇନ୍ସ ନାବେଟ୍ ସଂଯୋଜକ ତଥା ପରିବେଶ ବିଶେଷଜ୍ଞ ଡ. ପୃଥ୍ୱୀରାଜ ସାହୁ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ଅଧିବେଶନରେ ଆଇଇଆଇ ରାଉରକେଲା ଶାଖା ଅଧ୍ୟକ୍ଷ ଇଂ. ସନ୍ତୋଷ ପୋଲାକି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ମିଳନୀର ଆବାହକ ତଥା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ପରିବେଶ ଯନ୍ତ୍ରୀ ଇଂ. ବିଜୟ ଭୋଇ ତଥ୍ୟ ଉପସ୍ଥାପନ କରିଥିଲେ। ପରିବେଶ ଯତ୍ନ ତଥା ଦ୍ରୁତ ଶିଳ୍ପାୟନ ଯୋଗୁ ପ୍ରଦୂଷଣ ତଥା ଏହାର ନିୟନ୍ତ୍ରଣ ପାଇଁ ବିଭିନ୍ନ ପ୍ରସ୍ତାବ ସମ୍ପର୍କରେ ଆଲୋଚନା ହୋଇଥିଲା। ପରେ ଆଇଇଆଇ ସମ୍ପାଦକ ଡ. ଅଜିତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ସମ୍ମିଳନୀରେ ୯ରୁ ଉର୍ଦ୍ଧ୍ୱ ଶିଳ୍ପସଂସ୍ଥା ଅଂଶଗ୍ରହଣ କରିଥିଲେ। ସମୁଦାୟ ୧୫ଟି ବୈଷୟିକ ଉପସ୍ଥାପନ କରାଯାଇଥିଲା। ବୁର୍ଲା ଭିସୁଟ୍‌ର ପ୍ରଫେସର ଗୌତମ ବେହେରା, ଆଇଆଇଟି ଖଡଗପୁରର ଇଂ. ଅଜିତ ନାଏକ ପ୍ରମୁଖ ଉପସ୍ଥାପନାର ମୂଲ୍ୟାୟନ କରିଥିଲେ।

# ଯୋଗଦେଲେ ୧୩୬ ପ୍ରତିଯୋଗୀ

## ଓପନ୍ ସୁନ୍ଦରଗଡ଼ ଡେଡ୍ ଲିଫ୍ଟ ଚାମ୍ପିୟନଶିପ୍

ରାଉରକେଲା,୮।୧୨ (ସଙ୍ଗୀତା ଜେନା)

ଅରିଜିନାଲ୍ ପାୱାର କ୍ଲବ ଆୟୋଜିତ ତଥା ରାଉରକେଲା ୟଙ୍ଗମ୍ୟାନ୍ ଆସୋସିଏଶନ (ଆର୍‌ୱାଇଏମ୍‌ଏ) ସମର୍ଥିତ ଏକଦିବସୀୟ ଓପନ୍ ସୁନ୍ଦରଗଡ଼ ଡେଡ୍ ଲିଫ୍ଟ ଚାମ୍ପିୟନଶିପ୍ ଶନିବାର ସନ୍ଧ୍ୟାରେ ସେକ୍ଟର ୭ କମ୍ୟୁନିଟି ସେଣ୍ଟରରେ ସମ୍ପନ୍ନ ହୋଇଛି। ଏହାକୁ ସୁନ୍ଦରଗଡ଼ କ୍ରୀଡ଼ା ସଂଘ ସାଧାରଣ ସମ୍ପାଦକ ପ୍ରଭାତ ଭୋଳ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ଜୋନାଲ୍-୧ ଡିଏସ୍‌ପି ପୁଷ୍ପାଞ୍ଜଳୀ ନିନ୍‌ଗୀ, ଓପିସି ସାଧାରଣ ସମ୍ପାଦକ ଓ. ପି. ସିଂହ, ଆର୍‌ୱାଇଏମ୍‌ଏର ସାଧାରଣ ସମ୍ପାଦକ ବାସୁଦେବ ବାନାର୍ଜୀ, ସମାଜସେବୀ ପଦ୍ମିନୀ ପାଣିଗ୍ରାହୀ ପ୍ରମୁଖ ମଞ୍ଚାସୀନ ଥିଲେ। ସୁରେଶ ଶର୍ମା, ଗୁରମିତ୍ ସିଂ, ସିଟି ଇଂଲିଶ ସ୍କୁଲର ପ୍ରଧାନଶିକ୍ଷକ ଦିଗ୍‌ବିଜୟ ରାୟ ପ୍ରମୁଖ କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ। ସୁନ୍ଦରଗଡ଼ ସମେତ ବିଭିନ୍ନ ସ୍ଥାନରୁ ୧୮ଟି ବର୍ଗରେ (ପୁରୁଷ ଓ ମହିଳା) ମୋଟ ୧୩୬ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାକୁ ରେଫରି ବିକ୍ରମ ସ୍ୱାଇଁ ପରିଚାଳନା କରିଥିଲେ। ବିଜୟ ରାୱଲ, ରବିନ୍ଦ୍ର ଗଣ୍ଡ, ଦିଲେଶ୍ୱର ସାହୁ, ନକୁଳ ଶର୍ମା, ସୌମ୍ୟରଞ୍ଜନ ମହାନ୍ତି, ତାପସ ଭଟ୍ଟାଚାର୍ଯ୍ୟ, ବନାନୀ ବିଶ୍ୱାସ, ଶରତ ବେହେରା, ରାହୁଲ ସାହୁ, କଲ୍ୟାଣୀ ସିଂହ ପ୍ରମୁଖ ସହଯୋଗ କରିଥିଲେ।


ସେକ୍ଟର-୭ କମ୍ୟୁନିଟି ସେଣ୍ଟରରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିବୃନ୍ଦ।

# ବିଦ୍ୟାଳୟ ହେଉଛି ଛାତ୍ର ଜୀବନର ସଂଗ୍ରହାଳୟ

## ବିକାଶ ଇଣ୍ଡ୍ ଗ୍ଲୋବାଲ ସ୍କୁଲର ବାର୍ଷିକୋତ୍ସବ ଓ ନବାକାଂକ୍ଷା କାର୍ଯ୍ୟକ୍ରମ

ରାଉରକେଲା,୮।୧୨(ଦିନେଶ ମିଶ୍ର)

ସେକ୍ଟର-୯ ସ୍ଥିତ ବିକାଶ ଇଣ୍ଡ୍ ଗ୍ଲୋବାଲ ସ୍କୁଲର ବାର୍ଷିକୋତ୍ସବ ପ୍ରଧାନ ଶିକ୍ଷକ ଡ. ମନୋଜ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ରଘୁନାଥପାଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ହେଉଛି ଛାତ୍ର ଜୀବନର ସଂଗ୍ରହାଳୟ। ବିଦ୍ୟାଳୟରୁ ଜଣେ ଛାତ୍ର ପାଠ ପଢ଼ିବା ସଙ୍ଗେ ସଙ୍ଗେ ନିଜର ଚରିତ୍ର ଗଠନ କରିବାଠାରୁ ଆରମ୍ଭ କରି ନିଜ ଭିତରେ ଥିବା ଦକ୍ଷତାକୁ ପରିପ୍ରକାଶ କରିବା ପାଇଁ ସୁଯୋଗ ଓ ଆତ୍ମବିଶ୍ୱାସ ପାଇଥାଏ। ତେଣୁ ବିଦ୍ୟାଳୟରେ ସବୁକ୍ଷେତ୍ରରେ ଛାତ୍ର ଓ ଶିକ୍ଷକଙ୍କ ମଧ୍ୟରେ ସମନ୍ୱୟ ରହିବା ଜରୁରୀ ବୋଲି ତନ୍ତୀ ତାଙ୍କ ବକ୍ତବ୍ୟରେ କହିଥିଲେ। ସ୍କୁଲର ଅଧ୍ୟକ୍ଷ ଦଶାରି ମୁରଲି କ୍ରିଷ୍ଣା ବିଦ୍ୟାଳୟ ପ୍ରତିଷ୍ଠାର ଆଭିମୁଖ୍ୟ ଓ ଶିକ୍ଷାପଦ୍ଧତିରେ ଉନ୍ନତି ଦିଗରେ ଆଲୋଚନା କରିଥିଲେ। ମ୍ୟାନେଜିଂ ଡାଇରେକ୍ଟର ବିବେକ ଦଶାରୀ ବିଦ୍ୟାଳୟର ଉନ୍ନତୀକରଣ ଦିଗ ଓ ବିଦ୍ୟାର୍ଥୀଙ୍କ ସଫଳତା ବିଷୟରେ ସୂଚନା ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ତ୍ରିପାଠୀ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ପରେ ବିଦ୍ୟାଳୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିଗଣ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସେହିପରି ବିଦ୍ୟାଳୟର ଦଶମ ଓ ଯୁକ୍ତ ୨ ଶ୍ରେଣୀ ଛାତ୍ରୀଛାତ୍ରମାନଙ୍କ ପାଇଁ ନବାକାଂକ୍ଷା ନାମରେ ଏକ କ୍ୟାରିୟର କାଉନସେଲିଂ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏହି କର୍ମଶାଳାରେ ପ୍ରାୟ ୭ଶହ ବିଦ୍ୟାର୍ଥୀ ଯୋଗ ଦେଇଥିଲେ। ଏହି କ୍ୟାରିୟର କାଉନସେଲିଂ କର୍ମଶାଳା ଚିତ୍ତରଞ୍ଜନ ପତିଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ଏହି କର୍ମଶାଳା ଦଶାରୀ ମୁରଲି କ୍ରିଷ୍ଣା ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ହୋଇଥିଲା। ଏଥିରେ ନିର୍ଦ୍ଦେଶକ ଡକ୍ଟର ଏସ୍.ଏନ୍ ପଣ୍ଡା, ଅଧ୍ୟକ୍ଷା ରାମ ତୁଳସୀ କ୍ରିଷ୍ଣା, ଚିତ୍ତରଞ୍ଜନ ପତି, ନାରାୟଣ ରଥ, ଶିଶିର ପ୍ରସାଦ ରାହୁଲ ପ୍ରମୁଖ ଉପସ୍ଥିତ ଥିଲେ। କର୍ମଶାଳାରେ ବିଦ୍ୟାଳୟର ଅଧ୍ୟକ୍ଷ ଦଶାରି ମୁରଲି କ୍ରିଷ୍ଣା ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ କ୍ୟାରିୟର କାଉନସେଲିଂ ଆବଶ୍ୟକତା ଉପରେ କହିଥିଲେ। ଶିକ୍ଷୟିତ୍ରୀ ଇପ୍‌ସିତା ଦାଶ ମଞ୍ଚ ପରିଚାଳନା ଓ ଡ. ସମରେନ୍ଦ୍ର ନାଥ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।


ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥି ଏବଂ ଛାତ୍ରଛାତ୍ରୀ।

# ଚାଷୀଙ୍କୁ ମିଳିଲା ଇନ୍‌ପୁଟ ସହାୟତା

ଝାରସୁଗୁଡ଼ା,୮।୧୨(ଆଶିଷ ରଞ୍ଜନ ଦାଶ)

ବରଗଡ଼ଠାରେ ମୁଖ୍ୟମନ୍ତ୍ରୀ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ୮୦୦ ଟଙ୍କା ଇନପୁଟ ସହାୟତା ପ୍ରଦାନ ଶୁଭାରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଝାରସୁଗୁଡ଼ା ସହରସ୍ଥିତ ମନମୋହନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଖେଳ ପଡିଆରେ ଆୟୋଜିତ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ଟଙ୍କଧର ତ୍ରିପାଠୀ ଯୋଗଦେଇ ଆଜିର ଦିନିକୁ ଐତିହାସିକ ଦିନ ବୋଲି କହିଛନ୍ତି। ପ୍ରତ୍ୟେକ ଚାଷୀ ଏଣିକି ଧାନର ସର୍ବନିମ୍ନ ସହାୟତା ମୂଲ୍ୟ କୁଇଣ୍ଟାଲ ପିଛା ୨୩୦୦ଟଙ୍କା ଉପରେ ୮୦୦ ଟଙ୍କା ଇନପୁଟ ସହାୟତା ପାଇବେ। କୃଷି ଓ କୃଷକ ସଶକ୍ତିକରଣ ଦିଗରେ ରାଜ୍ୟ ସରକାରଙ୍କ ଏହି ପଦକ୍ଷେପ ଆଗାମୀ ଦିନରେ ଜିଲାର ଚାଷୀମାନଙ୍କୁ ଆର୍ଥିକ ଦୃଷ୍ଟିକୋଣରୁ ସ୍ୱାବଲମ୍ବୀ କରିବ ବୋଲି ବିଧାୟକ ତ୍ରିପାଠୀ ଆଶା ବ୍ୟକ୍ତ କରିଥିଲେ। ଡିସେମ୍ବର ୯ ତାରିଖରେ ଜିଲାରେ ଖରିଫ ଧାନ ବିକ୍ରି ଆରମ୍ଭ ହେବାକୁ ଯାଉଛି। ଏଥି ସକାଶେ ଚାଷୀ ଭାଇ ଭଉଣୀ ସେମାନଙ୍କ ଉତ୍ପାଦିତ ଧାନ ପ୍ରାଥମିକ ସେବା ସମବାୟ ସମିତି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ତଥା ଅତିରିକ୍ତ ବିକ୍ରୟ କେନ୍ଦ୍ରରେ ବିନା କଟନି ଛଟନିରେ କିପରି ସୁରୁଖୁରୁରେ ବିକ୍ରୟ କରିପାରିବେ ସେ ଦିଗରେ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ବିଧାୟକ କହିଥିଲେ। ଜିଲାରେ ବେକାରୀ ସମସ୍ୟା ଦୂରୀକରଣ ସହ ମହିଳା, ଚାଷୀ ଓ ଯୁବସମାଜ ଉନ୍ନତିକରଣ ପୂର୍ବକ ଜିଲାକୁ ଏକ ଅଗ୍ରଣୀ, ସ୍ୱାବଲମ୍ବୀ ଓ ଶିକ୍ଷିତ ଜିଲାରେ ପରିଣତ କରିବା ପାଇଁ ବିଧାୟକ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ତୁଳାବତୀ ମିଞ୍ଜ, ଜିଲାପାଳ ଅବୋଲି ସୁନୀଲ ନରୱଣେ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲା ଯୋଗାଣ ଅଧିକାରୀ ମାନସ ରଞ୍ଜନ ମହାପାତ୍ର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲା ବେଳେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରବୀର କୁମାର ନାୟକ, ଅତିରିକ୍ତ ଜିଲାପାଳ ବ୍ରଜବନ୍ଧୁ ଭୋଇ, କିଶୋର ଚନ୍ଦ୍ର ସ୍ୱାଇଁ, ଜିଲା ସମାଜ କଲ୍ୟାଣ ଅଧିକାରୀ ପୂର୍ଣ୍ଣ୍ୟବତୀ ହେଲେନ ଖେସ, ଏଆର୍‌ସିଏସ୍ ଉପସ୍ଥିତ ଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ଜିଲା ମୁଖ୍ୟ କୃଷି ଅଧିକାରୀ ଜେନାମଣି ବିଭୂତି ଭୂଷଣ ରାୟ ଧନ୍ୟବାଦ ଅର୍ପଣ କରିଥିଲେ।


ବିଧାୟକ ଟଙ୍କଧର ତ୍ରିପାଠୀ କାର୍ଯ୍ୟକ୍ରମ ଉଦ୍‌ଘାଟନ କରୁଛନ୍ତି, ନିକଟରେ ଅଛନ୍ତି ଜିଲାପାଳ।

## ସଂକ୍ଷେପରେ

### ବସ୍ ଧକ୍କାରେ କାର୍ କ୍ଷତିଗ୍ରସ୍ତ, ପର୍ଯ୍ୟଟକ ଆହତ

ଦେବଗଡ଼,୮।୧୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ସହରର ଶ୍ରୀ ଅରବିନ୍ଦ ସ୍କୁଲ ଛକରେ ରବିବାର ଏକ ଯାତ୍ରୀବାହୀ ବସ୍ ଧକ୍କାରେ ଏକ କାର୍ କ୍ଷତିଗ୍ରସ୍ତ ହେବା ସହ ଜଣେ ପର୍ଯ୍ୟଟକ ଆହତ ହୋଇଥିବା ଜଣାପଡିଛି। ଏ ନେଇ ଆହତ ପର୍ଯ୍ୟଟକ ଜଣକ ଦେବଗଡ଼ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ ଅନୁଗୋଳ ଜିଲା ରେଙ୍ଗାଲି ଡ୍ୟାମ ଅଞ୍ଚଳର ଚନ୍ଦ୍ରମଣୀ ମାଝି (୬୮)ନାମକ ଜଣେ ବ୍ୟକ୍ତି ନିଜର କାର (ନଂ. ଓଡି-୦୨ ବିବି-୫୩୫୦) ଯୋଗେ ତାଙ୍କ ପରିବାର ସହିତ ଦେବଗଡ଼ସ୍ଥିତ ପ୍ରଧାନପାଟ ଜଳ ପ୍ରପାତ ବୁଲିବାକୁ ଯାଉଥିଲେ। ତେବେ ମଧାହ୍ନ ପ୍ରାୟ ୧୨ଟା ୪୫ ମିନିଟ ସମୟରେ ସେ ସ୍ଥାନୀୟ ଶ୍ରୀ ଅରବିନ୍ଦ ସ୍କୁଲ ନିକଟରେ ପହଞ୍ଚିବା ସମୟରେ ବିପରିତ ଦିଗରୁ ଦ୍ରୁତଗତିରେ ଆସୁଥିବା ଓମ ସାଇ ନାମକ ଏକ ଯାତ୍ରୀବାହୀ ବସ (ନଂ. ଓଡି-୨୩ ଆର୍-୫୫୧୧) ତାଙ୍କ କାରକୁ ଧକ୍କା ଦେଇଥିଲା। ଫଳରେ କାର୍‌ର ଡାହାଣ ପଟର ୨ଟି କବାଟ ସହିତ ବିଭିନ୍ନ ଅଂଶ କ୍ଷତିଗ୍ରସ୍ତ ହୋଇଥିଲା। ସେହିପରି କାର୍ ଚଳାଉଥିବା ଚନ୍ଦ୍ରମଣୀ ମାଝିଙ୍କ ଡାହାଣ ହାତ ଓ ପିଠିରେ ମଧ ଆଘାତ ଲାଗିଥିଲା। ଏ ନେଇ ଚନ୍ଦ୍ରମଣି ଦେବଗଡ଼ ଥାନାରତେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି।

### ଭାଗବତ ସପ୍ତାହ ପାରାୟଣ ଉଦ୍‌ଯାପିତ



ଦେବଗଡ଼,୮।୧୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଗୋପାଳଜୀଉ ମନ୍ଦିରରେ ଗତ ସୋମବାରଠାରୁ ଆରମ୍ଭ ହୋଇଥିବା ଭାଗବତ ମହାପୁରାଣ ସପ୍ତାହ ରବିବାର ଉଦଯାପିତ ହୋଇଯାଇଛି। ଏହି ଅବସରରେ ପ୍ରତି ଦିନ ଶତାଧିକ ଶ୍ରଦ୍ଧାଳୁ ସାମିଲ ହେଉଥିବା ବେଳେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଉଦ୍‌ଯାପନୀ ଦିବସରେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ମଧ୍ୟ ସାମିଲ ହୋଇଥିଲେ। ଗୋପଲଜି ମନ୍ଦିର ପୂଜକ ରାଜେଶ କୁମାର ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସିଦ୍ଧେଶ୍ୱର ଗୁରୁ ଓ ସହଧର୍ମିଣୀ ସ୍ମୃତି ପ୍ରଜ୍ଞା ତ୍ରିପାଠୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଭାଗବତ ପାରାୟଣ କମିଟି ଓ ବଜରଙ୍ଗ ମଣ୍ଡପ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ପାରାୟଣ କାର୍ଯ୍ୟକ୍ରମରେ ବ୍ୟାସ ଭାବେ ସୁବର୍ଣ୍ଣପୁର ଜିଲାର ନୀଳ ମାଧବ ନାୟକ ଓ ତାଙ୍କ ଦଳ ପାରାୟଣ କାର୍ଯ୍ୟ ସମ୍ପାଦିତ କରିଥିଲେ। ଉଦ୍‌ଯାପନୀ ଦିବସରେ ବହୁ ଭକ୍ତଙ୍କ ସମାଗମ ହୋଇଥିଲା।

# ହାତୀ ଘଉଡାଇବା ବେଳେ ହାତରେ ଫୁଟିଲା ବାଣ, ଚାଷୀ ଗୁରୁତର

ଦେବଗଡ଼,୮।୧୨(ଶଶାଙ୍କ ଶେଖର ଝାଙ୍କର)



ଦେବଗଡ଼ ଥାନା ସୁଗୁଡା ଗ୍ରାମ ପଞ୍ଚାୟତର ଗୁଣ୍ଡୁରିପୋଶି ଗ୍ରାମରେ ଶନିବାର ବିଳମ୍ବିତ ରାତ୍ରିରେ ଏକ ହାତୀପଲ ଘଉଡାଇବା ସମୟରେ ରମେଶ କୁରଡିଆ (୨୪) ନାମକ ଜଣେ ଚାଷୀଙ୍କ ହାତରେ ବାଣ ଫୁଟିଯବାରୁ ଗୁରୁତର ଆହତ ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ରାତ୍ରି ପ୍ରାୟ ୧ଟାରେ ପ୍ରାୟ ୩୦ଟି ହାତୀର ଏକ ଦଳ ନିକଟସ୍ଥ ରମ୍ଭାଦେବୀ ସଂରକ୍ଷିତ ଜଙ୍ଗଲରୁ ଗୁଣ୍ଡୁରିପୋଶି ଗ୍ରାମକୁ ପଶି ଆସିଥିଲେ। ଫଳରେ ଧାନ ସମେତ ଅନ୍ୟାନ୍ୟ ଫସଲ ନଷ୍ଟ ହେବା ଆଶଙ୍କା ଦେଖାଦେଇଥିଲା। ବନ ବିଭାଗ କର୍ମଚାରୀମାନେ ଗ୍ରାମବାସୀଙ୍କ ସହାୟତାରେ ଉକ୍ତ ହାତୀ ଦଳକୁ ଜଙ୍ଗଲ ମଧ୍ୟକୁ ଘଉଡାଇବାକୁ ଉଦ୍ୟମ କରୁଥିଲେ। ଏଥିରେ ଗ୍ରାମବାସୀଙ୍କ ସହିତ ଗୁଣ୍ଡୁରିପୋଶି ଗ୍ରାମର ରେମେଶ ମଧ ସହାୟତା କରୁଥିଲେ। ତେବେ ରାତ୍ରି ପ୍ରାୟ ୧ଟାରେ ଚାଷୀ ରମେଶ ହାତୀ ଘଉଡାଇବା ଉଦ୍ଦେଶ୍ୟରେ ବାଣ ଫୁଟାଉଥିବା ବେଳେ ଅସାବଧାନତା ଯୋଗୁ ବାଣ ତାଙ୍କ ହାତରେ ଫୁଟି ଯାଇଥିଲା। ଫଳରେ ତାଙ୍କ ପାପୁଲିରେ ଗଭୀର କ୍ଷତ ସୃଷ୍ଟି ହେବା ସହ ସେ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ ଓ ସେ ଏବେ ସେଠାରେ ଚିକିତ୍ସାଧୀନ ଥିବା ଜଣାପଡିଛି।

# ପୂର୍ବ ଶତ୍ରୁତାରୁ ଛୁରାମାଡ଼, ଯୁବକ ଆହତ: ୨ ଫେରାର

କୋଲାବିରା,୮।୧୨(ଚିନ୍ମୟ କୁମାର ବହିଦାର)



ଝାରସୁଗୁଡା ଜିଲା କୋଲାବିରା ଥାନା ଅନ୍ତର୍ଗତ ତରେଇକେଲା ଗ୍ରାମର ଶନିବାର ସନ୍ଧ୍ୟାରେ ଦୁଇଗୋଷ୍ଠି ମଧ୍ୟରେ ଗଣ୍ଡଗୋଳ ହେବା ସହ ଛୁରାମାଡ଼ରେ ଜଣେ ଯୁବକ ଆହତ ହୋଇଛନ୍ତି। ଆହତ ଜଣକ ବର୍ତ୍ତମାନ ବିପଦମୁକ୍ତ ଥିବା ପୋଲିସ ସୁତ୍ରରୁ ଜଣାପଡିଛି। ଗଣ୍ଡଗୋଳର କାରଣ ପ୍ରେମଜନିତ ବୋଲି ଅସମର୍ଥିତ ସତ୍ରରୁ କୁହାଯାଉଥିବା ବେଳେ ଅଭିଯୁକ୍ତ ୨ଜଣ ଫେରାର ଥିବାରୁ ପୋଲିସ ତଦନ୍ତରୁ ଠିକ୍ କାରଣ ଜଣିପାରିନାହିଁ ବୋଲି କୋଲାବିରା ଥାନା ଉପନିରୀକ୍ଷକ ସନ୍ତୋଷ କୁମାର ପ୍ରଦାନ କହିଛନ୍ତି। ଛୁରାମାଡ଼ରେ ଆହତ ଯୁବକ ହେଲେ ଏହି ଥାନା ଅନ୍ତର୍ଗତ ସମାସିଂହା ଗ୍ରାମର ଆକାଶ ବାଗ (୨୦)। ସେ କୋଲାବିରା କଲେଜ ଛାତ୍ର ହୋଇ ନ ଥିଲେ ମଧ ଶନିବାର କଲେଜ ସମୟରେ ଆସି କିଛି ପିଲାଙ୍କ ସହିତ ଗଣ୍ଡଗୋଳ କରିଥିଲେ। ସନ୍ଧ୍ୟାରେ ନିର୍ମଳ ଜୟପୁରିଆ ଓ ଆକାଶ ବାଗ ସାଙ୍ଗରେ କିଛି ସାଥିଙ୍କୁ ନେଇ ତରେଇକେଲା ଗ୍ରାମକୁ ଯାଇ ସୁବ୍ରତ ନାଏକ (ସମାସିଂହାର ନିର୍ମଳ ଜୟପୁରିଆ ଏବଂ ତରେଇକେଲାର ସୁବ୍ରତ ନାଏକଙ୍କ ମଧରେ ପୂର୍ବରୁ ଶତ୍ରୁ ରହିଥିଲା) ସହିତ ବଚସାରୁ ମାଡପିଟ ପର୍ଯ୍ୟନ୍ତ ଯାଇଥିଲା। ଏହି ସମୟରେ ଆକାଶଙ୍କ ପେଟରେ ଛୁରା ମାଡ ହୋଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ କୋଲାବିରା ଡାକ୍ତରଖାନା ଓ ପରେ ଝାରସୁଗୁଡା ଜିଲା ମୁଖ୍ୟା ସିକିତ୍ସାଳୟକୁ ନିଆଯାଇଥିଲା। କୋଲାବିରା ପୋଲିସ ଡାକ୍ତରଖାନାରେ ପହଞ୍ଚି ଆହତ ଆକାଶଙ୍କ ବୟାନ ରେକର୍ଡ କରିଛି। ଆକାଶଙ୍କ ବାପା କୋଲାବିରା ଥାନାରେ ଲିଖିତ ଏତଲା ଦେବା ସହ ପୂର୍ବରୁ ଉଭୟଙ୍କ ମଧ୍ୟରେ ଶତ୍ରୁତା ଥିବା ଉଲ୍ଲେଖ କରିଛନ୍ତି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ବେଳେ ଛୁରାମାଡ କରିଥିବା ଯୁବକ ଫେରାର ଥିବାରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ।

## ଘର କାମକୁ ବିରୋଧ କରି ପଡ଼ୋଶୀଙ୍କ ସହ ଗଣ୍ଡଗୋଳ

ବ୍ରଜରାଜନଗର,୮।୧୨(ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ରେଙ୍ଗାଲି ଥାନା ଅନ୍ତର୍ଗତ ପିଠିନ୍ଦ ଗ୍ରାମରେ ଘର କାମକୁ ବିରୋଧ କରି ପଡ଼ୋଶୀଙ୍କ ସହ ଗଣ୍ଡଗୋଳ ହୋଇଛି। ସୂଚନା ଯେ, ଘର ଛାତ ପକାଇବା ଉଦ୍ଦେଶ୍ୟରେ ଅନନ୍ତ ଦେହେରୀ ପଡୋଶୀ ଘର ଆଜବେଷ୍ଟସ କାଟିବା ସମୟରେ କୁମୁଦ ଦେହେରୀ ବିରୋଧ କରିଥିଲେ। ଏଥିରେ କୁମୁଦ ଉତକ୍ଷିପ୍ତ ହୋଇ ଏକ ଇଟାରେ ଆକ୍ରମଣ କରିବା ସମୟରେ ଏହା ଅନନ୍ତଙ୍କ ଭାଇ ଅରବିନ୍ଦଙ୍କ କାନରେ ବାଜିବାରୁ ସେ ଗୁରୁତର ହୋଇଥିଲେ। କୁମୁଦ ପୁନର୍ବାର ଆକ୍ରମଣ କରିବା ସମୟରେ ଅନନ୍ତ ଏହାକୁ ପ୍ରତିରୋଧ କରିବାର ସମୟରେ ଉଭୟ ଛିଡା ହୋଇଥିବା ଆଜବେଷ୍ଟସ ଭାଙ୍ଗି ଯିବାରୁ ଉଭୟେ ତଳେ ପଡି ଆହତ ହୋଇଥିଲେ। ୩ଜଣଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଲଖନପୁର ଓ ପରେ ଝାରସୁଗୁଡା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ଅନନ୍ତ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ସୂଚନାଯୋଗ୍ୟ ଯେ, ଘର ଡିହ ସମସ୍ୟା ନେଇ ଉଭୟ ପଡୋଶୀଙ୍କ ମଧ୍ୟରେ ଦୀର୍ଘଦିନ ଧରି ଗଣ୍ଡଗୋଳ ଲାଗି ରହିଛି। ଅନନ୍ତ ନିଜ ଘର କଂକ୍ରିଟ ଛାତ ପକାଇବାକୁ ଚାହୁଁଥିଲେ ମଧ ପଡୋଶୀ ଘର ଆଜବେଷ୍ଟସ ପ୍ରତିବନ୍ଧକ ସୃଷ୍ଟି କରୁଛି। ଆଜବେଷ୍ଟସ ବାହାର କରିବା କିମ୍ବା କାଟିବାକୁ ଅନନ୍ତ କୁମୁଦଙ୍କୁ କହିଲେ ମଧ କୁମୁଦ ନିରବ ରହୁଥିବାରୁ ଅନନ୍ତ ନିଜ ଘର ଛାତ ପକାଇ ପାରୁନାହିଁ ବୋଲି ପୋଲିସ ସୂଚନା ଦେଇଛି।

# ବୀର ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ


ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଉଛି।

ଦେବଗଡ଼,୮।୧୨(ଶଶାଙ୍କ ଶେଖର ଝାଙ୍କର)

ସ୍ଥାନୀୟ ନିଳବେର୍ଣ୍ଣୀ ସାହି ବାଇପାସ ଛକକୁ ଇତିମଧ୍ୟରେ ଆନୁଷ୍ଠାନିକ ଭାବେ ବୀର୍ସା ମୁଣ୍ଡା ଛକ ଘୋଷଣା କରାଯାଇଥିବା ବେଳେ ସେଠାରେ ବହୁ ପ୍ରତିକ୍ଷୀତ ଭଗବାନ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ରବିବାର ଉନ୍ମୋଚିତ ହୋଇଯାଇଛି। ଜିଲା ଆଦିବାସୀ ମହାସଂଘ ସଭାପତି ସେମ ହେମ୍ବ୍ରମଙ୍କ ସଭାପତିତ୍ୱରେ ଆୟୋଜିତ ଉନ୍ମୋଚନ ଉତ୍ସବରେ ମୁଖ୍ୟଅତିଥି ଭାବେ ଦେବଗଡ଼ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ, ସମ୍ମାନିତ ଅତିଥି ଭାବେ ୯ ନମ୍ବର ୱାର୍ଡର କାଉନସିଲର ସରୋଜିନୀ ମୁଣ୍ଡା, ୧୦ ନମ୍ବର ୱାର୍ଡର କାଉନସିଲର ଈତିଶ୍ରୀ ମିଶ୍ର, ଆଇନଜୀବୀ ମନୋଜ କୁମାର ପାଢୀ, ଶୁକ୍ରୁ ମୁଣ୍ଡା, ଚୌଧୁରୀ ବେହେରା, ଦାଉଦ ଟପ୍ପୋ, କ୍ଷମାନିଧି ପାତ୍ର ଓ ୨ ନମ୍ବର ୱାର୍ଡର କାଉନସିଲର ସଞ୍ଜୁକ୍ତା ଆଚାର୍ଯ୍ୟ ଯୋଗଦେଇ ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ଭଗବାନ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଥିଲେ। ଏଥିସହ ଆୟୋଜିତ ଜନସଭାକୁ ସମ୍ବୋଧିତ କରି ବିର ବୀର୍ସାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏହା ପୂର୍ବରୁ ଶହଶହ ଲୋକ ହାତରେ ଧନୁ ତୀର ଧରି ପାରମ୍ପାରିକ ଆଦିବସୀ ବେଶଭୂଷା ଓ ନାଚ ଗୀତ ସହିତ ଏକ ଶୋଭାଯାତ୍ରାରେ ବାହାରି ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ତଥା ସଭାସ୍ଥଳରେ ପହଞ୍ଚିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଦୁଃଖବନ୍ଧୁ ମୁଣ୍ଡା, ଆମାର୍ଜନ ଟୀରୁ, ଦେବେନ୍ଦ୍ର ବାର୍ଲା, ସୁନୀଲ ମୁଣ୍ଡା, କାର୍ତ୍ତିକ ମୁଣ୍ଡା ଓ ବିପ୍ର ଚରଣ ଜୟପୁରିଆଙ୍କ ସମେତ ଜିଲା ଆଦିବାସୀ ମହାସଂଘର ବହୁ ସଦସ୍ୟ ସଦସ୍ୟା ଓ କର୍ମକର୍ତ୍ତାମାନେ ସକ୍ରୀୟ ସହଯୋଗ କରିଥିଲେ।

# ଜିଲା ବ୍ରାହ୍ମଣ ସମାଜର ବାର୍ଷିକ ସାଧାରଣ ବୈଠକ


ବୈଠକରେ ଯୋଗଦେଇଥିବା ବ୍ରାହ୍ମଣ ସମାଜର ସଦସ୍ୟବୃନ୍ଦ।

ଝାରସୁଗୁଡ଼ା,୮।୧୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ଜିଲା ଲଖନପୁର ବ୍ଲକ ଅନ୍ତର୍ଗତ ଗୁଜା ପାହାଡ଼ରେ ବ୍ରାହ୍ମଣ ସମାଜର ବାର୍ଷିକ ସାଧାରଣ ବୈଠକ ଓ ନୂତନ କର୍ମକର୍ତ୍ତା ଚୟନ ରବିବାର ଅନୁଷ୍ଠିତ ହୋଇଯାଇଛି। ବ୍ରାହ୍ମଣ ସମାଜର ବରିଷ୍ଠ ସଭ୍ୟ ସରୋଜ ତ୍ରିପାଠୀ ପତାକା ଉତ୍ତୋଳନ କରି ସଭା କାର୍ଯ୍ୟ ଆରମ୍ଭ କରିଥିଲେ। ପରେ ଆଗାମୀ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ରବୀନ୍ଦ୍ର ଦୀକ୍ଷିତଙ୍କୁ ସଭାପତି, ପ୍ରମୋଦ ପଣ୍ଡା, ଗୁଣନିଧି ପତି, ମୁକେଶ ଶର୍ମାଙ୍କୁ ଉପସଭାପତି, ହିମାଂଶୁ ଚନ୍ଦ୍ର ବଡ଼ପଣ୍ଡାଙ୍କୁ ସମ୍ପାଦକ, ରାଜେଶ ପାଢ଼ୀଙ୍କୁ ଯୁଗ୍ମ ସମ୍ପାଦକ, ପ୍ରଦୀପ କୁମାର ହୋତାଙ୍କୁ କୋଷାଧକ୍ଷ, ପ୍ରଶାନ୍ତ ନନ୍ଦଙ୍କୁ ସହ କୋଷାଧକ୍ଷ, ସୀତାରାମ ବିରତିଆ, ବାଳଗୋବିନ୍ଦ ମିଶ୍ର, ଦେବୀପ୍ରସାଦ ମିଶ୍ର, ରବୀନ୍ଦ୍ର ପଣ୍ଡା, ଲଳିତ ମୋହନ ଦାଶ, ହିମାଂଶୁ ମିଶ୍ର, ଋଷିକେଶ ମିଶ୍ର, ତାପସ୍ୱିଲାଲ ତିୱାରୀଙ୍କୁ ଉପଦେଷ୍ଟା, ସନ୍ଦୀପ ଆବାସ୍ତି, ଲୋକନାଥ ଗୁରୁଙ୍କୁ ଆଇନଗତ ଉପଦେଷ୍ଟା, ଶରତ ତ୍ରିପାଠୀ, ସୁବ୍ରତ ତ୍ରିପାଠୀ, ନୱାଲ ଶର୍ମାଙ୍କୁ କାର୍ଯ୍ୟନିର୍ବାହୀ ସଭ୍ୟ, ଶୈଳେଶ ତିୱାରୀ, ସିଦ୍ଧାର୍ଥ ଅଗସ୍ତି, ଦୀପକ ଶର୍ମାଙ୍କୁ ପର୍ଶୁରାମ ବାହିନୀ ଓ ଆରତୀ ପଣ୍ଡା, କବିତା ପଣ୍ଡା, ସୁଜାତା ମିଶ୍ର, ଅନିତା ପଣ୍ଡାଙ୍କୁ ଶକ୍ତି ବାହିନୀ ଭାବେ ସର୍ବସମ୍ମତିକ୍ରମେ ଚୟନ କରାଯାଇଛି। କାର୍ଯ୍ୟକ୍ରମରେ ଦୀପ ପ୍ରଜ୍ୱଳନ କରାଯାଇ ମୃତକଙ୍କ ଅମର ଆତ୍ମାଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ନିବେଦିତା ମିଶ୍ର ଶ୍ଳୋକ, ଏବଂ ମନ୍ତ୍ର, ଶଙ୍ଖନାଦ ପାଇଁ ପ୍ରତୀକ୍ଷା ତ୍ରିପାଠୀ, ହୁଳହୁଳି ପାଇଁ ଗାୟତ୍ରୀ ହୋତା ଓ ମନ୍ଦାକିନୀ ସଥପଥି ପ୍ରତିଯୋଗିତା ପରିଚାଳନା କରିଥିଲେ। ବରିଷ୍ଠ ସଭ୍ୟ ଶଙ୍କର୍ଷଣ ନାଥ ତଥା ବ୍ରାହ୍ମଣ ସମାଜର ବହୁତ ସଭ୍ୟ, ସଭ୍ୟ ସହଯୋଗ କରିଥିଲେ। ଶେଷରେ ଏକ ସ୍ମରଣିକା ଉନ୍ମୋଚନ କରିବା ସହିତ ମା' ଭଟ୍ଟାରିକା ଦେବୀଙ୍କ ଦର୍ଶନ କରି ସମସ୍ତେ ପ୍ରସାଦ ସେବନ କରୁଥିଲେ।

# ବସାଲଇ କୃଷି ସମବାୟ ସମିତିର ବାର୍ଷିକ ସାଧାରଣ ସଭା

ଦେବଗଡ଼,୮।୧୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ବ୍ଲକ ଅନ୍ତର୍ଗତ ଚାଷୀ ବହୁଳ ବସାଲଇ କୃଷି ସମବାୟ ସମିତି କାର୍ଯ୍ୟାଳୟ ପରିସରରେ ରବିବାର ସମିତିର ୩୭ତମ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ଅଶୋକ କୁମାର ସାମଲଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମଖ୍ୟଅତିଥି ଭାବେ ବରିଷ୍ଠ କୃଷକ ନେତା ସଚ୍ଚିଦାନନ୍ଦ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ସମିତିର ଡାଇରେକ୍ଟର ଝସକେତନ ସାମଲ ଓ ସମ୍ପାଦକ ଅଜୟ କୁମାର ସାମଲ ମଞ୍ଚାସୀନ ରହି ସମିତିରେ ଉକ୍ତ ଅଞ୍ଚଳର ଚାଷୀମାନଙ୍କଠାରୁ କିଭଳି ସୁରୁଖୁରରେ ଧାନ କ୍ରୟ କରାଯାଇପାରିବ ସେ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ଏଥିସହ ଉକ୍ତ ସମିତି ବିଭିନ୍ନ ଅଭାବ ଅସୁବିଧା ଉପରେ ଆଲୋକପାତ କରିଥିଲେ। ଅନ୍ୟପକ୍ଷରେ ଉକ୍ତ ସମିତିରେ ସ୍ଥାନାଭାବ ରହିଥିବାରୁ ସେଠାରେ ସ୍ଥାୟୀ ପିଣ୍ଡି ନିର୍ମାଣ ସାଙ୍ଗକୁ ନୂତନ ଗୋଦାମ ଗୃହ ନିର୍ମାଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ସଭାରେ ବସାଲଇ କୃଷି ସମବାୟ ସମିତି ଅଧିନସ୍ଥ ବହୁ ଚାଷୀ ଯୋଗଦେଇଥିଲେ।

# ବେଲପାହାଡ଼ ପାନ୍ଥର କ୍ରିକେଟ କ୍ଲବ ବିଜୟୀ

ଝାରସୁଗୁଡ଼ା,୮।୧୨(ଆଶିଷ ରଞ୍ଜନ ଦାଶ)

**ଆନ୍ତଃ ଜିଲା କ୍ଲବ କ୍ରିକେଟ ଲିଗ୍**

ଝାରସୁଗୁଡା ସହରସ୍ଥିତ ସରବାହାଲ ଖେଳ ପଡ଼ିଆଠାରେ ଚାଲିଥିବା ଆନ୍ତଃ ଜିଲା କ୍ଲବ କ୍ରିକେଟ ଲିଗ୍ ରବିବାର ସକାଳ ୯ଟାରେ ଝାରସୁଗୁଡା ଶିକ୍ଷା ଏକାଡେମୀ ଓ ବେଲପାହାଡ ପାନ୍ଥର କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିବା ଏକ ଲିଗ୍ ମ୍ୟାଚରେ ବେଲପାହାଡ ପାନ୍ଥର କ୍ଲବ ୩ ଉଇକେଟରେ ବିଜୟୀ ହୋଇଛି। ଟସ ଜିତି ଝାରସୁଗୁଡା ଶିକ୍ଷା ଏକାଡେମୀ ପ୍ରଥମେ ବ୍ୟାଟିଂ କରିବା ପାଇଁ ନିଷ୍ପତ୍ତି ନେଇଥିଲା। ଦଳର ରୀତିଭିକ ସିଂ ୪୨ ବଲରେ ୪୧ରନ, ପ୍ରିୟାଂଶୁ ପଟ୍ଟନାୟକ ୩୩ ବଲରେ ୩୪ରନ କରିବାରେ ସଫଳ ହୋଇଥିବା ବେଳେ ଅନ୍ୟ ବ୍ୟାଟ୍ସମ୍ୟାନମାନେ ଭଲ ବ୍ୟାଟିଂ କରି ନ ଥିଲେ। ଫଳରେ ଶିକ୍ଷା ଏକାଡେମୀ କେବଳ ୨୫.୧ ଓଭରରେ ସମସ୍ତ ଉଇକେଟ ହରାଇ ୧୩୭ ରନ କରିଥିଲା। ପାନ୍ଥର କ୍ରିକେଟ କ୍ଲବ ୧୩୭ ରନର ଲକ୍ଷ୍ୟ ନେଇ ବ୍ୟାଟିଂ ଆରମ୍ଭ କରିଥିଲା। ଦଳର ଅଭୟ କୁମାର ରାଏ ୨୮ ବଲରୁ ୪୧ ରନ ସଂଗ୍ରହ କରିଥିଲେ। ମାତ୍ର ୨୮ ଓଭରରେ ପାନ୍ଥର କ୍ଲବ ବିଜୟୀ ହୋଇଥିଲା। ଅଭୟ କୁମାର ରାଏଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଘୋଷଣା କରାଯାଇଥିଲା। ମ୍ୟାଚ ଆରମ୍ଭରେ କେନ୍ଦ୍ରୀୟ ବିଦ୍ୟାଳୟ ଅଧକ୍ଷ ହରିଲାଲ ପ୍ରଧାନ ଏବଂ ପୂର୍ବତନ ରଣଜି ଖେଳାଳି ଶୋଭନ ଦେବ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମହମ୍ମଦ ଇଶେକି ଓ ପ୍ରଭାଞ୍ଜନ ବଳ ଅମ୍ପାୟର ଦାୟିତ୍ୱ ତୁଲାଇଥିଲେ।


ଅତିଥିଙ୍କ ଗହଣରେ ଖେଳାଳିମାନେ।

# ଧାନ ଉପରେ ଇନ୍‌ପୁଟ୍ ସବ୍‌ସିଡି ପ୍ରଦାନ

ଦେବଗଡ଼,୮।୧୨(ଶଶାଙ୍କ ଶେଖର ଝାଙ୍କର)

ଧାନର ସହାୟକ ମୂଲ୍ୟ ୨୩୦୦ଟଙ୍କା ଉପରେ ୮୦୦ ଟଙ୍କାର ଅତିରିକ୍ତ ଇନ୍‌ପୁଟ ସବ୍‌ସିଡି ପ୍ରଦାନ ନେଇ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ବେଳେ ବରଗଡ଼ ଜିଲାର ସୋହେଲାଠାରେ ରବିବାର ଏହାର ଶୁଭାରମ୍ଭ ହୋଇଯଇଛି। ଏହି ପରିପ୍ରେକ୍ଷୀରେ ଦେବଗଡ ଜିଲା ସଦର ମହକୁମାସ୍ଥିତ ଇନ୍‌ଡୋର ଷ୍ଟାଡିୟମଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦେବଗଡ଼ ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବରେଣ୍ୟ ଅତିଥି ଭାବେ ସମ୍ବଲପୁର ଲୋକ ସଭା ସଦସ୍ୟ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରତିନିଧିଙ୍କ ପ୍ରତିନିଧି ଅରୁଣ କୁମାର ସାହୁ, ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ ଓ ଜିଲା ଯୋଗାଣ ଅଧିକାରୀ ରଞ୍ଜନ କୁମାର ପଣ୍ଡା ମଞ୍ଚାସୀନ ରହି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସଭାର ସଭାପତି ଓ ମଞ୍ଚାସୀନ ଅତିଥିମାନେ ଧାନର ସହାୟକ ମୂଲ୍ୟ ୨୩୦୦ଟଙ୍କା ଉପରେ ୮୦୦ ଟଙ୍କାର ଅତିରିକ୍ତ ଇନପସ୍ତଙ୍କ ସବସିଡି ପ୍ରଦାନ ଉପରେ ନିଜର ବକ୍ତବ୍ୟ ଉପସ୍ଥାପନ କରି ଉପସ୍ଥିତ ଜହାର ହଜାର ଚାଷୀଙ୍କୁ ଏ ସମ୍ପର୍କରେ ସଚେତନ କରିଥିଲେ। ଏହି ଅବସରରେ ଏଲଇଡି ସ୍କ୍ରିନ ମାଧମରେ ବରଗଡ଼ ଜିଲା ସୋହେଲାଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଚାଲିଥିବା ଶୁଭାରମ୍ଭ କାର୍ଯ୍ୟକ୍ରମ ସିଧା ପ୍ରସାରଣ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମ କାଳିଆପାଳ ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଦୀପ ବେହେରା ଓ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଶିକ୍ଷୟିତ୍ରୀ ନନ୍ଦିନୀ ସାହୁ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଜିଲା ଯୋଗାଣ ବିଭାଗ, ନିୟନ୍ତ୍ରିତ ବଜାର କମିଟି ସମେତ ବିଭିନ୍ନ ବିଭାଗର ବହୁ ଅଧିକାରୀ ଓ କର୍ମଚାରୀମାନେ ସକ୍ରିୟ ସହଯୋଗ କରିଥିଲେ।


ଦେବଗଡ଼ରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ଦେବଗଡ଼ରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ**

# 'ସ୍ଥାୟୀ ସୁରକ୍ଷା ପାଇଁ ବିଧାନସଭାରେ ସଂକଳ୍ପ ପାରିତ କର'

## ଜିନ୍ଦାବାଦ ସଙ୍ଗଠନ ପକ୍ଷରୁ ଗନ୍ଧମାର୍ଦ୍ଦନ ପ୍ରସଙ୍ଗକୁ ନେଇ ଆଲୋଚନାଚକ୍ର

ଖପ୍ରାଖୋଲ/ବଲାଙ୍ଗୀର, ୮।୧୨ (ଅଭୟ ତ୍ରିପାଠୀ/ବୀରେନ୍ଦ୍ର କୁମାର ଝାଙ୍କର)

ଗନ୍ଧମାର୍ଦ୍ଦନରେ ଖଣିଖନନ ହେବାକୁ ଦିଆଯିବ ନାହିଁ ବୋଲି ବିଧାନସଭାରେ ଆଲୋଚନା ହୋଇଛି। ଏହା ସ୍ୱାଗତଯୋଗ୍ୟ। ତେବେ ଏହାର ଚିରସ୍ଥାୟୀ ସୁରକ୍ଷା ପାଇଁ ବିଧାନସଭାରେ ସର୍ବଦଳୀୟ ସଂକଳ୍ପ ପାରିତ କରାଯାଉ। ଗନ୍ଧମାର୍ଦ୍ଦନକୁ ଖଣି ଖନନମୁକ୍ତ ଅଞ୍ଚଳ ବା ନୋ ମାଇନିଂ ଜୋନ୍ ଘୋଷଣା କରାଯାଉ । ଏହାଛଡା ବିଧାନସଭାରେ ପାରିତ ସର୍ବଦଳୀୟ ସଂକଳ୍ପକୁ ସାର୍ବଜନୀନ କରାଯାଇ ଗନ୍ଧମାର୍ଦ୍ଦନକୁ ଜାତୀୟ ସମ୍ପତ୍ତି ଘୋଷଣା କରାଯାଉ ବୋଲି ରବିବାର ଖପ୍ରାଖୋଲସ୍ଥିତ ହରିଶଙ୍କର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଆଲୋଚନାଚକ୍ରରେ ବକ୍ତାମାନେ ମିଳିତ ଦାବି କରିଛନ୍ତି।

ଜିନ୍ଦାବାଦ ସଙ୍ଗଠନ ପକ୍ଷରୁ ବିଶିଷ୍ଟ ସଙ୍ଗଠକ ତ୍ରିଲୋଚନ ପୁଞ୍ଜିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଗନ୍ଧମାର୍ଦ୍ଦନ: ଆମ ସ୍ୱାଭିମାନ ଓ ଅସ୍ମିତାର ପ୍ରତୀକ ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ପରିବେଶବିତ୍ ତଥା ଗ୍ରୀନ ନୋବେଲ ପୁରସ୍କାର ବିଜେତା ପ୍ରଫୁଲ୍ଲ ସାମନ୍ତରା, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଚାଷୀନେତା ଲିଙ୍ଗରାଜ, ସମ୍ମାନିତ ବକ୍ତା ଭାବେ ହରିଶଙ୍କର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ



ହରିଶଙ୍କର କଲେଜରେ ଆୟୋଜିତ ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି।

ଅଧ୍ୟକ୍ଷ ବଳଭଦ୍ର ଦାସ, ବରିଷ୍ଠ ଆଇନଜୀବୀ ବିଷ୍ଣୁ ପ୍ରସାଦ ଶର୍ମା, ଆଦିବାସୀ ନାରୀନେତ୍ରୀ ଶଶିରେଖା ଧରୁଆ, ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ଆବାହକ ଜୟସିଂ ପୂଝାରୀ, ସାହାରା ପାୱାର ପ୍ଲାଣ୍ଟ ବିସ୍ଥାପନ ବିରୋଧୀ ମଞ୍ଚ ନେତା ବାଳକୃଷ୍ଣ ଷାଣ୍ଡ, ନୂଆପଡା ଜିଲା ଘଣ୍ଟିଗୁଡା ସରପଞ୍ଚ ଖୁଟୁରାମ ସୁନାନୀ, ଦୁହେଲପଡା କଲେଜ ଅଧ୍ୟକ୍ଷ ରୁଦ୍ରମାଧବ ବାରିକ ଓ ଗଣମାଧ୍ୟମ ପ୍ରତିନିଧି ବୀରେନ୍ଦ୍ର କୁମାର ଝାଙ୍କର ଯୋଗଦେଇ ଗନ୍ଧମାର୍ଦ୍ଦନ ସୁରକ୍ଷା ପ୍ରସଙ୍ଗରେ ସବିଶେଷ ଆଲୋଚନା କରିଥିଲେ। ମୁଖ୍ୟଅତିଥି ସାମନ୍ତରା ତାଙ୍କ ବକ୍ତବ୍ୟରେ କହିଥିଲେ, ଖଣି ଖନନରେ ବାହାର ଦେଶ ଓ ରାଜ୍ୟର ଶିଳ୍ପପତିମାନେ ଧନୀ ହେଉଛନ୍ତି। ଏଥିରେ ରାଜ୍ୟବାସୀଙ୍କ ବିଶେଷ ଉନ୍ନତି ସାଧିତ ହେଉନାହିଁ। ଏଣୁ ଗନ୍ଧମାର୍ଦ୍ଦନ ଭଳି ଜୈବ ବିବିଧତାର ସୁରକ୍ଷା ପାଇଁ ସରକାର ସ୍ୱଷ୍ଟ ନୀତି ପ୍ରଣୟନ କରନ୍ତୁ ବୋଲି କହିଥିଲେ। ମୁଖ୍ୟବକ୍ତା ଲିଙ୍ଗରାଜ କହିଥିଲେ, ୧୯୮୦ ଦଶକର ଗନ୍ଧମାର୍ଦ୍ଦନ ସୁରକ୍ଷା ବା ବାଲକୋ ହଟାଓ ଆନ୍ଦୋଳନ ସ୍ୱାଧୀନ ଭାରତର ପ୍ରଥମ ସଫଳ ଖଣି ବିରୋଧୀ ଆନ୍ଦୋଳନ। ସରକାର ଓ କମ୍ପାନୀ ଲୋକଶକ୍ତିକୁ ଚାପି ଦେବାକୁ ବିଭିନ୍ନ କୌଶଳ ଅବଲମ୍ବନ କରିଥାନ୍ତି। ଏଭଳି ପରିସ୍ଥିତିରେ ଗାନ୍ଧୀବାଦୀ ଆନ୍ଦୋଳନ ମାର୍ଗ ହିଁ ଶ୍ରେୟସ୍କର ଏବଂ ଏହି ମାର୍ଗରେ ବିଜୟ ନିଶ୍ଚୟ ବୋଲି ଆନ୍ଦୋଳନକାରୀଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଆଲୋଚକ ଆଇନଜୀବୀ ଶର୍ମା ସମଭାବାପନ୍ନ ଆଇନଜୀବୀଙ୍କ ଏକ ଗୋଷ୍ଠୀ ଗଠନ କରି ସେମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟବକ୍ତାମାନେ ଗନ୍ଧମାର୍ଦ୍ଦନର ପ୍ରାକୃତିକ ଶୋଭା, ସମ୍ପଦ, ଜୈବ ବିବିଧତା, ବିରଳ ଜଡିବୁଟି, ୨୨ଟି ଚିରସ୍ରୋତା ଝରଣା, ଲଘୁବନଜାତ ଦ୍ରବ୍ୟ, ବିରଳ ପ୍ରଜାତି ପଶୁପକ୍ଷୀ, ଧାର୍ମିକ ଆସ୍ଥା, ହରିଶଙ୍କର, ନୃସିଂହନାଥ ପୀଠର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଗନ୍ଧମାର୍ଦ୍ଦନ ପାହାଡ ତଳେ ଆଦାନୀ କମ୍ପାନୀର ସାମ୍ପ୍ରତିକ ଜମି କିଣା ପ୍ରସଙ୍ଗକୁ ଲୋକେ ସହଜରେ ଗ୍ରହଣ କରିପାରୁନାହାନ୍ତି ବୋଲି ଆଲୋଚନା କରିଥିଲେ। ଜାତି, ଧର୍ମ, ବର୍ଣ୍ଣ ଓ ରାଜନୀତିରୁ ଊର୍ଦ୍ଧ୍ୱରେ ଗନ୍ଧମାର୍ଦ୍ଦନ ସୁରକ୍ଷାକୁ ପ୍ରାଥମିକତା ଦେବାକୁ ବକ୍ତାମାନେ ଗୁରୁତ୍ୱ ଦେଇଥିଲେ। ଆଲୋଚନଚକ୍ରରେ ବଲାଙ୍ଗୀର, ବରଗଡ ଓ ନୂଆପଡା ଜିଲାର ଶତାଧିକ ପରିବେଶପ୍ରେମୀ, କର୍ମୀ ଓ ସମାଜିକ ସଙ୍ଗଠନ କାର୍ଯ୍ୟକର୍ତ୍ତା ଯୋଗଦାନ କରିଥିଲେ। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ବିଧାନସଭାରେ ଗନ୍ଧମାର୍ଦ୍ଦନ ସମ୍ପର୍କରେ ସ୍ୱଷ୍ଟ କରିଛନ୍ତି। ଲୋକସଭା ଏମ୍‌ପି ପ୍ରଦୀପ ପୁରୋହିତ ବିଭିନ୍ନ ସଭାରେ ଗନ୍ଧମାର୍ଦ୍ଦନ ସୁରକ୍ଷା କଥା କହୁଛନ୍ତି। ତେବେ ବିଧାନସଭାରେ ସରକାର ସର୍ବଦଳୀୟ ସଂକଳ୍ପ ପାରିତ କରି ସାମ୍ବିଧାନିକ ଦାୟିତ୍ୱ ପାଳନ କରନ୍ତୁ ବୋଲି ଆଲୋଚନାଚକ୍ରରେ ମତ ପ୍ରକାଶ ପାଇଥିଲା। ଶେଷରେ ଗୋଲାପ ନିଆଲ ଧନ୍ୟବାଦ ଦେଇଥିଲେ। ଆଲୋଚନାଚକ୍ର ପୂର୍ବରୁ ଖପ୍ରାଖୋଲ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ୧୪ ଦିନ ଧରି ଚାଲିଥିବା ଗନ୍ଧମାର୍ଦ୍ଦନ ସୁରକ୍ଷା ଗଣଧାରଣାରେ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା, ଚାଷୀନେତା ଲିଙ୍ଗରାଜ, ଆଇନଜୀବୀ ବିଷ୍ଣୁପ୍ରସାଦ ଶର୍ମା, ପୂର୍ବତନ ଏମ୍‌ପି ଶରତ ପଟ୍ଟନାୟକଙ୍କ ସମେତ ଅନ୍ୟମାନେ ଯୋଗଦେଇ ସମର୍ଥନ ଜଣାଇଥିଲେ।

# ବିଲାଇସର୍ଡା ମହାପୂଜା ପାଳିତ

ଲୋଇସିଂହା,୮।୧୨(ସୁଶାନ୍ତ ବାରିକ)

ରବିବାର ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଲାଇସର୍ଡାସ୍ଥିତ ମୂଳ ପୀଠରେ ବିଶାଳ ବଂଶଧରଙ୍କ ମହାପୂଜା ପାଳିତ ହୋଇଯାଇଛି। ପ୍ରତି ତିନି ବର୍ଷରେ ଥରେ ଏହି ପୂଜା ପାଳନ କରାଯାଇଥାଏ । ଏଥିରେ ବିଶାଶହେ କୁଲତା ସମାଜ ଅନ୍ତର୍ଭୁକ୍ତ କଶ୍ୟପ ଗୋତ୍ରୀୟ ବିଶାଳ ବଂଶଧର ଲୋକେ ସାମିଲ ହୋଇଥାନ୍ତି । ଘରେ ଗୃହ ପୂଜା, ଗୁହାଳ ପୂଜା ସାରି ପୂଜା ଭାର ନେଇ ଏକ ଶୋଭଯାତ୍ରା ବାହାରି ଡାଲତଳରେ ପହଞ୍ଚ ଥାନ୍ତି। ସେଠାରେ ପାରମ୍ପରିକ ରୀତିନୀତିରେ ପୂଜା କରି ଇଷ୍ଟଦେବୀଙ୍କ ଆର୍ଶୀବାଦ ନେଇଥାନ୍ତି। ପୂଜା ପୂର୍ବରୁ ଏକ ସଭା ଆୟୋଜନ ହୋଇଥିଲା । ସଭାରେ ପୁଇଁନ୍ତଲା ବ୍ଲକ ଅଧ୍ୟକ୍ଷ ସରୋଜ କୁମାର ପଧାନ ମୁଖଅତିଥି ,ଭକ୍ତ ବନ୍ଧୁ ବିଶାଳ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଏହି ଅବସରରେ କୁଲତା ସମାଜର ତିନି ଜଣ ବିଶିଷ୍ଟ ଲେଖକ ନବୀନ ବିଶାଳ, ଭକ୍ତବନ୍ଧୁ ବିଶାଳ ଓ କନିଷ୍ଠ କିଶୋର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ୮୪ ଘର ଅଘରିଆ ସମାଜ ପକ୍ଷରୁ ରକ୍ତଦାନ ଶିବିର



ଶିବିର ଉଦ୍‌ଘାଟନ ଅବସରରେ ଉପଜିଲାପାଳ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏବଂ ସମାଜର କାର୍ଯ୍ୟକର୍ତ୍ତା।

ଲୋଇସିଂହା,୮।୧୨(ସୁଶାନ୍ତ ବାରିକ)

**୧୫୩ ୟୁନିଟ ରକ୍ତ ସଂଗ୍ରହ**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କୁଶଙ୍ଗ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଜିଲା ୮୪ ଘର ଅଘରିଆ ସମାଜର ଜିଲା ଟ୍ରଷ୍ଟ ଏବଂ କୁଶଙ୍ଗ ମଣ୍ଡଳ ଅଧୀନ କୁଶଙ୍ଗ,ବିର୍କେଲ, ଡୁଡୁକା ଓ ରୋତଗୁଡିର ମିଳିତ ଆନୁକୂଲ୍ୟରେ ରବିବାର ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ୧୫୩ ୟୁନିଟ ରକ୍ତ ସଂଗୃହୀତ ହୋଇଛି। ବଲାଙ୍ଗୀର ଉପଜିଲାପାଳ ଆଲୋକ ପଟେଲ ଶିବିର ଉଦ୍‌ଘାଟନ କରି ଅଘରିଆ ସମାଜର ଉଦ୍ୟମକୁ ପ୍ରଶଂସା କରିଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ଜିଲା କେନ୍ଦ୍ର ସଭାପତି ଶୁଭ୍ରାଂଶୁ ପଟେଲ ଅଧ୍ୟକ୍ଷତା କରି ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏଥିରେ ଉପ ଜିଲାପାଳ ପଟେଲ ମୁଖ୍ୟଅତିଥି, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ରମେଶ ସାହୁ, ରାଜ୍ୟ ସଭାପତି ଦୀନବନ୍ଧୁ ନାଏକ, ମଣ୍ଡଳ ସଭାପତି ଦୁଷ୍ମନ୍ତ ନାଏକ, କଲେଜ ଅଧ୍ୟକ୍ଷ ପରମେଶ୍ୱର ସିଂ, ଲୋଇସିଂହା ବ୍ଲକ ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସାହୁ କହିଥିଲେ, ରକ୍ତଦାନର ବିକଳ୍ପ ନାହିଁ। ରକ୍ତ ଅଭାବ ଦୂର କରିବା ପାଇଁ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରଚେଷ୍ଟା କରାଯାଉଛି ବୋଲି କହିଥିଲେ। ସଭା କାର୍ଯ୍ୟକୁ ଦିଗାମ୍ବର ନାଏକ ସଂଯୋଜନା କରିଥିଲେ। ବଲାଙ୍ଗୀର ରକ୍ତଭଣ୍ଡାର କର୍ମଚାରୀ ରକ୍ତ ସଂଗ୍ରହ କରିଥିବା ବେଳେ କଲେଜର ଜୁନିୟର ରେଡକ୍ରସ ଛାତ୍ରୀଛାତ୍ର ଏବଂ ଅଘରିଆ ସମାଜର କାର୍ଯ୍ୟକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।

# ରୋତ କଲେଜ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ଲୋଇସିଂହା,୮।୧୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ରୋତ ମହାବିଦ୍ୟାଳୟର ୩ ଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଯୁକ୍ତ ଦୁଇ ଓ ଯୁକ୍ତ ତିନି ଶ୍ରେଣୀର ବାଳକ ଓ ବାଳିକା ବର୍ଗରେ ପ୍ରାୟ ପନ୍ଦରଟି ଲେଖାଏ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ଶୁଭମ ପଟେଲ, କମଳିନୀ ପଧାନ, ପିଙ୍କୁ ବରିହା ଓ ହସିନା କୁମ୍ଭାର ଚାମ୍ପିୟନ ହୋଇଛନ୍ତି। ପ୍ରଥମ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀ ଆସନ୍ତା ୧୦ ତାରିଖରେ ହେବାକୁ ଥିବା ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି। ପୁରସ୍କାର ବିତରଣୀ ଉତ୍ସବରେ ଅଧ୍ୟକ୍ଷ ପ୍ରଦୀପ କୁମାର ଷଡଙ୍ଗୀ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ବଲାଙ୍ଗୀରର କ୍ରିକେଟ ପ୍ରଶିକ୍ଷକ ଅରୁଣ କୁମାର ନାୟକ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ କ୍ରୀଡ଼ା ପ୍ରତି ଉତ୍ସାହିତ କରିବା ସହ ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରିଥିଲେ । କାର୍ଯ୍ୟକ୍ରମ ଅଧିକାରୀ ଆର୍ଯ୍ୟେନ୍ଦୁ କୁମାର ମେହେର, ପ୍ରାଧ୍ୟାପକ ଡ. ଅନ୍ତର୍ଯ୍ୟାମୀ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ଅଧ୍ୟାପକ ଡ. ଲିଙ୍ଗରାଜ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।


ବୈଠକରେ ଯୋଗ ଦେଇଥିବା କର୍ମକର୍ତ୍ତା।

# ହକ୍ ପାଇଁ ସଂଗଠିତ ହେବାକୁ ଆହ୍ୱାନ

ମୁରିବାହାଲ, ୮।୧୨(ଶ୍ରୀବତ୍ସ ବେହେରା)

**ବ୍ଲକ ଯାଦବ ମହାସଭା ବୈଠକ**

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ବ୍ଲକ ଯାଦବ ମହାସଭାର ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଦର ବଙ୍ଗୋମୁଣ୍ଡାଠାରେ ଅନୁଷ୍ଠିତ ଏହି ବୈଠକରେ କାର୍ଯ୍ୟକାରୀ ସଭାପତି ଯୋଗେନ୍ଦ୍ର ବଚ୍ଛା ସଭାପତିତ୍ୱ କରିଥିଲେ। ବୈଠକରେ ବ୍ଲକ ଓ ପଞ୍ଚାୟତସ୍ତରୀୟ କମିଟି ପୁନର୍ଗଠନ, ସଙ୍ଗଠନର ପୁନର୍ଗଠନରେ ଯୁବଶକ୍ତିକୁ ଗୁରୁତ୍ୱ, ଯାଦବ ସମାଜର ନିଜସ୍ୱ ସମ୍ବିଧାନ ବ୍ୟବସ୍ଥାର କାର୍ଯ୍ୟକାରିତା, ରାଜନୈତିକ କ୍ଷେତ୍ରରେ ଯାଦବ ସମାଜର ଉଚିତ୍ ପ୍ରତିନିଧିତ୍ୱ କିପରି ହାସଲ କରାଯାଇ ପାରିବ ସେ ନେଇ ଆଲୋଚନା କରାଯାଇଥିଲା। ଯାଦବ ସମାଜ ଓବିସି ମଞ୍ଚର ନେତୃତ୍ୱ ନେବା ପାଇଁ ଯଥାସାଧ୍ୟ ଉଦ୍ୟମ ଜାରି ରଖିବା, ସାମାଜିକ, ଶିକ୍ଷା, ଆର୍ଥିକ ଓ ରାଜନୈତିକ ହକ୍ ପାଇଁ ପ୍ରତ୍ୟେକ ଯାଦବ ବ୍ୟକ୍ତି ସଙ୍ଗଠିତ ହେବାକୁ ବୈଠକରେ ଆହ୍ୱାନ ଦିଆଯାଇଥିଲା। ଘନଶ୍ୟାମ ମନହୀରା ବୈଠକକୁ ସଂଯୋଜନା କରିଥିଲେ। ଯାଦବ ସମାଜରେ ଦେଖା ଦେଇଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଯାଦବ ସମାଜର ସାଧାରଣ ସମ୍ପାଦକ ମୁନିରାମ ନାଗ, ପଙ୍କଜ ନାଗ, ବଂଶୀଧର ହଂସ, ଶଙ୍କର ଅଦା, ନୀଳାଞ୍ଚଳ ନାଗ, ସୂର୍ଯ୍ୟକାନ୍ତ ହଂସ, ସନ୍ତୋଷ ପୁଞ୍ଜି, ଚନ୍ଦ୍ରମଣି ହଂସ, ଅଣ୍ଡିଚରଣ ନାଗ, ହରିଶ କେତକୀ, ତୁଳସୀ ରାମ ହଂସ, ଅର୍ଦ୍ଧେନ୍ଦୁ କୁମାର ଦାସ, ଦୁର୍ଗାପ୍ରସାଦ ବନଛୋର, ପ୍ରତାପ ଭାଟି ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶତ୍ରୁଘ୍ନ ହଂସ, ନୀଳାମ୍ବର ବନଛୋର, ନିିକେତନ ଭାଟି, ବିନୋଦ ବାଗ, ରାଜକିଶୋର ଥପା, ବଳଦେବ ବାଗ ଉପସ୍ଥିତ ଥିଲେ। ହୁଲେଶ୍ୱର ହଂସ ଧନ୍ୟବାଦ ଅର୍ପଣ କରିଥିଲେ।

# ୱାଟର ବୋଟ ପାର୍କର ଶିଳାନ୍ୟାସ

ଟିଟିଲାଗଡ଼,୮।୧୨(ସନ୍ତୋଷ ପଟ୍ଟନାୟକ)

ଟିଟିଲାଗଡ଼ ପୌର ପରିଷଦରେ ପ୍ରଥମ ଥର ପାଇଁ ଚିଲଡ୍ରେନ ୱାଟର ବୋଟ ପାର୍କ ସାକାର ହେବାକୁ ଯାଉଛି । ଟିଟିଲାଗଡ଼ ବିଧାୟକ ନବୀନ ଜୈନ ମୁଖ୍ୟଅତିଥି ଭାବରେ ଯୋଗଦେଇ ପାର୍କର ଶିଳାନ୍ୟାସ କରିଥିଲେ । ଖୁବ ଶୀଘ୍ର ସହରର ବାଳକ ହାଇସ୍କୁଲ ଖେଳପଡିଆ, ମୁଡାବନ୍ଧଠାରେ ଓପନ ଜିମ ପ୍ରକଳ୍ପ ସାକାର ହେବ ବୋଲି ବିଧାୟକ ଜୈନ କହିଥିଲେ। ଏହି ଅବସରରେ ପୌରାଧ୍ୟକ୍ଷା ମମତା ଜୈନ ସହରବାସୀଙ୍କ ସମସ୍ତ ଆକାଂକ୍ଷା ନିଶ୍ଚିତ ପୂରଣ କରିବାକୁ ସେ ପ୍ରତିଶୃତି ବଦ୍ଧ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ପୌର ନିର୍ବାହୀ ଅଧିକାରୀ ସନ୍ଦୀପ ଚନ୍ଦ୍ରକାର, କାଉନସିଲର ଭୁବନେଶ୍ୱର ପଟ୍ଟନାୟକ, ସୁଧୀର ଅଗ୍ରୱାଲ, ସୁନିତା ଦାଶ, ଯଶୋଦା ବର୍ଗର୍ତ୍ତି, ସରଜୁ ଥନାପତି, ମନୋଜ ଜୈନ, ସୁନିତା ନାଗ, ଭାଜପା ନେତା ଚିନ୍ତାମଣି ସାହୁ, ସୁଧୀର ଘଡେଇ, ସୁରେଶ ଭୋଇ, ରାଜୁ ରାଓ, ଅଶୋକ ଭୋଇ, ଶ୍ୟାମ ପ୍ରସାଦ ଶର୍ମା, ପ୍ରଦୀପ ବେହେରା, ଶୁଭେନ୍ଦୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଏହା ପୂର୍ବରୁ ପ୍ରଥମ ଥର ପାଇଁ ସ୍ଥାନୀୟ ଆଇ ଲଭ ଟିଟିଲାଗଡ଼ ପାର୍କ ପରିସରରେ ଶିଶୁ କ୍ରୀଡା ଉଦ୍ୟାନ ହୋଇଛି।

# ସଚେତନତା କାର୍ଯ୍ୟକ୍ରମ

ଖପ୍ରାଖୋଲ,୮।୧୨(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ ମହରାପଦର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟଠାରେ ବର୍ଜ୍ୟ ପ୍ଲାଷ୍ଟିକରୁ ଉପଯୋଗୀ ଉପକରଣ ପ୍ରସ୍ତୁତି ଉପରେ ସଚେତନତା କାର୍ଯ୍ୟକ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନବ କିଶୋର ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ଏସିଏଫ ତଥା ହରିଶଙ୍କର ରେଞ୍ଜ ଅଧିକାରୀ ଅରବିନ୍ଦ ନାଏକ, ପରିବେଶ କର୍ମୀ ଅଭୟ ତ୍ରିପାଠୀ, ଫୁଲୁକିମୁଣ୍ଡା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗୋପାଳ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପ୍ଲାଷ୍ଟିକର ବ୍ୟବହାର କମ୍ କରିବା , ପୁନଃ ବ୍ୟବହାର କରିବା ଉପରେ ସଚେତନତା ବାର୍ତ୍ତା ଦିଆଯାଇଥିଲା। ଛାତ୍ରୀଙ୍କ ଦ୍ୱାରା ବର୍ଜ୍ୟ ପ୍ଲାଷ୍ଟିକରୁ ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା। ହରିଶଙ୍କର ବନପାଳ ରଞ୍ଜିତ କୁମ୍ଭାର, ତହସିଲ ବାଗଙ୍କ ସମେତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ବଲାଙ୍ଗୀରରେ ଚାଷୀମାନଙ୍କୁ ଇନପୁଟ୍ ସହାୟତା ବଣ୍ଟନ

ବଲାଙ୍ଗୀର,୮।୧୨(ବୀରେନ୍ଦ୍ର କୁମାର ଝାଙ୍କର)

**ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ଆଭାସୀରେ ଯୋଡ଼ି ହେଲେ ଚାଷୀ**

ରବିବାର ବରଗଡ଼ ଜିଲା ସୋହେଲାଠାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମଗ୍ର ଓଡ଼ିଶାର ଚାଷୀମାନଙ୍କ ପାଇଁ କୁଇଣ୍ଟାଲ ପ୍ରତି ୮୦୦ ଟଙ୍କାର ଇନପୁଟ୍ ସହାୟତା ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ବଲାଙ୍ଗୀର ଜିଲାର ଚାଷୀମାନେ ସ୍ଥାନୀୟ କୋଶଳ କଳା ମଣ୍ଡଳ ପଡ଼ିଆରେ ଆୟୋଜିତ ଆଭାସୀ କାର୍ଯ୍ୟକ୍ରମରେ ଯୋଡି ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ଜିଲାପାଳ ଗୌରବ ଶିୱାଜୀ ଇସଲୱାର ଯୋଗଦେଇ ୧୯ ଜଣ ଚାଷୀଙ୍କୁ ଇନ୍‌ପୁଟ ସହାୟତାର ଡମି ଚେକ୍ ବଣ୍ଟନ କରିବା ସହ ଉଦ୍‌ବୋଧନ ଦେଇଥିଲେ। ପଞ୍ଜୀକୃତ ଚାଷୀଙ୍କ ମନରେ ଯେପରି କୌଣସି ଦ୍ୱନ୍ଦ୍ୱ ନ ରୁହେ, ସେଥିପାଇଁ ପ୍ରତ୍ୟେକ ମଣ୍ଡିର ସୂଚନା ଫଳକରେ ମଣ୍ଡି ନୋଡଲ ଅଫିସର ଓ ମଣ୍ଡି ସୁପରଭାଇଜରଙ୍କ ନାମ ସହିତ ତାଙ୍କ ମୋବାଇଲ ନମ୍ବର ପ୍ରଦର୍ଶନ କରାଯାଉଥିବା ସୂଚନା ଦିଆଯାଇଥିଲା। ଏହାଛଡା ପ୍ରତ୍ୟେକ ମଣ୍ଡିରେ ସିସି ଟିଭି ଲଗାଇବା ସହିତ ଏକ ରାଜ୍ୟସ୍ତରୀୟ କଣ୍ଟ୍ରୋଲ ରୁମ ଓଡିଶା ଯୋଗାଣ ନିଗମ ଭୁବନେଶ୍ୱରଠାରେ ବ୍ୟବସ୍ଥା କରାଯାଇଛି। ଧାନ ପରିବହନକାରୀ ଯାନଗୁଡିକର ଗତିବିଧି ଉପରେ ନଜର ରଖିବା ପାଇଁ ସମସ୍ତ ସୀମା ଯାଞ୍ଚ ପଏଣ୍ଟରେ ସିସିଟିଭି ବ୍ୟବସ୍ଥା କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଥିବା କୁହାଯାଇଛି। ସମବାୟ ବିଭାଗ ଦ୍ୱାରା ସମସ୍ତ ଧାନ ସଂଗ୍ରହ କେନ୍ଦ୍ରରେ ସଂଗ୍ରହ ବ୍ୟବସ୍ଥାକୁ ସୁଗମ କରିବା ପାଇଁ ପ୍ରାଥମିକତା ଆଧାରରେ ଆବଶ୍ୟକ ବୈଷୟିକ ଯନ୍ତ୍ରପାତି ଓ ଅନ୍ୟାନ୍ୟ ବ୍ୟବସ୍ଥା କରିବାକୁ ଗୁରୁତ୍ୱ ଦେବେ। ମିଲକୁ ଧାନ ପହଞ୍ଚିବା ପୂର୍ବରୁ ଏହାର ମାନକୁ ନିଶ୍ଚିତ କରିବା ପାଇଁ ମଣ୍ଡିରେ ଧାନର ମାନ ଯାଞ୍ଚ କରାଯିବ ଏବଂ ଯାଞ୍ଚ ସମୟରେ ମିଲର ଉପସ୍ଥିତ ରହିବେ। ଯାଞ୍ଚ ରିପୋର୍ଟର ଏକକିତା ନକଲ ସମ୍ପୃକ୍ତ ଚାଷୀଙ୍କୁ ପ୍ରଦାନ କରାଯିବ। ଜିଲା ଅଧିକାରୀମାନେ ଜିଲା ଗସ୍ତ ସମୟରେ ଧାନ ମଣ୍ଡିକୁ ପରିଦର୍ଶନ କରି ଧାନ ସଂଗ୍ରହ ବ୍ୟବସ୍ଥାର ତଦାରଖ କରିବେ ବୋଲି ସୂଚନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଡ଼ ବିଜୟାନନ୍ଦ ସେଠୀ, ବଲାଙ୍ଗୀର ଉପଜିଲାପାଳ ଆଲୋକ ପଟେଲ, ପାଟଣାଗଡ଼ ଉପଜିଲାପାଳ ସୁନୀଲ ମେହେର, ଯୋଗାଣ ଅଧିକାରୀ ବେଣୁଧର ପାଣିଗ୍ରାହୀ, ମୁଖ୍ୟ କୃଷି ଅଧିକାରୀ ବାବୁଲି ଚରଣ ସେଠୀ, ଡିଆରସିଏସ ପ୍ରମୋଦ ବରିହା ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ କୃଷି ଅଧିକାରୀ ସୁଧାକର ନନ୍ଦ ପରିଚାଳନା କରିଥିଲେ।



ଜିଲାର ଚାଷୀମାନଙ୍କୁ ବଲାଙ୍ଗୀର ଜିଲାପାଳ ଗୌରବ ଶିୱାଜୀ ଇସଲୱାର ଇନ୍‌ପୁଟ ସହାୟତା ବଣ୍ଟନ କରୁଛନ୍ତି।

# ପୋଲିସ-ଜନତା ମୁହାଁମୁହିଁ, ୫ ଆହତ

## ଯୁବକଙ୍କୁ ଆକ୍ରମଣ ଘଟଣା

ଗୁଡଭେଲା,୮।୧୨(ମନୋଜ କୁମାର ଜୈନ)

ବଲାଙ୍ଗୀର ଜିଲା ତୁଷୁରା ସହରସ୍ଥିତ ଗୋଦାମପଡାର ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରାଯିବା ନେଇ ତୁଷୁରା ଥାନା ପରିସରରେ ରବିବାର ପୂର୍ବାହ୍ନରେ ପୋଲିସ-ଜନତା ମୁହାଁମୁହିଁ ହୋଇଛନ୍ତି। ପୋଲିସ ଉତ୍ତ୍ୟକ୍ତ ଲୋକଙ୍କୁ ଘଉଡାଇବାକୁ ଯାଇ ଲାଠିମାଡ କରିବା ଫଳରେ ୫ ଜଣ ଆହତ ହୋଇଛନ୍ତି। ଏହି ଘଟଣାରେ ପୋଲିସ ୨ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ଅଘଟଣକୁ ଏଡାଇବା ପାଇଁ ଥାନା ପରିସରରେ ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି ।

ପ୍ରକାଶ ଯେ, ଗତ ୩ ଦିନ ତଳେ ଗୋଦାମପଡାସ୍ଥିତ ଏକ ଦୋକାନକୁ ତୁଷୁରା ସହର ପତିତପାବନପଡାର କେତେଜଣ ଯୁବକ ଯାଇ ପାଟିତୁଣ୍ଡ କରିବା ସହ ଦୁର୍ବ୍ୟବହାର କରିଥିବା ଦୋକାନ ମାଲିକ କେଶବ ସରଭଙ୍ଗିଆ ତୁଷୁରା ଥାନାରେ ଅଭିଯୋଗ କରିଥିଲେ। ଏହାକୁ ନେଇ ରବିବାର ପତିତପାବନ ପଡାର କେତେଜଣ ଯୁବକ ତୁଷୁରା ବସଷ୍ଟାଣ୍ଡରେ ଗୋଦାମପଡାର ଯୁବରାଜ ହରପାଲଙ୍କୁ ଦେଖି ସଂଘବଦ୍ଧ ଆକ୍ରମଣ କରିଥିଲେ। ସେ ଜୀବନ ବିକଳରେ ଦୌଡି ପଳାଇବାକୁ ଚେଷ୍ଟା କରିଥିଲେ ହେଁ ସେମାନେ ତାଙ୍କୁ ଗୋଡାଇ ଗୋଡାଇ ମାଡ ମାରିଥିଲେ। ଫଳରେ ହରପାଳ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ତୁଷୁରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯାଇ ପରେ ବଲାଙ୍ଗୀର ଭୀମଭୋଇ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଏହି ଖବର ପାଇ ଉତ୍ତେଜନା ପ୍ରକାଶ ପାଇଥିଲା । ଗୋଦାମପଡାର ମହିଳା ପୁରୁଷ ତୁଷୁରା ଥାନା ପରିସରରେ ରୁଣ୍ଡ ହୋଇ ଏହାର ପ୍ରତିବାଦ କରିଥିଲେ। ଥାନା ଠାରୁ କିଛି ଦୂରରେ ଯୁବକଙ୍କୁ ମାଡ ମରାଯାଇଥିବା ବେଳେ ପୋଲିସ ନୀରବଦ୍ରଷ୍ଟା ସାଜିଥିବା ଅଭିଯୋଗ କରିଥିଲେ। ଫଳରେ ପୋଲିସ ପତିତପାବନ ପଡାର ଜଣେ ଯୁବକଙ୍କୁ ଧରି ଜିପରେ ଥାନାକୁ ଆଣୁଥିବା ବେଳେ ଉପସ୍ଥିତ ଗୋଦାମପଡାର ମହିଳା ପୁରୁଷ ସମ୍ପୃକ୍ତ ଯୁବକଙ୍କୁ ପୋଲିସ ହେପାଜତରୁ ଛଡାଇବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ପୋଲିସ ଜନତା ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ପୋଲିସ ଭିଡକୁ ନିୟନ୍ତ୍ରଣ କରିବାକୁ ଯାଇ ଲାଠିମାଡ କରିଥିଲା। ଫଳରେ ଗୋଦାମ ପଡାର ଆୟୁସ ସରଭଙ୍ଗିଆ, ହିମାଶିନୀ ହରପାଲ, ମନିଷ ହରପାଲ, ଯୁନିସ ସରଭଙ୍ଗିଆ ଓ ମନୋଜ ହରପାଲ ଆହତ ହୋଇଥିଲେ। ପରେ ଆଉ ଜଣେ ଯୁବକଙ୍କୁ ଥାନାକୁ ଆଣି ପୋଲିସ ପଚରା ଉଚରା ଚଳାଇଛି। ଖବରପାଇ ବଲାଙ୍ଗୀର ଏସ୍‌ପି ରିଷିକେଶ ଖିଲାରି ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ଏସ୍‌ଡିପିଓ ପ୍ରଦୀପ ସାହୁ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରି ଅଭିଯୁକ୍ତଙ୍କୁ ଗିରଫ କରିବା ପ୍ରତିଶ୍ରୁତି ଦେବା ପରେ ଅପରାହ୍ନରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଉପରୋକ୍ତ ଦୁଇ ପଡ଼ାରେ ପୋଲିସ ପକ୍ଷରୁ ପାଟ୍ରୋଲିଂ କରାଯାଇଛି।


ଗୋଦାମପଡ଼ାର ମହିଳା ପୁରୁଷଙ୍କ ସହ ଏସ୍‌ଡିପିଓ ଆଲୋଚନା କରୁଛନ୍ତି।

# ଇନ୍‌ପୁଟ ସହାୟତା ଚାଷୀଙ୍କ ମୁହଁରେ ହସ ଫୁଟାଇବ

**ସୋନପୁର,୮।୧୨(ମୃତ୍ୟୁଞ୍ଜୟ ଶତପଥୀ)**



କୃଷକ ସମାବେଶରେ ଜିଲାପାଳ, ଏସ୍‌ପି ଓ ଅନ୍ୟ ଅତିଥିମାନେ।

ବରଗଡ ଜିଲାର ସୋହେଲାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ଧାନର ଇନ୍‌ପୁଟ ସହାୟତା ରାଶି ବଣ୍ଟନର ଶୁଭାରମ୍ଭ କରିଛନ୍ତି। ଏହି କ୍ରମରେ ସୁବର୍ଣ୍ଣପୁର ସହର ରୟାଲ ପଡିଆରେ ଜିଲାସ୍ତରୀୟ କୃଷକ ସମାବେଶ ଆୟୋଜିତ ହୋଇଥିଲା। ଜିଲାପାଳ ଅନ୍ୟା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ କେନ୍ଦ୍ର ଓ ରାଜ୍ୟ ସରକାର କୃଷକଙ୍କ କଲ୍ୟାଣ ପାଇଁ ଚାଷୀଙ୍କୁ ଧାନର ଏମ୍‌ଏସ୍‌ପି ଓ ଇନ୍‌ପୁଟ୍ ସହାୟତା ପ୍ରଦାନ କରୁଛନ୍ତି। ରବିବାରଠାରୁ ସରକାର ଇନ୍‌ପୁଟ ସହାୟତା ରାଶି ପ୍ରଦାନର ଶୁଭାରମ୍ଭ କରିଛନ୍ତି। ଏହା ଜିଲାର ଚାଷୀଙ୍କ ମୁହଁରେ ହସ ଫୁଟାଇବ ବୋଲି ଜିଲାପାଳ କହିଥିଲେ। ସମ୍ମାନିତ ଅତିଥିଭାବେ ଏସପି ରାମପ୍ରସାଦ ସାହୁ, ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ କୁମାର ମେହେର, ବୀରମହାରାଜପୁର ଉପଜିଲାପାଳ ଲଲାଟେନ୍ଦୁ ସି, ସୋନପୁର ଉପଜିଲାପାଳ ସୌମ୍ୟାରୂପା ରଥ, ମୁଖ୍ୟ ଜିଲା କୃଷି ଅଧିକାରୀ ଧୀରେନ୍ଦ୍ର ସିଂ ବରିହା, ଅତିରିକ୍ତ ଯୋଗାଣ ଅଧିକାରୀ ଯୋଗେଶ୍ୱର ସାଏ, ସୋନପୁର ସହକାରୀ ଉପନିବନ୍ଧକ ସମବାୟ ସମିତି ପାଣ୍ଡୁ ଚରଣ ସାହୁ, ବୀରମହାରାଜପୁର ସହକାରୀ ଉପନିବନ୍ଧକ ସମବାୟ ସମିତି ଗିରିଶ ଚନ୍ଦ୍ର ପୁରୋହିତ ଯୋଗଦେଇଥିଲେ।

ଆସନ୍ତା ୧୦ ତାରିଖରୁ ଜିଲାରେ ଧାନ ସଂଗ୍ରହ ଆରମ୍ଭ ହେବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ସରିଛି। କୃଷକଙ୍କ ଆର୍ଥିକ ବିକାଶ ଦ୍ୱାରା ହିଁ ଜିଲାର ବିକାଶ ସମ୍ଭବ ବୋଲି ଅତିଥିମାନେ କହିଥିଲେ। ଜିଲାର ୨ ଜଣ ଚାଷୀଙ୍କୁ କୃଷି ଯାନ୍ତ୍ରୀକରଣ ସହାୟତା ପ୍ରଦାନ ପୂର୍ବକ ଟ୍ରାକ୍ଟର ପ୍ରଦାନ କରାଯାଇଥିଲା। ଡୁଙ୍ଗୁରିପାଲି ପାକ୍ସ ସମ୍ପାଦକ ରବିନ୍ଦ୍ର ବିଶ୍ୱାଳ ମଣ୍ଡିରେ ଧାନ ବିକ୍ରି ପାଇଁ ସରକାରୀ ନିୟମ ଓ ମଣ୍ଡିକୁ ଏଫ୍‌ଏକ୍ୟୁ ମାନର ଧାନ ଆଣିବା ପାଇଁ ଉପସ୍ଥିତ ଚାଷୀଙ୍କୁ ସଚେତନ କରିଥିଲେ।

## ସୁବର୍ଣ୍ଣପୁରରେ କୃଷକ ସମାବେଶ

ପରେ ମୁଖ୍ୟମନ୍ତ୍ରୀଙ୍କ ସୋହେଲା କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦୃଶ୍ୟ ଏଲଇଡି ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ଜିଲାର ୬ଟି ବ୍ଲକରୁ ୨ ହଜାର ଚାଷୀ, ନେତୃବୃନ୍ଦ, ସମବାୟବିତ୍, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଓ ଅଧିକାରୀ ଏହି ସମାବେଶରେ ଯୋଗଦାନ କରିଥିଲେ। ସମାରୋହ ଅବସରରେ ଜିଲାର ଚାଷୀମାନଙ୍କୁ ଚାଷ ଓ ଚାଷ ସମ୍ପର୍କିତ ବିଭିନ୍ନ ଜ୍ଞାନ କୌଶଳ ଓ ସୂଚନା ପାଇଁ ପ୍ରଦର୍ଶନୀ ଓ ଖାଦ୍ୟ ଷ୍ଟଲ ଖୋଲା ଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ସାଂସ୍କୃତିକ ସଂଗଠନର କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରା ଯାଇଥିଲା। ତରଭା ବ୍ଲକ କୃଷି ଅଧିକାରୀ ସୁଶ୍ରୀ ସ୍ମିତା ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ।

# କୁମାରକେଲି ୟୁପି ସ୍କୁଲର ବାର୍ଷିକ କ୍ରୀଡ଼ା



କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଉଛି।

**ଅମରପାଲି, ୮।୧୨(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କୁମାରକେଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦୁଇଦିନ ଧରି ଚାଲିଥିବା ବିଦ୍ୟାଳୟସ୍ତରୀୟ ବାର୍ଷିକ କ୍ରୀଡା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଷଷ୍ଠରୁ ଅଷ୍ଟମ ବରିଷ୍ଠ, ଚତୁର୍ଥ, ପଞ୍ଚମ କନିଷ୍ଠ ଏବଂ ପ୍ରଥମରୁ ତୃତୀୟ ଉପକନିଷ୍ଠ ବିଭାଗରେ ମୋଟ ୩୧ଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟର ୨୨୭ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ୧୦୦ମିଟର, ୨୦୦ମିଟର, ୪୦୦ମିଟର, ୮୦୦ମିଟର ଦୌଡ, ଲମ୍ବଡିଆଁ, ଉଚ୍ଚଡିଆଁ, ସର୍ଟପୁଟ ଥ୍ରୋ, ଡିସକସ ଥ୍ରୋ, ପଟାଟୋ ରେସ, ମ୍ୟୁଜିକ ଚ୍ୟାର ଆଦି ପ୍ରତିଯୋଗିତା ହୋଇଥିଲା।

ବରିଷ୍ଠ ବର୍ଗରେ ଅବିନାଶ କୁମ୍ଭାର, କନିଷ୍ଠରେ ଆଦ୍ୟାଶ୍ରୀ ପଧାନ ଓ ଉପ କନିଷ୍ଠ ବିଭାଗରେ ସାଇନାଥ ଖୁରା ଚାମ୍ପିୟନ ହୋଇଛନ୍ତି। ପ୍ରଧାନଶିକ୍ଷକ ହୃଷୀକେଶ ଚାନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମହଦା ସରପଞ୍ଚଙ୍କ ପ୍ରତିନିଧି ପ୍ରଦୀପ ଶତପଥୀ ମୁଖ୍ୟ ଅତିଥି, ବିଦ୍ୟାଳୟ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନୀଳାଞ୍ଚଳ ବେହେରା ମୁଖ୍ୟବକ୍ତା,

### ବରିଷ୍ଠରେ ଅବିନାଶ, କନିଷ୍ଠରେ ଆଦ୍ୟାଶ୍ରୀ ଚାମ୍ପିୟନ

କୁମାରକେଲି ଉଚ୍ଚ ବିଦ୍ୟାଳୟ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମନରୁଚି ଭୋଇ, ୟୁପି ସ୍କୁଲର ଅବସରପ୍ରାପ୍ତ ସହକାରୀ ଶିକ୍ଷକ ବାମଦେବ ମେହେର, ଆଞ୍ଚଳିକ ସାଧନ ସଂଯୋଜକ ଶରତ ନାଏକ ସମ୍ମାନିତ ଅତିଥିଭାବେ ଯୋଗଦାନ କରି ଉତ୍ତମ ସ୍ୱାସ୍ଥ୍ୟ ହିଁ ଅସଲ ଜୀବନ ବୋଲି ମତ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ବିନୋଦ ମହାପାତ୍ର, ସରୋଜ ସେଠୀ, ଫିରୋଜ ବେହେରା, ଛବିଳ ମେହେର, ପ୍ରମୋଦ ବେହେରା, ଉପ ସଭାପତି କୁମାର ଖୁରା ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସହକାରୀ ଶିକ୍ଷକ ଶିବରାମ ଚାନ୍ଦ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଚ୍ୟୁତ ରଣା ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ପ୍ରତିଯୋଗିତାକୁ ଶିକ୍ଷକ ଭରତ ହରିପାଲ, ନରେନ୍ଦ୍ର ନାଗ, ଦିଲ୍ଲୀପ ପଣ୍ଡାଙ୍କ ସମେତ ପରିଚାଳନା କମିଟି ସଦସ୍ୟମାନେ ପରିଚାଳନା କରିଥିଲେ। ପ୍ରଭାସ ମେହେର, ପ୍ରତ୍ୟୁଷ ମେହେର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଶିଶୁ ମନ୍ଦିରର ବାର୍ଷିକ କ୍ରୀଡ଼ା

**ବିନିକା,୮।୧୨(ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୨୮ତମ ବାର୍ଷିକ କ୍ରୀଡା ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବରିଷ୍ଠ ପୂର୍ବତନ ଫୁଟବଲ ଖେଳାଳି ବିଜୟ ମହାକୁର, ସମ୍ମାନିତ ଅତିଥିଭାବେ ବିନିକା ସ୍ପୋର୍ଟସ କ୍ଲବ କ୍ରିକେଟ ଖେଳାଳି ଭୁବନେଶ୍ୱର ପାତ୍ର ଯୋଗଦେଇଥିଲେ। ଶିଶୁ ବଟିକା ବିଭାଗର ୬୦ ଜଣ, ପ୍ରାକ ଶିଶୁ ବିଭାଗରେ ୧୬୦, ଶିଶୁବର୍ଗରେ ୧୪୫, ବାଲ ବର୍ଗରେ ୧୦୩, କିଶୋର ବର୍ଗରେ ୨୪ ଜଣ ଶିଶୁ ଭାଗ ନେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ସେନା କର୍ମଚାରୀ ସୁକେଶ ସାମନ୍ତରା, ସମ୍ମାନୀତ ଅତିଥିଭାବେ ବିନିକା ସ୍ପୋର୍ଟସ କ୍ଲବର ପୂର୍ବତନ ଖେଳାଳି ସୃଜନ କୁମାର ପଣ୍ଡା, ସମ୍ମାନୀତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ବିଦ୍ୟାଳୟ ସଭାପତି ମାନଗୋବିନ୍ଦ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପ୍ରଧାନ ଆଚାର୍ଯ୍ୟ ଦାଶରଥି ଘିଭେଲା ଅତିଥିମାନଙ୍କର ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ସ୍କୁଲ ପରିଚାଳନା କମିଟି ସମ୍ପାଦକ ଗୌରବ ପାଢ଼ୀ, କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକ, ଯୁଗ୍ମ ସମ୍ପାଦକ ଶ୍ରୀନିବାସ ବାବୁ ଏହି ଅବସରରେ ଯୋଗ ଦେଇଥିଲେ। ବିଦ୍ୟାଳୟ ଶାରୀରିକ ପ୍ରମୁଖ ରବୀନ୍ଦ୍ର ବିଭାରଙ୍କ ତତ୍ତ୍ୱାବଧାନରେ ସମସ୍ତ କ୍ରୀଡା ପରିଚାଳିତ ହୋଇଥିଲା। ଆଚାର୍ଯ୍ୟ କିଶୋର ସାହୁ, ପ୍ରମୋଦ ବିଶି, ସନ୍ୟାସୀ ଭୋଇ, ସତ୍ୟଭୋଇ, ସୁଶୀଲ ପଣ୍ଡା, ଜୀବର୍ଦ୍ଧନ ଦଣ୍ଡସେନା, ସତ୍ୟ ଭୋଇ, ବିଶ୍ୱରାମ ବାଗ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ଶେଷରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# ବୌଦ୍ଧରେ କଳାକାର ସମାବେଶ



ସମାବେଶରେ ଯୋଗ ଦେଇଥିବା ଅତିଥି।

**ବୌଦ୍ଧ,୮।୧୨( ଅଜିତ କୁମାର ବାରିକ)**

ଭାରତୀୟ ଜନତା ପାର୍ଟି ସାଂସ୍କୃତିକ ପ୍ରକୋଷ୍ଠ ବୌଦ୍ଧ ଜିଲା ଶାଖା ପକ୍ଷରୁ ସହରର ମାଉସୀ ମା' ମନ୍ଦିରଠାରେ ରବିବାର ଦିନ କଳାକାର ସମାବେଶ ଅନୁଷ୍ଠିତ ହୋଇଯାଇଛି। କଳାକାର ସମାବେଶର ଜିଲା ମୁଖ୍ୟ ସଂଯୋଜକ ଅରୁଣ କୁମାର ମେଣ୍ଡିଲିଙ୍କ ନେତୃତ୍ୱରେ ଅନୁଷ୍ଠିତ ସମାବେଶରେ ଜିଲା ଭାଜପା ସଭାପତି ବିପ୍ରଚରଣ ମହାନ୍ତି ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ କଳାକାରମାନେ ଜିଲା ଷ୍ଟାଡିୟମଠାରୁ ଶୋଭାଯାତ୍ରାରେ ବାହାରି ସମାବେଶ ସ୍ଥଳରେ ପହଞ୍ଚିଥିଲେ। ସଭାରେ ମୁଖ୍ୟଅତିଥି ଭାବେ କନ୍ଧମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ଓ ସମ୍ମାନିତ ଅତିଥି ଭାବେ ଭାଜପା ସାଂସ୍କୃତିକ ପ୍ରକୋଷ୍ଠ ରାଜ୍ୟ ସହ ସଂଯୋଜକ କୃତିବାସ ରଥ, ସଞ୍ଜୀବ କୁମାର ମିଶ୍ର, ମୁଖ୍ୟବକ୍ତା ଭାବେ ରାଜ୍ୟ ମୁଖ୍ୟ ସଂଯୋଜିକା ପିଙ୍କି ପ୍ରଧାନ ଯୋଗ ଦେଇଥିଲେ। ମୁଖ୍ୟଅତିଥି ବିଧାୟକ ଡାଙ୍ଗ କଳାକାରମାନଙ୍କ ମୌଳିକ ଅଧିକାର ସରକାରଙ୍କ ନିକଟରେ ଉପସ୍ଥାପନା କରିବାକୁ ପ୍ରତିଶ୍ରୁତି ଦେଇଥିଲେ। କଳାକାର ବିଶ୍ୱଜିତ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଜିଲା ଧାର୍ମିକ ଓ ସାଂସ୍କୃତିକ ସେବା ମହାସଂଘର ସଭାପତି ରମେଶ ପ୍ରସାଦ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହାସହ ବୌଦ୍ଧ ଜିଲା ପାଇଁ ସଂଯୋଜକ ଚୟନ କରାଯାଇଥିଲା। ବୌଦ୍ଧ ଜିଲା ପ୍ରକୋଷ୍ଠ ପାଇଁ ଜିଲା ସଂଯୋଜକ ଅରୁଣ ମେଣ୍ଡିଲି, ଜିଲା ସହ ସଂଯୋଜକ ଭାବେ ନିର୍ଗୁଣ ମହାକୁଡ, ରମେଶ ପ୍ରସାଦ ମେହେର, ପ୍ରଶାନ୍ତ କୁମାର ଭାଇନା, ବିଶ୍ୱଜିତ ସାହୁ, ବାଞ୍ଛାନିଧି ପ୍ରଧାନ ଓ ଉପଦେଷ୍ଟା ଭାବେ ବସନ୍ତ କୁମାର ସାହୁ, ବୌଦ୍ଧ ବ୍ଲକ ପାଇଁ ସହ ସଂଯୋଜିକା ମଞ୍ଜରୀ ରଣା, ଗୁରୁଚରଣ ରଣା, ଅଶୋକ ମନହିରା, କନ୍ଧମାଳ ପାଇଁ ବାମଦେବ ମହାନ୍ତି, ଜଗନ୍ନାଥ ରାଜହଂସ, ବିଘ୍ନରାଜ ନାଏକ, ହରଭଙ୍ଗା ପାଇଁ ନୟନା ମହାକୁଡ, ଶୁଶାନ୍ତ ସେଠୀ, ରମେଶ ବାରିକ, ବୌଦ୍ଧ ଏନ୍‌ଏସି ପାଇଁ ଅରୁପ ରଞ୍ଜନ ରଣା, ଶୋଭନ କରଡିଆ, ସବ୍ୟସାଚୀ ସାହୁଙ୍କୁ ମନୋନୀତ କରାଯାଇ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଶେଷରେ ନାଟ୍ୟକାର ସୁରେନ୍ଦ୍ର କୁମାର କର୍ଣ୍ଣ ଧନ୍ୟବାଦ ପ୍ରଦାନ କରିଥିଲେ।

# ସୁରଥ ସ୍ମାରକୀ କ୍ରିକେଟ: ହିଙ୍ଗିମା ଚାମ୍ପିୟନ




ଅତିଥିଙ୍କ ସହିତ ଫାଇନାଲ ମ୍ୟାଚ ଖେଳିଥିବା ଉଭୟ ଦଳର ଖେଳାଳିମାନେ।

**ଅମରପାଲି, ୮।୧୨(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଯାଲୋଏ ପଞ୍ଚାୟତର ବଡଅଙ୍କରିଆ ଗ୍ରାମରେ ଚାଲିଥିବା ପଞ୍ଚମ ସୁରଥ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଖୁଣ୍ଟୁଲାପାଲିକୁ ହରାଇ ହିଙ୍ଗିମା ଦଳ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ଟି -୧୦ ଫର୍ମାଟରେ ହୋଇଥିଲା। ଖୁଣ୍ଟୁଲାପାଲି ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ସମସ୍ତ ଉଇକେଟ ହରାଇ ୯୭ରନ କରିଥିଲା। ଜବାବରେ ହିଙ୍ଗିମା ଦଳ ଆବଶ୍ୟକ ୯୮ ରନକୁ ୯.୫ ଓଭରରେ ୭ ଉଇକେଟ ହରାଇ ହାସଲ କରି ଚାମ୍ପିୟନ ହୋଇଥିଲା। ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ କ୍ରୀଡ଼ାବିତ ଆଶିଷ ପାତ୍ର, ମନୋରଞ୍ଜନ ପାତ୍ର, ଝରିଆ ପାତ୍ର, ରଘୁନାଥ ପଣ୍ଡା ଅତିଥିଭାବେ ଯୋଗଦେଇଥିଲେ। ସୌରମ୍ୟଙ୍କୁ ମ୍ୟାନ ଅଫ ଦି ଫାଇନାଲ, ବିକାଶଙ୍କୁ ମ୍ୟାନ ଅଫ ଦି ସିରିଜ ଓ ଶ୍ରେଷ୍ଠ ସିକ୍ସରଭାବେ ପୁରସ୍କୃତ କରାଯାଇଥିଲା। ଏହା ସହିତ ଚାମ୍ପିୟନ ହିଙ୍ଗିମା ଦଳକୁ ନଗଦ ୧୪ ହଜାର ଟଙ୍କା ସହିତ ଟ୍ରଫି ଏବଂ ରନର ଅପ ଖୁଣ୍ଟୁଲାପାଲି ଦଳକୁ ନଗଦ ୧୦ ହଜାର ଟଙ୍କା ସହିତ ଟ୍ରଫି ପୁରସ୍କୃତ କରାଯାଇଥିଲା।

# ଜିଲାସ୍ତରୀୟ ଯୁବ ରେଡକ୍ରସ ଶିବିର ଉଦ୍‌ଯାପିତ




ଶିବିରରେ ଯୋଗ ଦେଇଥିବା ଅତିଥି।

**ବୌଦ୍ଧ,୮।୧୨(ଅଜିତ କୁମାର ବାରିକ)**

ବୌଦ୍ଧ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ତିନି ଧରି ଚାଲିଥିବା ଜିଲାସ୍ତରୀୟ ଯୁବ ରେଡକ୍ରସ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ରବିବାର ଉଦଯାପିତ ହୋଇଛି । ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ରବିନ୍ଦ୍ରନାଥ ଗୁରୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲା ରେଡକ୍ରସ ସମ୍ପାଦକ ଅଧ୍ୟାପକ ପ୍ରବୀର ଦାସ, କଳାହାଣ୍ଡି ଜିଲା ଯୁବ ରେଡକ୍ରସ ସଂଯୋଜକ ଶାନ୍ତନୁ କୁମାର ପରିଡା ଯୋଗଦେଇ ସମାଜ ସେବା ପାଇଁ ଯୁବ ଗୋଷ୍ଠୀ ଆଗେଇ ଆସିବାକୁ ଆହ୍ୱାନ କରିଥିଲେ। ବୌଦ୍ଧ ଜିଲା ଯୁବ ରେଡକ୍ରସ ସଂଯୋଜକ ସୁରେଶ୍ୱର ଯୋଶୀ ଶିବିର ସମ୍ପର୍କରେ ଆଲୋକପାତ କରିଥିଲେ। ଯୁବ ରେଡକ୍ରସ ପରାମର୍ଶଦାତା ଉତ୍ତମ ବେହେରା ମଞ୍ଚ ପରିଚାଳନା କରିଥିଲେ। ଶିବିରରେ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ସୌଭାଗ୍ୟବତୀ ପ୍ରଧାନ ଓ ସ୍ମୃତିରେଖା ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା। ଶିବିରରେ ଜିଲାର ୨୪ ଗୋଟି ମହାବିଦ୍ୟାଳୟରୁ ୧୨୦ ଜଣ ସେଚ୍ଛାସେବୀ ଓ ପରାମର୍ଶଦାତା ଅଂଶଗ୍ରହଣ କରିଥିଲେ।

# ନିଶା ନିବାରଣ ନେଇ ଗଣଦୌଡ଼

**ବୌଦ୍ଧ,୮।୧୨(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ବଜରଙ୍ଗ ଦଳ ପକ୍ଷରୁ ନିଶା ନିବାରଣ ସଚେତନତା ପାଇଁ ରବିବାର ଦିନ ଗଣଦୌଡ କରାଯାଇଥିଲା। ଏହି ଗଣଦୌଡ ସହରର ମର୍ଯ୍ୟାକୁଦ ବ୍ରିଜ ଛକଠାରୁ ଆରମ୍ଭ ହୋଇ ସହର ପରିକ୍ରମା କରିଥିଲା। ଜିଲାପାଳ ସୁବ୍ରତ କୁମାର ପଣ୍ଡା ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ, ଜିଲା ସଂଘ ଚାଳକ ସୂର୍ଯ୍ୟକାନ୍ତ ଦଳବେହେରା, କଳାହାଣ୍ଡି ଜିଲା ଯୁବ ରେଡକ୍ରସ ସଂଯୋଜକ ଶାନ୍ତନୁ କୁମାର ପରିଡା ଯୋଗଦେଇ ନିଶା ସେବନ ଠାରୁ ଦୂରେଇ ରହିବାକୁ କହିବା ସହ ଏହାକୁ ରୋକାଯାଇ ପାରିଲେ ଏକ ଶୃଙ୍ଖଳିତ ସମାଜ ଗଠନ କରିପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ବିଶ୍ୱହିନ୍ଦୁ ପରିଷଦ, ବିଦ୍ୟାର୍ଥୀ ପରିଷଦ ଓ ସ୍ୱୟଂସେବକମାନେ ଯୋଗ ଦେଇଥିଲେ। ଅଧ୍ୟାପକ ପ୍ରବୀର ଦାସ ସଂଯୋଜନା କରିଥିଲେ। ବିଶ୍ୱହିନ୍ଦୁ ପରିଷଦ ଜିଲା ସଭାପତି ଶମ୍ଭୁପ୍ରସାଦ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଶେଷରେ ବଜରଙ୍ଗ ଦଳ ଜିଲା ସଂଯୋଜକ ସଞ୍ଜୀବ କୁମାର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଚକିତ ଭଞ୍ଜ, ହେମନ୍ତ ଚମ୍ପତି, ମିଥୁନ ନାୟକ, ଜିତୁ ମହାପାତ୍ର. ପ୍ରବୀଣ, ସିପୁନ, ସୁରଥ ପ୍ରମୁଖ ସହଯୋଗ କରିଥିଲେ ।



ବଜରଙ୍ଗ ଦଳ ପକ୍ଷରୁ ଗଣଦୌଡ଼।

# ପାରମ୍ପରିକ ଲୋକକଳାର ସୁରକ୍ଷାକୁ ଗୁରୁତ୍ୱ

**ସୋନପୁର,୮।୧୨(ମୃତ୍ୟୁଞ୍ଜୟ ଶତପଥୀ)**



ବ୍ଲକସ୍ତରୀୟ ତିହାରରେ ଅତିଥିମାନେ।

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ହିକୁଡିଠାରେ ପଏଁରୀ ତିହାର ସାଂସ୍କୃତିକ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ପଏଁରୀ ପକ୍ଷରୁ ରୌପ୍ୟ ଜୟନ୍ତୀ ଅବସରରେ ବ୍ଲକସ୍ତରୀୟ ପଏଁରୀ ତିହାର ପାଳନ ହୋଇଥିଲା। ଉଲୁଣ୍ଡା ବ୍ଲକ କଳା ସଂସ୍କୃତି ସଂଘ ଉପସଭାପତି ଶ୍ୟାମ ସୁନ୍ଦର ସୁନାଙ୍କ ସଭାପତିତ୍ୱରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସଭା ଅନୁଷ୍ଠିତ ହୋଇଥିଲା। ଗାଁ ଗାଁରେ ଲୁଚି ଯାଉଥିବା ଲୋକକଳା ଓ କଳାକାରମାନଙ୍କୁ ଲୋକଲୋଚନକୁ ଆଣିବା ଏବଂ ସେମାନଙ୍କୁ ପଏଁରୀ ତିହାର ମଞ୍ଚରେ ସ୍ଥାନ ଦେବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଅନୁଷ୍ଠାନ ସମ୍ପାଦକ ତଥା ଲୋକକଳା ଗବେଷକ ଚୌଧୁରୀ ବିଭାର ପାରମ୍ପରିକ ଲୋକକଳା ଓ ଲୋକସଂସ୍କୃତିର ସୁରକ୍ଷା ଉପରେ ଆଲୋଚନା କରିଥଲେ। ମୁଖ୍ୟ ଅତିଥିଭାବେ ପ୍ରାକ୍ତନ ସରପଞ୍ଚ ହରିହର କର୍ଣ୍ଣ, ସଭାପତି ଲଡୁକିଶୋର ମଲ୍ଲିକ, ପ୍ରାକ୍ତନ ସରପଞ୍ଚ ରଞ୍ଜିତା ଭୋଇ, ଦଣ୍ଡରତ୍ନ ବିପିନ ଜାଲ, ବାସନ୍ତୀ ମହାନନ୍ଦ, ପ୍ରଫୁଲ୍ଲ ନାଏକ, ପୃଥ୍ୱୀରାଜ ବାଗ, କାର୍ଯ୍ୟକାରୀ ସଭ୍ୟ ସୌମ୍ୟରଞ୍ଜନ ସେଠୀ ଓ ଗୋପାଳ ମେହେର ଉପସ୍ଥିତ ଥିଲେ। ଅନୁଷ୍ଠାନ ତରଫରୁ ଶ୍ୟାମ ସୁନ୍ଦର ସୁନାଙ୍କୁ ପଏଁରି କଳା ସମ୍ମାନରେ ସମ୍ମାନୀତ କରାଯାଇଥିଲା। ଏହି ଅବସରରେ ଅତିଥିମାନଙ୍କ ଦ୍ୱାର ପଏଁରୀ ତିହାରର ପୋଷ୍ଟର ଉନ୍ମୋଚନ କରାଯାଇଥିଲା। ଏହି ତିହାରରେ ବ୍ଲକର ଶତାଧିକ କଳାକାର ସାମିଲ ହେଇ ଶୋଳ ସୁଆଙ୍ଗ, ଦଣ୍ଡନୃତ୍ୟ, ସଂଚାର, ସଂପ୍ରଦା, ଖଜନୀ, କରମସାନି, ପ୍ରଭା ନୃତ୍ୟ, ନଚନିଆଁ, ଶବର ଶବରନି, ପତର ସଉରା, ଝୁମେର, ରାସରକେଳି, କୀର୍ତ୍ତନ ନୃତ୍ୟ ଆଦି ସୁନ୍ଦର ଭାବରେ ପରିବେଷଣ କରିଥିଲେ।

### ହିକୁଡ଼ିରେ ରୌପ୍ୟ ଜୟନ୍ତୀ ସମାରୋହ

## ବ୍ଲକସ୍ତରୀୟ ଶିଶୁ ଉତ୍ସବ

# ଜୀବନରେ ହାର୍ ମାନନାହିଁ

**ସୋନପୁର,୮।୧୨(ମୃତ୍ୟୁଞ୍ଜୟ ଶତପଥୀ)**

ସୋନପୁର ବ୍ଲକ ପିପିଲିପାଲିସ୍ଥିତ ବିଶ୍ୱ ଭାରତୀ ଚିନ୍ତନ ଶିକ୍ଷା ନିକେତନଠାରେ ଓଡ଼ିଶା ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ସଂଘ(ଓଷ୍ଟା) ପକ୍ଷରୁ ବ୍ଲକସ୍ତରୀୟ ଶିଶୁ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ସୋନପୁର ବ୍ଲକ ସଭାପତି ସୂର୍ଯ୍ୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଓଷ୍ଟାର ୪୧ ତମ ଶିଶୁ ଉତ୍ସବ ଆୟୋଜିତ ହୋଇଥିଲା। ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥିଭାବେ ସୁବର୍ଣ୍ଣପୁର ଜିଲା ଓଷ୍ଟାର ଯୁଗ୍ମ ସମ୍ପାଦକ ଚନ୍ଦ୍ର ଶେଖର ମହାପାତ୍ର, ସମ୍ମାନୀତ ଅତିଥି ଭାବେ ସୋନପୁର ବ୍ଲକ ଓଷ୍ଟାର ସମ୍ପାଦକ ସଂଗ୍ରାମ ମିଶ୍ର, ତରଭା ବ୍ଲକ ସମ୍ପାଦକ ବିଜୟ କୁମାର ପଣ୍ଡା ଏବଂ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅକ୍ଷୟ କୁମାର ସାହୁ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଭଲ ପାଠ ପଢିବା ସହିତ ଭବିଷ୍ୟତରେ ନିଜ ଜୀବନରେ କିଭଳି ସଫଳତା ହାସଲ କରିବେ ସେ ବିଷୟରେ ବୁଝାଇଥିଲେ। ଏହି ଉତ୍ସବରେ ସୋନପୁର ବ୍ଲକରେ ଥିବା ବିଭିନ୍ନ ବିଦ୍ୟାଳୟରୁ ୬୦ ଜଣ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ। ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ଉଦ୍‌ଯାପନୀ ସମାରୋହରେ ପୁରସ୍କୃତ କରାଯାଇଥିଲା। କୃତୀ ପ୍ରତିଯୋଗୀମାନେ ଜିଲାସ୍ତରୀୟ ଉତ୍ସରେ ଅଂଶଗ୍ରହଣ ପାଇଁ ମନୋନୀତ ହୋଇଛନ୍ତି। ଉଦ୍‌ଯାପନୀ ସମାରୋହରେ ସୁକାନ୍ତି ଇଣ୍ଟର ନ୍ୟାଶନାଲ ସ୍କୁଲ ପ୍ରଧାନଶିକ୍ଷକ ସନ୍ତୋଷ କୁମାର ବାସ, ଓଷ୍ଟା ରାଜ୍ୟ ସଂଘ ଉପଦେଷ୍ଟା ପ୍ରମୋଦ କୁମାର ପଣ୍ଡା ଯୋଗଦେଇ ଜୀବନରେ କେବେ ବି ହାର୍ ମାନିବ ନାହିଁ ବୋଲି ଛାତ୍ରୀଛାତ୍ରମାନଙ୍କୁ ଉପଦେଶ ଦେଇଥିଲେ। ସଭାକୁ ସଂଯୋଜନା କରିଥିଲେ ବଶ୍ୱ ଭାରତୀ ବିଦ୍ୟାଳୟ ସଂସ୍କୃତ ଶିକ୍ଷକ ନିତ୍ୟାନନ୍ଦ ପ୍ରଧାନ। ହିନ୍ଦୀ ଶିକ୍ଷକ ଲୋକନାଥ ଠେଲା ଧନ୍ୟବାଦ ପ୍ରଦାନ କରିଥିଲେ।




ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

# ଚାଷୀ ପାଇଲେ ଇନ୍‌ପୁଟ୍ ସହାୟତା ରାଶି

**ସମ୍ବଲପୁର,୮।୧୨(ପ୍ରମୋଦ ବହିଦାର)**

ଚାଷୀଙ୍କୁ ଇନ୍‌ପୁଟ୍ ସହାୟତା ରାଶି ପ୍ରଦାନର ଶୁଭାରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ବରଗଡ଼ ଜିଲା ସୋହେଲାଠାରେ ଅନୁଷ୍ଠିତ ଚାଷୀ ସମାବେଶରେ ଯୋଗଦେଇ ଏହାର ଶୁଭାରମ୍ଭ କରିଛନ୍ତି। ଏହିକ୍ରମରେ ସମ୍ବଲପୁର ଜିଲାରେ ମଧ୍ୟ ଚାଷୀଙ୍କୁ ଇନ୍‌ପୁଟ୍ ସହାୟତା ରାଶି ପ୍ରଦାନ କରାଯାଇଛି। ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ରବିବାର ପୂର୍ବାହ୍ନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ଚାଷୀମାନଙ୍କୁ ଇନ୍‌ପୁଟ୍ ରାଶି ବଣ୍ଟନ କରିଛନ୍ତି। ସମ୍ବଲପୁର ଜିଲାରେ ଶନିବାର ପର୍ଯ୍ୟନ୍ତ ଧାନ ବିକ୍ରୟ କରିଥିବା ୪୬୨୯ଜଣ ଚାଷୀଙ୍କୁ ରାଜ୍ୟ ସରକାର କୁଇଣ୍ଟାଲ ପ୍ରତି ୮ ଶହ ଟଙ୍କା ଇନ୍‌ପୁଟ ସହାୟତା ପ୍ରଦାନ କରିଛନ୍ତି। ଏହି ଅବସରରେ ସମ୍ବୋଧିତ କରି ମନ୍ତ୍ରୀ ନାଏକ କହିଥିଲେ, ଆଜି ଚାଷୀଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଦିନ। ସେମାନେ କଷ୍ଟୋପାର୍ଜିତ ଧାନର ଉପଯୁକ୍ତ ମୂଲ୍ୟ ପାଇବେ। ପୂର୍ବ ସରକାର ତାର ନିର୍ବାଚନ ଇସ୍ତାହାରରେ ଚାଷୀଙ୍କୁ ବୋନସ ଦେବାକୁ କହି ପାଞ୍ଚ ପଇସା ମଧ୍ୟ ଦେଇ ପାରିଲା



ଜଣେ ଚାଷୀଙ୍କୁ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଇନପୁଟ୍ ସହାୟତା ରାଶି ବଣ୍ଟନ କରୁଛନ୍ତି।

ନାହିଁ। ମାତ୍ର କ୍ଷମତାକୁ ଆସିବାର ମାତ୍ର କିଛିମାସ ମଧ୍ୟରେ ରାଜ୍ୟର ଭାଜପା ସରକାର ଚାଷୀଙ୍କୁ ଇନ୍‌ପୁଟ୍ ସହାୟତା ପ୍ରଦାନ ପାଇଁ ଦେଇଥିବା ପ୍ରତିଶ୍ରୁତିକୁ ପୂରଣ କରିଛି। ଏହାସହ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୨୩ଶହ ଟଙ୍କାକୁ ବୃଦ୍ଧି କରିବା ସହ ବୋନସ ମଧ୍ୟ ପ୍ରଦାନ କରିବାକୁ ଯାଇଛି। ଯଦ୍ୱାରା ଚାଷୀମାନେ ଧାନର କୁଇଣ୍ଟାଲ ପିଛା ଏମ୍‌ଏସପି ୨୩ ଶହ ସହିତ ରାଜ୍ୟ ସରକାରଙ୍କ ୮ ଶହ ଟଙ୍କାର ଇନ୍‌ପୁଟ ରାଶି ମିଶି ମୋଟ ୩୧ ଶହ ଟଙ୍କା ପାଇବେ। ଏଥିସହିତ ରାଜ୍ୟର ମଣ୍ଡି ବ୍ୟବସ୍ଥାକୁ ଉନ୍ନତ କରିବା ସହ ଏହାକୁ ସୁଚାରୁ ସମ୍ପାଦନ ପାଇଁ ସରକାର ପ୍ରୟାସ କରୁଛନ୍ତି। ଜିଲାର ୨୪ଟି ମଣ୍ଡିର ଭିତ୍ତିଭୂମି ବିକାଶ ପାଇଁ ୮୦ କୋଟି ଟଙ୍କା ମଞ୍ଜୁର ହୋଇଛି। ଆବଶ୍ୟକତା ଦୃଷ୍ଟିରୁ ଜିଲାର ପ୍ରତ୍ୟେକ ପଞ୍ଚାୟତରେ ମଣ୍ଡି ଖୋଲାଯିବ। ଯଦ୍ୱାରା ଅଞ୍ଚଳର ଚାଷୀ ନିଜ ହାତ ପାହାନ୍ତରେ ଧାନ ବିକ୍ରୟ କରିବାରେ ସକ୍ଷମ ହେବେ। ପ୍ରାରମ୍ଭରେ ସ୍ୱାଗତ ଭାଷଣ

**ଉପକୃତ ହେଲେ ସମ୍ବଲପୁରର ୪ ହଜାରରୁ ଊର୍ଦ୍ଧ୍ୱ ଚାଷୀ**

ଜରିଆରେ ଉପସ୍ଥିତ ଚାଷୀମାନଙ୍କୁ ସମ୍ବୋଧିତ କରି ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର କହିଥିଲେ ଯେ, ସମ୍ବଲପୁର ଜିଲାରେ ମୋଟ ୫୯ ହଜାର ୮୯୫ ଜଣ ଚାଷୀ ଓାନବିକ୍ରି ପାଇଁ ପଞ୍ଜିକୃତ ହୋଇଛନ୍ତି। ସେଥିମଧ୍ୟରୁ ଆଜି ୪୬୨୯ ଜଣ ଚାଷୀଙ୍କୁ ଇନ୍‌ପୁଟ୍ ସହାୟତା ବାବଦକୁ ସେମାନଙ୍କ ବ୍ୟାଙ୍କ ଜମାଖାତାରେ ସିଧାସଳଖ ପାଖାପାଖି ୫୩.୦୩ କୋଟି ଟଙ୍କା ଜମାହେବ। ଧାନ କୁଇଣ୍ଟାଲ ପିଛା ୮ ଶହ ଟଙ୍କାର ଇନପୁଟ୍ ସହାୟତା ରାଶି ସେମାନଙ୍କ ସହାୟକ ହେବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ମୁକେଶ ଭାମୁ, ଅତିରିକ୍ତ ଜିଲାପାଳ ସୁଚାରୁ କୁମାର ବଳ, ଉପଜିଲାପାଳ ଡ. ପୁଷ୍ପାଞ୍ଜଳି ପଣ୍ଡା, ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ରାମଚନ୍ଦ୍ର ଗୁଡ୍ଡୁ, ଉପ ନିବନ୍ଧକ ସମ୍ବଲପୁର ସମବାୟ ସମିତି ସମୂହ ଗଜେନ୍ଦ୍ର ପଣ୍ଡା, କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ପ୍ରତିନିଧି ନାଉରୀ ନାୟକ, ସମ୍ବଲପୁର ବିଧାୟକ ପ୍ରତିନିଧି ସମୀର ବାବୁ ଯୋଗ ଦେଇଥିଲେ। ଶେଷରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଇନ୍‌ପୁଟ୍ ସହାୟତା ପାଇ ଖୁସି ପ୍ରକଟ କଲେ ଚାଷୀ



ଦୀର୍ଘଦିନର ଆଶା ପୂରଣ ହୋଇଛି। ମୁଁ ୩୦ ଏକର ଜମିରେ ଚାଷ କରିଛି। ପ୍ରଥମ ପର୍ଯ୍ୟାୟରେ ବିକ୍ରି କରିଥିବା ୭୫ କୁଇଣ୍ଟାଲ ଧାନର ଇନ୍‌ପୁଟ୍ ସହାୟତା ରାଶି ବାବଦକୁ ୬୦ ହଜାର ଟଙ୍କା ପାଇଛି। ଏହା କୃଷିଋଣ ପରିଶୋଧ କରିବାରେ ସହାୟକ ହେବ।

**ଏମ୍ ଗୋବିନ୍ଦ, ସରଧାପାଲି, ରେମେଡ୍**



ଇନ୍‌ପୁଟ୍ ସହାୟତା ରାଶି ମିଳିବା ଏକ ବିରାଟ୍ ଉପଲବ୍ଧି। ଏଥିପାଇଁ ମୁଁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଉଛି। ଠିକଣା ସମୟରେ ଏହା ମିଳିଥିବାରୁ ମୁଁ ବିଶେଷ ଆନନ୍ଦିତ।

**ସଞ୍ଜୀବ ପାଣିଗ୍ରାହୀ, ଛତାବର, ମାନେଶ୍ୱର**



ଧାନର ଏମ୍‌ଏସ୍‌ପି ସହ ଇନ୍‌ପୁଟ ସହାୟତା ଉପଲବ୍ଧ କରାଇଥିବାରୁ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଉଛି। ତେବେ ଆଗାମୀ ରବିରେ ମଧ୍ୟ ଏହାକୁ ବଜାୟ ରଖିବା ଜରୁରୀ। ଚାଷୀଙ୍କ ସାମାଜିକ ସୁରକ୍ଷା ପାଇଁ ଚାଷୀ ସ୍ୱାସ୍ଥ୍ୟ କାର୍ଡ ପାଇଁ ସରକାର ପଦକ୍ଷେପ ନିଅନ୍ତୁ।

**ଗୋପରଞ୍ଜନ ପଣ୍ଡା, ସିନ୍ଦୁରପଙ୍କ, ମାନେଶ୍ୱର**

*ରିପୋର୍ଟ: ପ୍ରମୋଦ ବହିଦାର, ସମ୍ବଲପୁର*

## ସଂକ୍ଷେପରେ

### ହାତୀ ଆକ୍ରମଣରେ ଚାଷୀଙ୍କ ମୃତ୍ୟୁ

**ଘଉଡ଼ାଇବାକୁ ଯାଇଥିଲେ**

**ସମ୍ବଲପୁର,୮।୧୨(ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ଜିଲା ଧମା ବନାଞ୍ଚଳ ଗଡଲୋଇସିଂହ ପଞ୍ଚାୟତ ମହାକୁଡପାଲିରେ ରବିବାର ହାତୀ ଆକ୍ରମଣରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମାଙ୍ଗରା ମାହାନ୍ତ(୬୦)। ପୂର୍ବାହ୍ନ ୧୧ଟାରେ ମହାକୁଡପାଲିରେ ଏକ ଦନ୍ତାହାତୀ ଉପଦ୍ରବ କରୁଥିବା ଖବରପାଇ ଗ୍ରାମବାସୀଙ୍କ ସହ ମାଙ୍ଗରା ଘଉଡ଼ାଇବାକୁ ଯାଇଥିଲେ। ଘଉଡାଇବା ବେଳେ ଦନ୍ତା ଲୋକଙ୍କୁ ଓଲଟା ଆକ୍ରମଣ କରିଥିଲା। ଅନ୍ୟମାନେ ଦୌଡି ପଳାଇଥିବାବେଳେ ମାଙ୍ଗରାଙ୍କୁ ହାତୀ ଆକ୍ରମଣ କରିଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ସୂଚନା ପାଇ ଧମା ବନବିଭାଗ ଅଧିକାରୀ ଓ ଯୁଯୋମୁରା ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

### ବିଜେଡି ସଙ୍ଗଠନ ସୁଦୃଢ଼ କରିବାକୁ ଆହ୍ୱାନ

**ନାକଟିଦେଉଳ,୮।୧୨(ବୈକୁଣ୍ଠନାଥ ସାହୁ)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଜଗନ୍ନାଥ ପ୍ରସାଦଠାରେ ରବିବାର ବ୍ଲକ ବିଜେଡିର ଏକ କର୍ମୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁଦର୍ଶନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରେଢ଼ାଖୋଲ ବିଧାୟକ ତଥା ବିଜେଡି ରାଜ୍ୟ ଉପସଭାପତି ପ୍ରସନ୍ନ ଆଚାର୍ଯ୍ୟ ଯୋଗଦେଇଥିଲେ। ତୃଣମୂଳସ୍ତରରୁ ଦଳୀୟ ସଙ୍ଗଠନକୁ ସୁଦୃଢ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ବିଜେଡି ସରକାର ଅମଳରେ ହୋଇଥିବା ବିଭିନ୍ନ ଲୋକାଭିମୁଖୀ ଯୋଜନାଗୁଡିକର ସଫଳତାର ବାର୍ତ୍ତା ଲୋକଙ୍କ ନିକଟରେ ପହଞ୍ଚାଇବାକୁ ଦଳୀୟ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଅଧିକ ସଭ୍ୟଙ୍କୁ ଦଳରେ ଯୋଡିବା ଦିଗରେ ଚେଷ୍ଟା କରିବାକୁ ଆହ୍ୱାନ ଦେଇଥିଲେ। ନାକଟିଦେଉଳ ବ୍ଲକରେ ସର୍ବାଧିକ ସରପଞ୍ଚ, ସମିତି ସଭ୍ୟ ଓ ବ୍ଲକ ଅଧ୍ୟକ୍ଷ ବିଜେଡିର। ତେଣୁ ଦଳୀୟ ନେତା ଏବଂ କର୍ମୀମାନେ ବ୍ଲକ କାର୍ଯ୍ୟାଳୟ ଆସି ସାଧାରଣ ଲୋକଙ୍କ ସମସ୍ୟା ସମାଧାନ କରିବା ଦିଗରେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ଦଳୀୟ କର୍ମୀମାନେ ସେମାନଙ୍କ ସମସ୍ୟା ନେଇ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବୈଠକରେ ସାହେବୀ ସରପଞ୍ଚ ରାମପ୍ରସାଦ ସାହୁ, ନାକଟିଦେଉଳ ସରପଞ୍ଚ ଜିତେନ୍ଦ୍ର ସାହୁ, ସାଲେଭଟା ସରପଞ୍ଚ ପାଣ୍ଡ ପ୍ରଧାନ, ବ୍ଲକ ଯୁବ ବିଜେଡି ସଭାପତି ଧିରେନ କୁମାର ସାହୁ, ଜିଲା ଯୁବ ବିଜେଡି ଉପସଭାପତି ରାଜକିଶୋର ପ୍ରଧାନ, ଅରୁଣ ପ୍ରଧାନ, କୁଞ୍ଜବିହାରୀ ନନ୍ଦ, ମହେନ୍ଦ୍ର କୁଅଁର, ବୀରେନ ପ୍ରଧାନ, ଶଙ୍କର ବେହେରା, ସୁରେଶ କିସାନ, ଦିବାକର ସାହୁ ଉପସ୍ଥିତ ଥିଲେ।

### ପ୍ରାଥମିକ ଶିକ୍ଷକ ସଂଘ କର୍ମକର୍ତ୍ତା ନିର୍ବାଚନ

**କୁଚିଣ୍ଡା, ୮।୧୨(ବିରଞ୍ଚି ଦର୍ଶା)**

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକସ୍ତରୀୟ ନୂତନ ପେନସନ ଯୋଜନାଭୁକ୍ତ(ଏନ୍‌ପିଏସ) ପ୍ରାଥମିକ ଶିକ୍ଷକ ସଂଘ ସାଙ୍ଗଠନିକ ବୈଠକ ସାଙ୍ଗକୁ କର୍ମକର୍ତ୍ତା ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଯାଇଛି। କୁଚିଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ବୈଠକରେ ଶିକ୍ଷକ ଭୁବନେଶ୍ୱର ବେହେରା ସଭାପତିତ୍ୱ କରିଥିଲେ। ଶିକ୍ଷୟିତ୍ରୀ ରେଣୁକା ଶର୍ମା ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇ ସଙ୍ଗଠନକୁ ସୁଦୃଢ଼ କରିବାକୁ ପରାମର୍ଶ ଦେଇଥିଲେ। ପରେ ବ୍ଲକସ୍ତରୀୟ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ପ୍ରଶାନ୍ତ କୁମାର ଦାଶ ସଭାପତି, କଲ୍ୟାଣୀ ପଟେଲ ଓ ନବୀନ ଚନ୍ଦ୍ର ସାହୁ ଉପସଭାପତି, ଅରୁଣ କୁମାର ସାହୁ ସମ୍ପାଦକ, କୋଶଳେଶ୍ୱର ଖର୍ସେଲ ଓ ସୁଶ୍ରୀତା ପଟେଲ ସହ ସମ୍ପାଦକ, ଅନୀଲ କୁମାର ନାୟକ ସଙ୍ଗଠନ ସମ୍ପାଦକ ଓ ଭୋଜରାଜ କିଷାନ କୋଷାଧ୍ୟକ୍ଷଭାବେ ସର୍ବସମ୍ମତିକ୍ରମେ ମନୋନୀତ ହୋଇଥିଲେ। ଭୁବନେଶ୍ୱର ବେହେରା ଓ ରେଣୁକା ଶର୍ମା ଉପଦେଷ୍ଟା, ବରିଷ୍ଠ ଆଇନଜୀବୀ ଅକ୍ଷୟ କୁମାର ନାୟକଙ୍କୁ ଆଇନ ପରାମର୍ଶଦାତାଭାବେ ମନୋନୀତ କରାଯାଇଥିଲା। ନିର୍ବାଚିତ କର୍ମକର୍ତ୍ତାମାନେ ଶିକ୍ଷକମାନଙ୍କ ସମସ୍ୟା ସମାଧାନ ପାଇଁ ଲଢେଇ କରିବାକୁ ଶପଥ ନେଇଥିଲେ। ବୈଠକ ପରିଚାଳନାରେ ସାବିତ୍ରୀ କିଷାନ, କଲ୍ୟାଣୀ ନାଏକ ପ୍ରମୁଖ ସହଯୋଗ କରିଥିଲେ।

## ଡେଙ୍ଗସରଗି ଆଶ୍ରମ ବିଦ୍ୟାଳୟରେ ମେଗା ସ୍ୱାସ୍ଥ୍ୟ ଶିବିର




ହିଣ୍ଡାଲ୍‌କୋ ପକ୍ଷରୁ ଆୟୋଜିତ ଶିବିରକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

**ସମ୍ବଲପୁର,୮।୧୨(ଭବାନୀ ଶଙ୍କର ଭୋଇ)**

ହିଣ୍ଡାଲକୋ ହୀରାକୁଦ ପକ୍ଷରୁ ରବିବାର ସ୍ଥାନୀୟ ଡେଙ୍ଗସରଗି ଆଶ୍ରମ ବିଦ୍ୟାଳୟରେ ବିଶାଳ ସ୍ୱାସ୍ଥ୍ୟ ଶିବର ଅନୁଷ୍ଠିତ ହୋଇଯାଇଛି। ହିଣ୍ଡାଲକୋ ୟୁନିଟ ହେଡ୍ ଦେବାଶିଷ ମଲ୍ଲିକଙ୍କ ପରାମର୍ଶକ୍ରମେ ଅଞ୍ଚଳର ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଏହି ଶିବର ଅନୁଷ୍ଠିତ ହୋଇଥିଲା। ଶିବିରକୁ ହିଣ୍ଡାଲକୋ ସ୍ମେଲ୍ଟର ପ୍ଲାଣ୍ଟହେଡ ପ୍ରତାପ ସାହୁ, କୃଷକ ନେତା ଅଶ୍ୱିନୀ କୁମାର ପୃଷେଠ, ଡେଙ୍ଗସରଗି ଆଶ୍ରମ ବିଦ୍ୟାଳୟ ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ସାହୁ, ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ କ୍ଲଷ୍ଟର ହେଡ ଶିବ ମହାପାତ୍ର, ଏରିଆ ମୁଖ୍ୟ ସତ୍ୟ ପ୍ରସାଦ ଦାସ, ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରବୀଣ କୁମାର ଯାଦବ ଓ ସୁକାନ୍ତ କୁମାର ମହାପାତ୍ର ଆନୁଷ୍ଠାନିକଭାବେ ଶୁଭାରମ୍ଭ କରିଥିଲେ। ସ୍ମେଲ୍ଟର ହେଡ ସାହୁ କହିଥିଲେ ହିଣ୍ଡାଲକୋ ହୀରାକୁଦ ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡା ଓ ସଂସ୍କୃତିର ଉନ୍ନତି ପାଇଁ କାମ କରିଚାଲିବ। ସିଏସ୍‌ଆର କ୍ଲଷ୍ଟର୍ ହେଡ ଶିବ ମହାପାତ୍ର ହିଣ୍ଡାଲକୋ ବିଭିନ୍ନ ଅଞ୍ଚଳରେ ସ୍ୱାସ୍ଥ୍ୟ ଶିବିରମାନ ଆୟୋଜନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଡାକ୍ତର ପ୍ରବୀଣ କୁମାର ଯାଦବ ନେତୃତ୍ୱରେ ଡା ତ୍ରିଲୋଚନ ବାରିକ, ଡା ପଦ୍ମାଳୟା ମିଶ୍ର, ଡା ହିମାଂଶୁ ଶେଖର ସିଂହ, ଡା କୌସିକ ପାତ୍ର ପ୍ରମୁଖ ବହୁବିଧ ରୋଗର ଚିକିତ୍ସା କରିବା ସହ ରୋଗୀଙ୍କୁ ଆବଶ୍ୟକ ଔଷଧ ବିତରଣ କରିଥିଲେ। ଶିବିରର ୨୯୪ ହିତାଧିକାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ହିଣ୍ଡାଲକୋ ସ୍ୱାସ୍ଥ୍ୟ ସେବା ବିଭାଗର ସତ୍ୟ ପଣ୍ଡାଙ୍କ ନେତୃତ୍ୱରେ ଏକ ଦଳ ଏବଂ ସିଏସ୍‌ଆର ବିଭାଗର ଜୟଶ୍ରୀ ରାଓ, ସରୋଜ କୁମାର ଆଚାର୍ଯ୍ୟ, ସନ୍ତୋଷ ତ୍ରିପାଠୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ଆରମ୍ଭ ହେଲା ଜାତୀୟ ସମ୍ବଲପୁରୀ ସମ୍ମିଳନୀ




ଜାତୀୟ ସମ୍ବଲପୁରୀ ସମ୍ମିଳନୀରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

**ସମ୍ବଲପୁର,୮।୧୨(ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ଜେଲ ଛକ ନିକଟ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାଠାରେ ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଚତୁର୍ଥ ଜାତୀୟ ସମ୍ବଲପୁରୀ ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି। ପଦ୍ମଶ୍ରୀ ଡ. ଜିତେନ୍ଦ୍ର ହରିପାଲ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ସମ୍ବଲପୁରୀ ସଂସ୍କୃତି ଗବେଷକ ଡ. ନିମାଇ ଚରଣ ପଣ୍ଡା, ଡ. ଶ୍ୟାମସୁନ୍ଦର ଧର, ଉତ୍ପନ୍ନ ଭୋଇ, ସମ୍ବଲପୁରୀ ବହି ଆନ୍ଦୋଳନର ପୁରୋଧା ଶିବଶଙ୍କର ପୂଜାରୀ, ଗଙ୍ଗାଧର ବେହେର ବିଶ୍ୱ ବିଦ୍ୟାଳୟର ଇତିହାସ ବିଭାଗ ମୁଖ୍ୟ ଅତୁଲ ପ୍ରଧାନ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ପରେ ସମ୍ବଲପୁରୀ ବହିଷ୍ଟଲ ଉଦ୍‌ଘାଟନ କରାଯାଇଥିଲା। ଏହାପରେ ରାଧାଶ୍ୟାମ ମେହେରଙ୍କ ଉପରେ ପର୍ଯ୍ୟବେଶିତ ସମ୍ବଲପୁରୀ ବାନ୍ଧକଳାର ପ୍ରଚାର ପ୍ରସାର ଉପରେ ଏକ ପ୍ରଦର୍ଶନୀକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସମ୍ବଲପୁରୀ ଡେରା ପରିସରରେ ସମ୍ବଲପୁରୀ କପଡା ଏବଂ ଖାଦ୍ୟପେୟର ବିଭିନ୍ନ ଷ୍ଟଲ ଉଦ୍‌ଘାଟିତ ହୋଇଥିଲା। ଏହାପରେ ମୁଖ୍ୟ କାର୍ଯ୍ୟକ୍ରମ ଗୁରୁ ସତ୍ୟନାରାୟଣ ସ୍ମୃତି ମଚାନରେ ଉଦ୍‌ଘାଟିତ ହୋଇଥିଲା। ଏହି ଅବସରରେ ଶିଳ୍ପ ବିକାଶ ଦ୍ୱାରା ପ୍ରକାଶିତ ସମ୍ବଲପୁରୀ କ୍ୟାଲେଣ୍ଡର ଓ ପଦ୍ମପୁରରୁ ପ୍ରକାଶିତ ସମ୍ବଲପୁରୀ ପତ୍ରିକା ବାଟ କଣ୍ଡୁଆଲ ଉନ୍ମୋଚନ କରାଯାଇଥିଲା। ଏଥିସହ ବିଭିନ୍ନ ସ୍ଥାନରେ ଅଗଷ୍ଟ ୧ ରେ ସମ୍ବଲପୁରୀ ଦିନ ଆୟୋଜନ କରିଥିବା ସଙ୍ଗଠନ ଏବଂ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ପ୍ରତିମୂର୍ତ୍ତିନିର୍ମାଣରେ ସହଯୋଗ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ମାନୀତ କରାଯାଇଥିଲା। ସମ୍ବଲପୁରୀ ଲେଖକ ଏବଂ ସଙ୍ଗଠକ ଉତ୍ପନ୍ନ କୁମାର ଭୋଇ କହିଥିଲେ, ବରଗଡ ଜିଲା ସମ୍ବଲପୁରଠାରୁ ଅଲଗା ହେବା ପରେ ବି ସମ୍ବଲପୁରୀ ଭାଷା ସଂସ୍କୃତି ସହ ଜଡିତ ରହିଆସିଛି। ଜାତୀୟ ସମ୍ବଲପୁରୀ ସମ୍ମିଳନୀ ସବୁ ଅଞ୍ଚଳର ସମ୍ବଲପୁରୀ କର୍ମୀମାନଙ୍କୁ ଏକଜୁଟ କରିବାରେ ସହାୟକ ହୋଇ ପାରିଥିବା ସେ କହିଥିଲେ। ଅନ୍ୟତମ ଅତିଥି ଶିବ ଶଙ୍କର ପୂଜାରୀ ସମ୍ବଲପୁରୀ ଭାଷା ଆନ୍ଦୋଳନକୁ ମଜଭୁତ କରିବା ପାଇଁ ଏଭଳି ସମ୍ମିଳନୀର ଆୟୋଜନ ଜରୁରୀ ବୋଲି କହିଥିଲେ। ବିଶିଷ୍ଟ ଗବେଷକ ଡ ଶ୍ୟାମସୁନ୍ଦର ଧର, ଗବେଷକ ଡ. ନିମାଇ ପଣ୍ଡା ସମ୍ବଲପୁରୀ ଡେରାରେ ସମ୍ବଲପୁରୀର ପ୍ରଚାରପ୍ରସାର ପାଇଁ କରାଯାଉଥିବା ପ୍ରୟାସକୁ ପ୍ରଶଂସା କରିଥିଲେ। ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ ସମ୍ବଲପୁରୀ ଡେରାକୁ ସମ୍ବଲପୁରୀର ପ୍ରଚାର ପ୍ରସାର ପାଇଁ ବିକଶିତ କରିବାକୁ ଆହ୍ୱାନ କରିଥିଲେ। ଅପରାହ୍ନରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ସମ୍ବଲପୁରୀ ବକ୍ତୃତା ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ସନ୍ଧ୍ୟାରେ ସମ୍ବଲପୁରୀ ନୃତ୍ୟଗୀତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମାନସ ମିଶ୍ର, ପଶ୍ଚିମାଞ୍ଚଳ ଏକତା ମଞ୍ଚ ମୁଖ୍ୟ ସଂଯୋଜକ ମାନସ ବକ୍ସି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶିକ୍ଷକମାନେ ସମାଜ ଉନ୍ନତିର ମେରୁଦଣ୍ଡ

**ଜମନକିରା,୮।୧୨(ରବୀନ୍ଦ୍ର ପ୍ରସାଦ ଦାନୀ)**

ସମ୍ବଲପୁର ଜିଲା ଜମନକିରା ବ୍ଲକ ଷଣ୍ଢପଥରସ୍ଥିତ ଆଶ୍ରମ ବିଦ୍ୟାଳୟରେ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ବିଭାଗରେ କାର୍ଯ୍ୟରତ ୮ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ରବିବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଉପଲକ୍ଷେ ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘ ସମ୍ବଲପୁର ଶାଖା ଦ୍ୱାରା ଆୟୋଜିତ ସଭାରେ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟଅତିଥିଭାବେ ଯୋଗଦେଇ ଶିକ୍ଷକମାନେ ସମାଜ ଉନ୍ନତିର ମେରୁଦଣ୍ଡ ବୋଲି କହିଥିଲେ। ଦେବଗଡ଼ କଲେଜ ଅଧ୍ୟକ୍ଷ ସୁଦାମ ପରିଡା ମୁଖ୍ୟବକ୍ତାଭାବେ ଯୋଗଦେଇ ସମାଜ ସୁଧାରରେ ଶିକ୍ଷକଙ୍କ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଥିବା କହିଥିଲେ। ଶିକ୍ଷକ ସଂଘ ସଭାପତି ବୀରେନ୍ଦ୍ର କୁମାର ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଡିଓ ରବୀନ୍ଦ୍ର କୁମାର ସେଠୀ, ଷଣ୍ଢପଥର ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମାର ଜଗତ, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ କୁଚିଣ୍ଡା ଅନିଭା ନାୟକ, ସହକାରୀ ଜିଲା ମଙ୍ଗଳ ଅଧିକାରୀ ସମ୍ବଲପୁର ବିଜୟା ମେହେର, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଐଶର୍ଯ୍ୟ ନାୟକ ମଞ୍ଚାସୀନ ଥିଲେ। ପଙ୍କଜ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଅବସର ଗ୍ରହଣ କରିଥିବା ୮ ଜଣ ଶିକ୍ଷୟିତ୍ରୀଶିକ୍ଷକ ହେଲେ ସନ୍ତୋଷିନୀ ପୃଷେଠ, ସୁଧୀର ପ୍ରଧାନ, ସନ୍ତୋଷ ଶତପଥୀ, ତରୁଲତା ସୁନାନୀ, ଅନିତାରାଣୀ ଦାସ, ଚୈତନ୍ୟ ସାହୁ, ରାଧେଶ୍ୟାମ ବାରିକ, ସ୍ମୃତିରେଖା ସହାସମଲ।

## ରୋଗୀ କଲ୍ୟାଣ ସମିତି ବୈଠକ

**ନାକଟିଦେଉଳ,୮।୧୨(ବୈକୁଣ୍ଠନାଥ ସାହୁ)**

ନାକଟିଦେଉଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ରବିବାର ରୋଗୀ କଲ୍ୟାଣ ସମିତିର ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ଅନୁଷ୍ଠିତ ବୈଠକରେ ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ଯୋଗଦେଇଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଚିକିତ୍ସା ଅଧିକାରୀ ଡା. ଅମୂଲ୍ୟରତ୍ନ ମହନ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ବିକାଶ ଏବଂ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲି ପଡିଥିବା ଡାକ୍ତର ଓ ଅନ୍ୟ କର୍ମଚାରୀ ପଦବୀ ପୂରଣ, ମଞ୍ଜୁର ୧୬ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ନୂତନ ଡାକ୍ତରଖାନା କୋଠା ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ଆଉଟଡୋର ରୋଗୀଙ୍କ ପାଇଁ ଛାଉଣୀ ପାଇଁ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ଅନୁଦାନ ଯୋଗାଇ ଦେବା ଦିଗରେ ପଦକ୍ଷେପ ନେବେ ବୋଲି ଆଚାର୍ଯ୍ୟ କହିଥିଲେ। ରୋଗୀ କଲ୍ୟାଣ ସମିତିର ଅର୍ଥ କେଉଁ ଦିଗରେ ଖର୍ଚ୍ଚ କରାଯାଉଛି ସେ ସମ୍ପର୍କରେ ବିଧାୟକ ପଚାରି ବୁଝି ଥିଲେ। ବୈଠକରେ ବ୍ଲକ ଅଧ୍ୟକ୍ଷା ସ୍ୱରୂପାରାଣୀ ସାହୁ, ବିଡ଼ିଓ କ୍ଷମାନିଧି ଭୋଇ, ସିଡିପିଓ ରେବତୀ ବେହେରା, ବିଇଓ ବିଜୟ କୁମାର ପାତ୍ର, ରାଜକିଶୋର ସାହୁ, ଭିକାରୀ ଚରଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଭିନ୍ନକ୍ଷମଙ୍କ ସମସ୍ୟା ସମାଧାନ ଜରୁରୀ

**ସମ୍ବଲପୁର,୮।୧୨(ଭବାନୀ ଶଙ୍କର ଭୋଇ)**

**ଜ୍ୟୋତି ପକ୍ଷରୁ ଭିନ୍ନକ୍ଷମ ଦିବସ ପାଳନ**

ସମ୍ବଲପୁର ଜିଲା ସ୍କୁଲ ରୋଡସ୍ଥିତ ଓଡ଼ିଶା ସାଂସ୍କୃତିକ ସମାଜ ଭବନଠାରେ ଚକ୍ଷୁଦାନ ଓ ଭିନ୍ନକ୍ଷମ କଲ୍ୟାଣ ସଂସ୍ଥା ଜ୍ୟୋତି ପକ୍ଷରୁ ରବିବାର ବିଶ୍ୱ ଭିନ୍ନକ୍ଷମ ଦିବସ ପାଳନ କରାଯାଇଥିଲା। ଅନୁଷ୍ଠାନ ସଭାପତି ଡକ୍ଟର ପରେଶ ଚନ୍ଦ୍ର ଦାନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଫେସର ଶଙ୍କର ପ୍ରସାଦ ପତି ମୁଖ୍ୟ ଅତିଥି, ବିଶିଷ୍ଟ ଚକ୍ଷୁ ଚିକିତ୍ସକ ଡାକ୍ତର ସୁରେଶ ଚନ୍ଦ୍ର ଦାନୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଏହି ଅବସରରେ ସମାଜରେ ରହିଥିବା ଭିନ୍ନକ୍ଷମମାନଙ୍କ ସମସ୍ୟା ଚିହ୍ନଟ କରିବା ଏବଂ ସେଗୁଡିକର ସମାଧାନ କରିବା ପାଇଁ ବିଶ୍ୱ ଭିନ୍ନକ୍ଷମ ଦିବସର ଆବଶ୍ୟକତା ଉପରେ ମୁଖ୍ୟ ଅତିଥି ଆଲୋକପାତ କରାଯାଇଥିଲା। ଏହି ଅବସରରେ ଶୁଭସ୍ମିତା ମହାପାତ୍ରଙ୍କୁ ଜ୍ୟୋତିଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହାସହ ଜ୍ୟୋତି ପକ୍ଷରୁ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳନ ଉପଲକ୍ଷେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନ ସଂଯୋଜିକା କଳ୍ପନା ମିଶ୍ର ମଞ୍ଚାସୀନ ଥିଲେ।




ଶୁଭସ୍ମିତା ମହାପାତ୍ରଙ୍କୁ ଜ୍ୟୋତିଶ୍ରୀ ସମ୍ମାନରେ ସମ୍ମାନିତ କରାଯାଉଛି।

## ୫୫୦ କିଷାନ ଜାତିସମାଜ ସମାବେଶ: ୨ଗୋଷ୍ଠୀ ମୁହାଁମୁହିଁ

**କୁଚିଣ୍ଡା, ୮।୧୨(ବିରଞ୍ଚି ଦର୍ଶା)**



ସମାବେଶକୁ ବିରୋଧ କରୁଥିବା ଗୋଷ୍ଠୀ ନାରାବାଜି କରୁଛନ୍ତି।

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ଚାରଭାଟି ଗଙ୍ଗାଘାଟଠାରେ ରବିବାର ୫୫୦କିଷାନ(କୁଣହ୍ଣୁଁ)ଜାତି ସମାଜର ରାଜ୍ୟସ୍ତରୀୟ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସଭାପତି ମୋହନଲାଲ କିଷାନ, ଉପସଭାପତି ତଥା ପୂର୍ବତନ ବିଧାୟକ ବୃନ୍ଦାବନ ମାଝି, ପଞ୍ଚାନନ ପଧାନ, କରୁଣାକର କିଷାନଙ୍କ ସମେତ ୧୪ଟି ୫୫୦କିଷାନ ଜାତି ସମାଜ ଗୁଡି କର୍ମକର୍ତ୍ତାଙ୍କ ସହ ସମ୍ବଲପୁର ଜିଲା ଅଧିନ ୫ଟି କେନ୍ଦ୍ର ଗୁଡି(କମିଟି)ର ସହସ୍ରାଧିକ ମହିଳାପୁରୁଷ, କର୍ମକର୍ତ୍ତା ଯୋଗଦେଇଥିଲେ। ହେଲେ ସଭା ଆରମ୍ଭ ପୂର୍ବରୁ ଏହି ସଙ୍ଗଠନକୁ ୨୦୨୨ରୁ ବିରୋଧ କରୁଥିବା 'ନ ଶହ ନାଗରା' ନାମକ ଏକ ସଙ୍ଗଠନ ପକ୍ଷରୁ ତୀବ୍ର ବିରୋଧ କରାଯାଇଥିଲା। ମୋହନଲାଲ କିଷାନ ହାଏହାଏ ନାରାବାଜି କରି ବହୁସଂଖ୍ୟକ ବିରୋଧକାରୀ ସଭାମଞ୍ଚ ଆଡକୁ ମାଡି ଆସିଥିଲେ। ହେଲେ ସହସ୍ରାଧିକ ୫୫୦କିଷାନ ଜାତି ସମାଜ ଏହାକୁ ପ୍ରତିହତ କରିଥିଲେ। ଏନେଇ ବିରୋଧୀ ଗୋଷ୍ଠୀର ନେତା ତଥା କୁଚିଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶ୍ୱର କିଷାନଙ୍କୁ ପଚାରିବାରେ ସେ କହିଛନ୍ତି, ଆମ ଗୋଷ୍ଠୀଙ୍କୁ ସେମାନେ ନ'ଶହ ନାଗରା(ବର୍ଣ୍ଣଶଙ୍କର)ଆଖ୍ୟା ଦେଇ ସଙ୍ଗଠନର ନେତୃତ୍ୱମାନଙ୍କୁ କେନ୍ଦ୍ର ସଭାପତି ସସ୍‌ପେଣ୍ଡ କରିଛନ୍ତି। ଏହାଛଡା ବିଗତ ବର୍ଷରେ ଏହି ସଙ୍ଗଠନ କେତେକ ଝିଅପୁଅଙ୍କ ବିବାହ ମଧ୍ୟ ବନ୍ଦ କରି ଦେଇଛନ୍ତି। ତେଣୁ ମୋଟ ୪୦ଗୁଡିରୁ ୩୨ଗୁଡି ରାଜ୍ୟ ସଭାପତି ମୋହନଙ୍କ ଏଭଳି ଏକଛତ୍ରବାଦ ନୀତିକୁ ବିରୋଧ କରୁଛି ବୋଲି ସେ କହିଛନ୍ତି। ୫୫୦କିଷାନ ଜାତିସମାଜର କରୁଣାକର କିଷାନ ଏ ସମ୍ପର୍କରେ କହିଛନ୍ତି, ଆମର ସର୍ବପୁରାତନ ସଙ୍ଗଠନ ହୋଇଥିଲେ ମଧ୍ୟ ୨୦୨୨ରେ ସେମାନେ ଏକ ସମାନ୍ତରାଳ ସଙ୍ଗଠନ କରି କିଷାନ ସମାଜରେ ବିଭେଦ ସୃଷ୍ଟି କରିଛନ୍ତି। ଏହାଛଡା ତାଙ୍କ ନେତୃତ୍ୱଙ୍କ ସହ ଆଲୋଚନା କରି ସଙ୍ଗଠନକୁ ଗୋଟିଏ କରିବା ଉଦ୍ଦେଶ୍ୟରେ ରାଜ୍ୟଗୁଡି ସେମାନଙ୍କୁ ଡକାଯାଉଥିଲେ ମଧ୍ୟ ସେମାନେ ଏହାକୁ ଗ୍ରହଣ ନ କରି ଓଲଟା ସମାଜକୁ ଥାନା କୋର୍ଟକଚେରୀ ପର୍ଯ୍ୟନ୍ତ ଟାଣି ନେଉଥିବା କହିଥିଲେ। ତେଣୁ ଏହି ସମାବେଶକୁ ଭଣ୍ଡୁର କରିବାକୁ ଉଦ୍ୟମ କରି ସେମାନେ ଅସଫଳ ହୋଇଥିବା ସେ କହିଛନ୍ତି। ପ୍ରକାଶଥାଉକି, ବିରୋଧି ଜାତି ସଙ୍ଗଠନର ଖଡ୍ଗନାଥ ପିଙ୍ଗ, ଭୁବନେଶ୍ୱର କିଷାନ, ଶୋଭାରାମ ପଧାନ, ମହେନ୍ଦ୍ର ବାଘଙ୍କ ସମେତ ବିଭିନ୍ନ ଗୁଡି କର୍ମକର୍ତ୍ତା ଏଥିରେ ସାମିଲ ହୋଇଥିଲେ। ଗଣ୍ଡଗୋଳ ସମ୍ପର୍କରେ କୁଚିଣ୍ଡା ଥାନା ଆଇଆଇସି ବାମଦେବ ଶଙ୍ଖୁଆଳଙ୍କୁ ପଚାରିବାରୁ କିଷାନ ଜାତି ସମାଜରେ ଦୁଇଟି ଗୋଷ୍ଠୀ ଅଛନ୍ତି। ଗୋଟିଏ ଗୋଷ୍ଠୀ ସମାବେଶକୁ ବିରୋଧ କରିଥିଲେ। ପରବର୍ତ୍ତୀ ସମୟରେ ଆମର ହସ୍ତକ୍ଷେପ ଯୋଗୁ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା ବୋଲି ସେ କହିଛନ୍ତି।

# ଇନ୍‌ପୁଟ ସହାୟତା ରାଶି ବଣ୍ଟନର ଶୁଭାରମ୍ଭ

ସୁନ୍ଦରଗଡ଼,୮।୧୨ (ଜୟ ନାରାୟଣ ମେଣ୍ଟୁଲି)

ବରଗଡ଼ ଜିଲା ସୋହେଲାଠାରେ ରବିବାର ଇନପୁଟ ସହାୟତା ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଆଭାସି ମାଧ୍ୟମରେ ଏହି କାର୍ଯ୍ୟକ୍ରମର ସିଧା ପ୍ରସାରଣ ସୁନ୍ଦରଗଡଠାରେ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ମାଡ୍ରି କାଲୋ ଭବନ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ସୁନ୍ଦରଗଡ଼ ପୌର ଅଧ୍ୟକ୍ଷା ତନୟା ମିଶ୍ର, ଜିଲାପାଳ ମନୋଜ ମହାଜନ, ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲାପାଳ ଦାଶରଥି ସରାବୁ, ଜିଲା ଯୋଗାଣ ଅଧିକାରୀ ଦୁର୍ଗା ଚରଣ ବେଶ୍ରା, ଡିଆର୍‌ସିଏସ ଉମା ଶଙ୍କର ଦାସ, ବିଭିନ୍ନ ବିଭାଗୀୟ ଅଧିକାରୀ ଏବଂ ବହୁ ସଂଖ୍ୟାରେ ଚାଷୀ ଭଉଣୀଭାଇମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଡିଆର୍‌ସିଏସ ଉମା ଶଙ୍କର ଦାସ ସ୍ୱାଗତ



କାର୍ଯ୍ୟକ୍ରମରେ ଜିଲାପାଳଙ୍କ ସହ ଅନ୍ୟ ଅତିଥି।

ଅଭିଭାଷଣ ପ୍ରଦାନ କରିବା ସହିତ ଇନପୁଟ ସହାୟତା ରାଶି ଉପରେ ସୂଚନା ଦେଇଥିଲେ। ଚାଷୀଙ୍କୁ ପ୍ରତି କୁଇଣ୍ଟାଲ ପିଛା ୨୩୦୦ ଟଙ୍କା ସର୍ବନିମ୍ନ ସହାୟକ ମୂଲ୍ୟ ଏବଂ ୮୦୦ ଟଙ୍କା ଇନପୁଟ ସହାୟତା ପ୍ରଦାନ କରାଯିବା ନେଇ ସେ ସୂଚନା ଦେଇଥିଲେ। ଏହି ଅବସରରେ ଜିଲାପାଳ ମହାଜନ ଏହି ଇନପୁଟ ସହାୟତା ଚାଷୀଙ୍କ ଉନ୍ନତି ଆଣିବା ଦିଗରେ ବିଶେଷ ସହାୟକ ହେବ ବୋଲି ପ୍ରକାଶ କରିବା ସହିତ ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟା, ମଣ୍ଡି ପରିଚାଳନା ଆଦି ନିମନ୍ତେ ସରକାର ଏବଂ ପ୍ରଶାସନ ଦ୍ୱାରା ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ଏବଂ ସୁବିଧା ସୁଯୋଗ ଉପରେ ଆଲୋକପାତ କରିଥିଲେ। ଚାଷୀମାନେ ଡିଜିଟାଲ ମିଟର ମାଧ୍ୟମରେ ନିଜ ଧାନର ଜଳୀୟ ଅଂଶ ଏବଂ ଅନ୍ୟାନ୍ୟ ଆଧୁନିକ ଉପକରଣ ମାଧ୍ୟମରେ ଧାନର ଗୁଣବତ୍ତା ସମ୍ପର୍କରେ ଅବଗତ ହେବା, ମଣ୍ଡି ଗୁଡିକରେ ଚାଷୀଙ୍କ ନିମନ୍ତେ ବିଭିନ୍ନ ପ୍ରକାରର ସୁବିଧା ଆଦି ଉପରେ ଆଲୋଚନା କରିଥିଲେ। ସେହିଭଳି ଚାଷୀଙ୍କ ଚାଷ ସମ୍ବନ୍ଧୀୟ କୌଣସି ସମସ୍ୟା, ଦ୍ୱିଧା ଆଦି ରହିଥିଲେ ବିଭାଗ ତଥା ପ୍ରଶାସନ ସବୁବେଳେ ଚାଷୀଙ୍କ ସହଯୋଗ ନିମନ୍ତେ ଉପଲବ୍ଧ ଅଛନ୍ତି ବୋଲି କହିଥିଲେ। ସେହିଭଳି ଚାଷୀମାନେ କିଭଳି ଭାବେ ତାଙ୍କ କ୍ଷେତରେ ଭଲ ଉତ୍ପାଦନ କରି ପାରିବେ, କିଭଳି ଭାବେ ଚାଷୀଙ୍କ ଉନ୍ନତି ଘଟିବା ସହିତ ତାଙ୍କ ଆର୍ଥିକ ମାନଦଣ୍ଡରେ ବିକାଶ ଘଟିବ, ଜିଲା ସହିତ ସମଗ୍ର ରାଜ୍ୟରେ କିଭଳି ଭାବେ ଚାଷ ପ୍ରତି ଆଗ୍ରହ ବଢିବ ତାହା ଉପରେ କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗ ଦ୍ୱାରା ବିଭାଗୀୟ ଷ୍ଟଲ ଗୁଡ଼ିକ କରାଯାଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ସମସ୍ତ ଅତିଥି ଏହି ବିଭାଗୀୟ ଷ୍ଟଲ ବୁଲି ଦେଖିଥିଲେ।

## ସଂକ୍ଷେପରେ

### ମଗଧା ଗୌଡ଼ ସମାଜର ଆଞ୍ଚଳିକ ବୈଠକ

ବାଲିଶଙ୍କରା,୮।୧୨(ହୃଦାନନ୍ଦ ବାରିକ)

ବାଲିଶଙ୍କରା ବ୍ଲକ ସୁଖା ମହାଦେବ ମନ୍ଦିର ପରିସର ମଣ୍ଡପରେ ବାଲିଶଙ୍କରା ଆଞ୍ଚଳିକ ପାଞ୍ଚଶହ କ୍ଷୀର ମଗଧା ଗୌଡ଼ ଯାଦବ ସମାଜର ଏକ ବୈଠକ ଡୁମୁଲିଆ ସାପଡଗର ଗାଦି ସଭାପତି କୈଳାଶ କଣ୍ଡାରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସଭାପତି ଶ୍ରୀ କଣ୍ଡାରି ସଙ୍ଗଠନକୁ ସୁଦୃଢ଼ କରିବାକୁ ଆହ୍ୱାନ ଦେଇଥିଲେ। ବୈଠକରେ ସାମାଜିକ ସଂସ୍କୃତି, ପରମ୍ପରା, ଶିକ୍ଷା ଓ ସ୍ୱାସ୍ଥ୍ୟର ଉନ୍ନତି ତଥା ମଗଧା ଗୌଡ଼ ସମାଜର ଉନ୍ନତି ଉପରେ ଗୁରୁତ୍ୱ ଦିଆଯାଇଥିଲା। ନାରୀ ସୁରକ୍ଷା ଓ ଏହାର ସଶକ୍ତିକରଣ କିପରି ହେବା ତାହା ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ସମାଜରେ ବଢୁଥିବା କୁସଂସ୍କାର ତଥା ଯୁବଗୋଷ୍ଠୀଙ୍କୁ ନିଶା ହିଁ ବିପଥଗାମୀ କରୁଛି ତେଣୁ ମଦରୁ ନିବୃତ୍ତ ରହିବା ପାଇଁ ଦୃଢ଼ ସଂକଳ୍ପ ନିଆଯାଇଥିଲା। ଏହି ବୈଠକରେ ମଗଧା ଗୌଡ଼ ସମାଜ ବାଲିଶଙ୍କରା ଆଞ୍ଚଳିକ କମିଟି ସଭାପତି ଗୌତମ କଲସେର, ଡୁମୁଲିଆ ସାପଡଗର ଗାଦି କୋଷାଧ୍ୟକ୍ଷ ଲବଣୀ କଲସେର, କେନ୍ଦୁଡିହି ଆଞ୍ଚଳିକ କମିଟି ସଭାପତି ଜିବର୍ଧନ ବଛା, ଛତାସର୍ଗୀ ଆଞ୍ଚଳିକ କମିଟି ସମ୍ପାଦକ ମଧୁ ସୁଦନ ମାହାର, କୋଷାଧ୍ୟକ୍ଷ କିଶୋର ଭୈଶାଲ, ଭାସ୍କର ଭୈଶାଲ, ପରମେଶ୍ୱର ଭୈଶା, ଜଗଦିଶଚନ୍ଦ୍ର ପୋଢ଼, ପରମାନନ୍ଦ ଗହିର, ସୁରେଶ ଗହିର, ସୀତାରାମ କଲ ସେର, ରଘୁ କଲସେର, ବିଦ୍ୟାଧର କଲସେର, ସରୋଜ ନାଗଙ୍କ ସହିତ ବୈଠକରେ ସମସ୍ତ ଗାଁର ଜାତିଭାଇ ଯୋଗ ଦେଇଥିଲେ।

### ପୁଣି ୪ ବାଲି ବୋଝେଇ ଟ୍ରାକ୍ଟର ଜବତ କଲା ବନ ବିଭାଗ

କୁଆଁରମୁଣ୍ଡା,୮।୧୨ (ମହେନ୍ଦ୍ର କୁମାର ସାହୁ)

ବୀରମିତ୍ରପୁର ଉପଖଣ୍ଡର ରାଏବୋଗା ଥାନା ଅନ୍ତର୍ଗତ ସଲଙ୍ଗାବାହାଲ ନିକଟସ୍ଥ ଶଙ୍ଖ ନଦୀରୁ ଶନିବାର ପୂର୍ବାହ୍ନରେ ଚୋରାରେ ବାଲି ଉଠାଯାଉଥିବା ବେଳେ ୪ଟି ବାଲି ବୋଝେଇ ଟ୍ରାକ୍ଟରକୁ ବୀରମିତ୍ରପୁର ବନ ବିଭାଗ ଚଢ଼ାଉ କରି ଜବତ କରିଛି। ଏସିଏଫ୍ ଦୁର୍ଯ୍ୟୋଧନ ଜେରାଇଙ୍କ ନେତୃତ୍ୱରେ ଚଢ଼ାଉ ହୋଇଥିବା ବେଳେ ରାଏବୋଗା ବନପାଳ,ବନରକ୍ଷୀ ଓ ବନ ବିଭାଗ ସ୍କ୍ୱାଡ ସାମିଲ ଥିଲେ। ସୂଚନାଥାଉ କି, ଗତ ୨ ତାରିଖରେ ସମାନ ଢଙ୍ଗରେ ବୀରମିତ୍ରପୁର ବନ ବିଭାଗ ପକ୍ଷରୁ ହାତିବାରି ଥାନା ଅନ୍ତର୍ଗତ ଦେଓ ନଦୀ ବାଲୁକା ଶଯ୍ୟାରୁ ୮ଟି ବାଲି ବୋଝେଇ ଟ୍ରାକ୍ଟର ଜବତ କରାଯାଇଥିଲା। ଏହି ଚଢ଼ାଉ ଆଗାମୀ ଦିନରେ ଜାରି ରହିବ ବୋଲି ବୀରମିତ୍ରପୁର ଏସିଏଫ୍ ଦୁର୍ଯ୍ୟୋଧନ ଜେରାଇ କହିଛନ୍ତି।

### ଶର୍ଟସର୍କିଟ ଯୋଗୁ ଅଗ୍ନିକାଣ୍ଡ, ଜଳିଗଲା ୪ବାଇକ

ସୁନ୍ଦରଗଡ,୮।୧୨(ଜୟ ନାରାୟଣ ମେଣ୍ଟୁଲି)

ସୁନ୍ଦରଗଡ ସରକାରୀ କଲେଜ ରୋଡରେ ରବିବାର ରାତିରେ ଶର୍ଟସର୍କିଟ ଯୋଗୁ ଏକ ଘରେ ଅଗ୍ନିକାଣ୍ଡ ଘଟିଛି। ଖବର ପାଇ ଅଗ୍ନିଶମ ବିଭାଗ ଦଳ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ଘର ଭିତରେ ଥିବା ୪ବାଇକ ପୋଡି ଯାଇଛି।

# ଓଡ଼ିଶା ହାଇକୋର୍ଟ ବିଚାରପତିଙ୍କ ସୁନ୍ଦରଗଡ଼ ଗସ୍ତ

## ଜିଲା ଓକିଲ ସଂଘ ପକ୍ଷରୁ ସମ୍ବର୍ଦ୍ଧନା

ସୁନ୍ଦରଗଡ, ୮।୧୨(ଜୟ ନାରାୟଣ ମେଣ୍ଟୁଲି)

ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଡ. ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ଶନିବାର ସୁନ୍ଦରଗଡ଼ ଗସ୍ତରେ ଆସି ଜିଲ୍ଲା ଦୌରାଜଜ୍ ଅଦାଲତ ପରିଦର୍ଶନ କରିଥିଲେ। ଏହି ଅବସରରେ ଜିଲ୍ଲା ଓକିଲ ସଂଘ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଜିଲା ଓକିଲ ସଂଘର ସଭାପତି ନରେଶ କୁମାର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଜଷ୍ଟିସ ପାଣିଗ୍ରାହୀ ଓ ତାଙ୍କ ସହିତ ଆସିଥିବା ଉଚ୍ଚ ନ୍ୟାୟାଳୟର ରେଜିଷ୍ଟ୍ରାର ବିକ୍ରମ ପଟ୍ଟନାୟକଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଡ. ଜଷ୍ଟିସ ପାଣିଗ୍ରାହୀ ବିଚାରପତିଙ୍କୁ ବରିଷ୍ଠ ଆଇନଜୀବୀ ନିମାଇ ଚରଣ ନାଏକ, ଅଶୋକ କୁମାର ଦାସ, ପ୍ରସନ୍ନ ବେହେରା, ସୁରେନ୍ଦ୍ର ନାରାୟଣ ନାଏକ, ସୁକାନ୍ତ ମହାପାତ୍ର, ପ୍ରଦୀପ ମହାପାତ୍ର, ପ୍ରଦୀପ ମହାନ୍ତି, ଉପସଭାପତି ନିରଜ ସାମନ୍ତରାୟ ନୂତନ ବିଲ୍‌ଡିଂରେ ଉପଲବ୍ଧ ନ ଥିବା କେତୋଟି ସୁବିଧା ବିଷୟରେ ନିଜ ନିଜ ବକ୍ତବ୍ୟରେ ଅବଗତ କରାଇଥିଲେ। ବିଚାରପତି ତାଙ୍କ ବକ୍ତବ୍ୟରେ ନୂତନ ବିଲ୍‌ଡିଂରେ ନ ଥିବା ସୁବିଧାଗୁଡିକ କିପରି କରାଯାଇପାରିବ ସେ ବିଷୟରେ ବ୍ୟବସ୍ଥା କରିବେ ବୋଲି କହିଥିଲେ ଓ ସଭା ଶେଷରେ ସମ୍ପାଦକ ଅଶୋକ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ ଜିଲ୍ଲା ଓକିଲ ସଂଘର ସମସ୍ତ କର୍ମକର୍ତ୍ତା, ବରିଷ୍ଠ ଆଇନଜୀବୀ ଓ ସଭ୍ୟାସଭ୍ୟମାନେ ଉପସ୍ଥିତ ଥିଲେ।



ହାଇକୋର୍ଟ ବିଚାରପତିଙ୍କ ସହ ଓକିଲମାନେ।

# ଆଙ୍ଗନା ପକ୍ଷରୁ ଏସ୍‌ଏଚ୍‌ଜି ମହିଳାଙ୍କୁ ତାଲିମ ପ୍ରଦାନ




ତାଲିମଦାତାଙ୍କ ସହ ଏସ୍‌ଏଚ୍‌ଜି ମହିଳାମାନେ।

କୁତ୍ରା, ୮।୧୨(ଦେବାଶିଷ ସାହୁ)

ସ୍ୱେଚ୍ଛାସେବୀ ସଙ୍ଗଠନ ଆଙ୍ଗନା ପକ୍ଷରୁ ଏସଏଚଜି ମହିଳା ସଙ୍ଗଠନକୁ ଆର୍ଥିକ ସହାୟତା ପ୍ରଦାନ କରିବା ସହିତ ସ୍ୱାବଲମ୍ବୀ କରିବା ପାଇଁ ତାଲିମ ପ୍ରଦାନ କରାଯାଇଛି। ଏଥିସହ ମହିଳାମାନେ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଛନ୍ତି। ଆଙ୍ଗନା ପକ୍ଷରୁ କୁତ୍ରା ଓ ବଡଗାଁ ବ୍ଲକର ୩ଶହ ମହିଳା ସଙ୍ଗଠନଙ୍କୁ ସହାୟତା ପ୍ରଦାନ କରାଯାଉଛି। ଯେଉଁମାନେ ଭଲ କାମ କରୁଛନ୍ତି ସେଥିମଧ୍ୟରୁ ୨୫ଟି ଗ୍ରୁପଙ୍କୁ ଉର୍ମି ନୂଆଁଗାକୁ ଆଙ୍ଗନାର ସମ୍ପାଦିକା ମିନା କୁମାରି ଏକ୍କାଙ୍କ ତତ୍ତ୍ୱାବଧାନରେ ତାଲିମ ଦେବା ପାଇଁ ପରିଦର୍ଶନ କରିଥିଲେ। ସେଠାକାର ଗ୍ରୁପ ଗୁଡିକ କରୁଥିବା ବିଭିନ୍ନ ଚାଷ,କୋବି ଠାରୁ ଆରମ୍ଭ କରି ବୟଲର ଫାର୍ମ ପରିଦର୍ଶନ କରିଥିଲେ। ଏହା ସହିତ ବିଭିନ୍ନ ସମୟରେ ମହିଳା ମନଙ୍କୁ ଉତ୍ସାହିତ କରିବା ପାଇଁ ନୂଆନୂଆ କାର୍ଯ୍ୟକ୍ରମ କରାଯାଏ। ଏଥିରେ ଆଙ୍ଗନା କୋଡିନେଟର କାଷ୍ମୀର ଟପ୍ପୋ, ଆକାଉଣ୍ଟାଣ୍ଟ ମନୋଜ କେର୍କେଟା,ଫିଲ୍ଡ ଅଫିସର କିରନ ଏକ୍କା, ଫିଲ୍ଡ ଅର୍ଗାନାଇଜର ଫିଲିସିଆ ଏକ୍କା, ଶିବ ଡୁଙ୍ଗଡୁଙ୍ଗ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଏଆଇ ଟାୱାର ଯୋଗୁ ରେଳ ଦୁର୍ଘଟଣାରୁ ବର୍ତ୍ତିଲେ ହାତୀପଲ

ରାଉରକେଲା, ୮।୧୨(ସଙ୍ଗୀତା ଜେନା)

ରାଉରକେଲା ବନବିଭାଗ ଅନ୍ତର୍ଗତ ବନ୍ଧମୁଣ୍ଡା–ବରସୁଆଁରେ ରବିବାର ୨୮ ଟିକିଆ ହାତୀପଲରୁ ୩ଟି ହାତୀ ରେଳ ଦୁର୍ଘଟଣାରୁ ବର୍ତ୍ତିଯାଇଛନ୍ତି। ବନ ବିଭାଗ ଦ୍ୱାରା ଆରମ୍ଭ ହୋଇଥିବା ଏଆଇ ଟାୱାର ପାଇଲଟ୍ ପ୍ରୋଜେକ୍ଟ ଯୋଗୁ ଏହା ସମ୍ଭବ ହୋଇଛି। ଏ ସମ୍ପର୍କରେ ସୂଚନା ପ୍ରଦାନ କରି ରାଉରକେଲା ବନ ବିଭାଗ ଡିଏଫ୍‌ଓ ଯଶୋବନ୍ତ ସେଠୀ କହିଛନ୍ତି, ହାତୀ ଯାଆସ କରୁଥିବା (ହାତୀ କରିଡର) ବନଖଣ୍ଡର ବ୍ୟସ୍ତବହୁଳ ରେଳବାଇ ଲାଇନ୍ ନିକଟରେ କିଛିଦିନ ତଳେ ଆର୍ଟିଫିସିଆଲ୍ ଇଣ୍ଟେଲେଜେନ୍ସ (ଏଆଇ) ସମ୍ପନ୍ନ କ୍ୟାମେରା ଟାୱାର ଗୁଡ଼ିକ ସ୍ଥାପନ କରାଯାଇଥିଲା। ଯାହାର ସିଧାସଳଖ ସମ୍ପର୍କ ବନ ବିଭାଗ କଣ୍ଟ୍ରୋଲ ରୁମ୍ ସହ ସଂଯୁକ୍ତ ଥିଲା। ଜଙ୍ଗଲ ଓ ପରିବେଶ ମନ୍ତ୍ରାଳୟ ପକ୍ଷରୁ ପ୍ରଥମ କରି ଓଡ଼ିଶାରେ ଉକ୍ତ ଏଆଇ ପ୍ରକଳ୍ପ ରାଉରକେଲା ବନଖଣ୍ଡରେ ସ୍ଥାପନ କରିବାକୁ ଯୋଜନା କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ଡୋଲାକୁଦର, ମହୀପାଣି, ଚମ୍ପାଝରଣ, ସୋନାଖାନ୍ ଆଦି ସ୍ଥାନରେ ଉକ୍ତ ଟାୱାର ସ୍ଥାପନ କରାଯାଇଥିଲା। ଗତ ୬ ତାରିଖରେ ଡୋଲାକୁଦରସ୍ଥିତ ଟାୱାରରୁ ୨୮ଟିକିଆ ହାତୀପଲ ବିଚରଣ କରୁଥିବା ଲକ୍ଷ୍ୟ କରାଯାଇଥିଲା। ବନ୍ଧମୁଣ୍ଡା–ବରସୁଆଁ ରେଳଲାଇନ୍ ନିକଟରେ ହାତୀ ଥିବା ଦେଖି ରେଳବାଇକୁ ସୂଚିତ କରାଯାଇଥିଲା। ପରେ ରେଳ ଚଳାଚଳ ବନ୍ଦ କରାଯାଇଥିଲା। ଏଥିରେ ୨୮ ହାତୀରୁ ପଛରେ ରହିଯାଇଥିବା ୨ଟି ବୟସ୍କ ହାତୀ ଓ ଗୋଟିଏ ଶାବକ ରେଳ ଦୁର୍ଘଟଣାରୁ ବର୍ତ୍ତିଯାଇଥିଲେ ବୋଲି ସେଠୀ କହିଥିଲେ।

ସୂଚନାଯୋଗ୍ୟ, ଇସ୍ପାତ କାରଖାନାର ଏକ ରେଳଲାଇନ୍ ବରସୁଆଁ ନିକଟରେ ଖଣିଜ ଆଣିବା ପାଇଁ ବ୍ୟବହୃତ ହୋଇଥାଏ। ଏହି ଘଟଣା ଉକ୍ତ ସ୍ଥାନରେ ହୋଇଥିଲା। ସେହିପରି ଏଆଇ ଟାୱାର ପରବର୍ତ୍ତୀ ସମୟରେ ବଣେଇ, ଢେଙ୍କାନାଳ, ରାଉରକେଲା, ସାତକୋଶିଆ ଭଳି ସ୍ଥାନରେ ଲଗାଯିବ ବୋଲି ଜଣାପଡ଼ିଛି। ଗତ ଅକ୍ଟୋବର ମାସରେ ଝାଡଖଣ୍ଡରୁ ଆସିଥିବା ୯ଟିକିଆ ହାତୀପଲରୁ ଏକ ଶାବକ ରେଳଧାରଣା ଅତିକ୍ରମ କରୁଥିବା ବେଳେ ମୁମ୍ବାଇ ହାୱାଡା ଡାଉନ୍ ଲାଇନ୍‌ରେ ଟ୍ରେନରେ କଟି ମୃତ୍ୟୁବରଣ କରିଥିଲା। ସେହିପରି ଅନ୍ୟ ଗୋଟିଏ ବୟସ୍କ ହାତୀ ଏବଂ ଶାବକ ଆହତ ହୋଇଥିଲେ। ରାଉରକେଲା ବନ ବିଭାଗ ପକ୍ଷରୁ ଆହତ ହାତୀ ଶାବକକୁ ଚିକିତ୍ସା ପାଇଁ ନନ୍ଦନକାନନ ପଠାଯାଇଥିଲା। ରାଉରକେଲା ସମେତ ଓଡ଼ିଶାର ବିଭିନ୍ନ ସ୍ଥାନରେ ରେଳ ଦୁର୍ଘଟଣାରେ ହାତୀମୃତ୍ୟୁ ମାମଲା ନଜରକୁ ଆସୁଛି।

# ବଳାତ୍କାର ଅଭିଯୋଗ: ଯୁବକ ଗିରଫ

ଲହୁଣୀପଡା,୮।୧୨ (ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ବଣେଇ ବ୍ଲକ ଶବରା ଗ୍ରାମର ଜଣେ ଯୁବକଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଯୋଗେନ୍ଦ୍ର କିଷାନ(୨୯)। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଶବରା ଗ୍ରାମର ଯୋଗେନ୍ଦ୍ରଙ୍କ ଦେବଗଡ଼ ଜିଲା ଅନ୍ତର୍ଗତ ବୁଢ଼ୀବାହାଲ ଗ୍ରାମର ଜଣେ ଯୁବତୀଙ୍କ ସହ ବିବାହ ଠିକ ହୋଇଥିଲା। ଗତ ଜୁନ ମାସ ୧୮ ତାରିଖରେ ନିର୍ବନ୍ଧ ହୋଇଥିଲା। ଉକ୍ତ ଯୁବତୀଙ୍କ ସହିତ ଯୋଗେନ୍ଦ୍ରଙ୍କ ସମ୍ପର୍କ ବଢିବା ସହିତ ଫୋନରେ କଥାବାର୍ତ୍ତା ହେଉଥିଲେ। ବେଳେ ବେଳେ ଯୋଗେନ୍ଦ୍ର ଝିଅ ଘରକୁ ଯାଇ ରହିବା ସହିତ ବିବାହ ପୂର୍ବରୁ ଶାରୀରିକ ସମ୍ପର୍କ ମଧ ରଖିଥିଲେ। କିନ୍ତୁ କିଛିଦିନ ପରେ ଯୋଗେନ୍ଦ୍ର ଉକ୍ତ ଯୁବତୀକୁ ବିବାହ କରିବା ପାଇଁ ମନା କରି ଦେଇଥିଲେ। ଫଳରେ ଉଭୟ ପରିବାର ମଧ୍ୟରେ ଏକ ପ୍ରକାର ଅଶାନ୍ତି ସୃଷ୍ଟି ହୋଇଥିଲା। ଯୁବତୀ ଜଣକ ମାନସିକ ସ୍ତରରେ ଭାଙ୍ଗି ପଡ଼ିବା ସହିତ କୌଣସି ଉପାୟ ନ ପାଇ ଉକ୍ତ ଯୁବତୀ ଆସି ଯୋଗେନ୍ଦ୍ର ଘରେ ପହଞ୍ଚି ଥିଲେ। ଯୋଗେନ୍ଦ୍ର ଘରେ ୨୦/୨୨ ଦିନ ସ୍ୱାମୀ ସ୍ତ୍ରୀ ହିସାବରେ ସମ୍ପର୍କ ରଖିବା ପରେ ମଧ ଉକ୍ତ ଯୁବତୀଙ୍କୁ ଯୋଗେନ୍ଦ୍ର ବିବାହ କରିବା ଓ ସ୍ତ୍ରୀ ର ମର୍ଯ୍ୟାଦା ଦେବାପାଇଁ ମନା କରି ଦେଇଥିଲେ। ନିରୁପାୟ ହୋଇ ଉକ୍ତ ଯୁବତୀ ଗତ ୬ତାରିଖ ଦିନ ଲହୁଣୀପଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଯୋଗେନ୍ଦ୍ରଙ୍କୁ ଗିରଫ କରିଥିଲା।

# ବାର୍ଷିକ ଖଣି ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ହେମଗିର,୮।୧୨(ଚୈତନ୍ୟ ପଟେଲ)

ସୁନ୍ଦରଗଡ଼ ଜିଲା ହେମଗିର କୁଲଡ଼ା ଖୋଲାମୁହଁ କୋଇଲା ଖଣି କାର୍ଯ୍ୟାଳୟଠାରେ ବାର୍ଷିକ ଖଣି ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହା ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଖଣି ଭିତରେ କାମ କରିବା ସମୟରେ ସତର୍କତା ଅବଲମ୍ବନ କରିବାକୁ ଅତିଥିମାନେ ଶ୍ରମିକମାନଙ୍କୁ ପରାମର୍ଶ ଦେଇଥିଲେ। ବିଭିନ୍ନ ସ୍ଥାନରୁ ଆସିଥିବା ଖଣି ପ୍ରବନ୍ଧକ, ପ୍ରକଳ୍ପ ଅଧିକାରୀ, ଖଣି ସୁରକ୍ଷା ଅଧିକାରୀ ପ୍ରମୁଖ ଖଣି ଖାଦାନ ବୁଲି ନିରୀକ୍ଷଣ କରିଥିଲେ। ସନ୍ଧ୍ୟାରେ ପ୍ରକଳ୍ପ ଅଧିକାରୀ ମନୋରଞ୍ଜନ ଦାସଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ଟିମ ଲିଡର ଭି.କେ.ସିଂ, ସମ୍ମାନିତ ଅତିଥି ନିରୀକ୍ଷକ କେ. ମଣ୍ଡଳ, ଟିମ ସଦସ୍ୟ ଏମ.ଏଲ.ସିଦାର, ଡି.ଦାସ, ସି.କେ. ଶ୍ରୀବାସ୍ତବ, ଆର୍.କେ. ବାନାର୍ଜୀ, ଏ.କେ. ପ୍ରଧାନ, ପି.ଆର୍. ପ୍ରଧାନ, ଜି. କୁମାର, କେ.କେ. ଚୌବେ, ରାଜେଶ ପ୍ରସାଦ ପ୍ରମୁଖ ଏହି ବୈଠକରେ ଯୋଗ ଦେଇଥିଲେ। ଖଣି ଖାଦାନରେ କାମ କରିବା ସମୟରେ ଦୁର୍ଘଟଣାର ସମ୍ମୁଖୀନ ହୋଇ ମୃତ୍ୟୁମୁଖରେ ପଡ଼ିଥିବା ଶ୍ରମିକମାନଙ୍କ ଉଦ୍ଦେଶ୍ୟରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ସୁରକ୍ଷା ଉପରେ ଏକ ନୃତ୍ୟ ନାଟିକା ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସୁରକ୍ଷା ଅଧିକାରୀ ସୁରଜିତ ସାମଲ, ବିଜୟ ନାଏକ ବେହେରା, ଖଗେଶ୍ୱର ପଣ୍ଡାଙ୍କ ସହ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଖଣି ଅଧିକାରୀ।

# ସ୍ୱାମୀଙ୍କ ନିଆଁଖୁଣ୍ଟା ମାଡ଼ରେ ସ୍ତ୍ରୀ ଗୁରୁତର

ଲହୁଣୀପଡା,୮।୧୨(ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ କୁର୍ଡା ପଞ୍ଚାୟତ ଟାଙ୍କଯୋଡା ଗ୍ରାମରେ ଶନିବାର ରାତିରେ ରୋଷେଇକୁ କେନ୍ଦ୍ର କରି ସ୍ୱାମୀଙ୍କ ନିଆଁ ଖୁଣ୍ଟା ମାଡରେ ସ୍ତ୍ରୀ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ଲହୁଣୀପଡା ପୋଲିସ ଅଭିଯୁକ୍ତ ସ୍ୱାମୀ ଅନାମ କିଷାନଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନାରୁ ପ୍ରକାଶ ଯେ, ସୁକାନ୍ତି କିଷାନ (୨୮) ରୋଷେଇ କରୁଥିବା ବେଳେ ସ୍ୱାମୀ ଅନାମ ଚୁଲି ପାଖରେ ବସିଥିଲେ। ରୋଷେଇକୁ କେନ୍ଦ୍ର କରି ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା। ଏଥିରେ ସ୍ୱାମୀ ଅନାମ ରାଗି ଯାଇ ଜଳୁଥିବା ନିଆଁ ଖୁଣ୍ଟାରେ ସ୍ତ୍ରୀ ସୁକାନ୍ତଙ୍କୁ ମାଡ଼ ମାରିଥିଲେ। ସୁକାନ୍ତି ଗୁରୁତର ଆହତ ହୋଇଥିଲେ। ପଡୋଶୀଙ୍କ ସହାୟତାରେ ଚିକିତ୍ସା ପାଇଁ ସୁକାନ୍ତଙ୍କୁ ଲହୁଣୀପଡା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ସୁକାନ୍ତଙ୍କୁ ରାଉରକେଲା ସ୍ଥାନାନ୍ତର କରିଦେଇଛନ୍ତି।

# ଡୁଡାଲଗାରେ କୁଣହାଁ କିଷାନ ଜାତିର ଜିଲା ସମ୍ମିଳନୀ

ବଡ଼ଗାଁ,୮।୧୨(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଡୁଡାଲଗା ଫୁଟବଲ ପଡିଆଠାରେ ରବିବାର ଭାଷା, ସଂସ୍କୃତି ସୁରକ୍ଷା ପାଇଁ କୁଣହାଁ କିସାନ ଜାତିର ଜିଲା ସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଡୁଡାଲଗା କିସାନ ସମାଜ ସଭାପତି ଗଣେଶ୍ୱର ପିଙ୍ଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସମ୍ମିଳନୀକୁ ସମାଜର ବୟୋଜ୍ୟେଷ୍ଠ ବଏଲୋ କିସାନ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଏହି ସମ୍ମିଳନୀରେ ୫୫୦ ଓ ୯୦୦ ନାଗ୍ରା ନାମରେ କଷାନ ସମାଜକୁ ବିଭାଜନ କରୁଥିବା ସମାଜ ନେତୃ ବର୍ଗଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିବା, ୨୦୧୨ ନିୟମାବଳୀ ବହିକୁ କାର୍ଯ୍ୟକାରୀ ନ କରିବା, ବିବାହ ସମୟରେ ଦିଆଯାଉଥିବା ଏନଓସିକୁ ବନ୍ଦ କରିବା, ପ୍ରତ୍ୟେକ ଯୁବତୀ ଯୁବକଙ୍କୁ କିସାନ ଭାଷା କହିବା ପାଇଁ ବାଧ କରିବା, ସମାଜର ବିଭିନ୍ନ କାର୍ଯ୍ୟକ୍ରମରେ ନିଜକୁ କେବଳ କୁଣହାଁ ଜାତିର ବୋଲି ପରିଚୟ ଦେବା ଆଦି ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି ସମ୍ମିଳନୀରେ ଡୁମୁଲିଆ ଗଙ୍ଗାଗୁଡ଼ି ସଭାପତି ଦେବେନ୍ଦ୍ର ପ୍ରସାଦ ମାଝୀ ମୁଖ୍ୟବକ୍ତା, ଦେବଗଡ ଜିଲା ସଭାପତି ଯୁଧିଷ୍ଠିର କିସାନ, ବଣେଇରୁ ଆସିଥିବା ଅଧ୍ୟାପକ ଗୁରୁଚରଣ କିସାନ, ରବିରତ୍ନ ମାଝୀ, ସୁନ୍ଦରଗଡ଼ ସଭାପତି ସଞ୍ଜୟ ମାଝୀ, ସଚିନ ବରୁଆ ପ୍ରମୁଖ ସମ୍ମାନିତ ଅତିଥିଭାବେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମକୁ ସମ୍ପାଦକ କଳାକାର ବାଗ ଓ ବୀରେନ୍ଦ୍ର କିସାନ ପରିଚାଳନା କରିଥିବାବେଳେ କାର୍ଯ୍ୟକ୍ରମରେ ବରିହା କାର୍ତ୍ତିକ କିସାନ, ଦୟାନନ୍ଦ କିସାନ, ଗୋବର୍ଦ୍ଧନ ମାଝୀ, ମଧୁ ମାଝୀ, ଅଶୋକ ମିଞ୍ଜ, ପବିତ୍ର କିସାନ, ରାଇବାରି ମାଝୀ, ଚିତ୍ରକାନ୍ତି ମିଞ୍ଜ, ଉପେନ୍ଦ୍ର କିସାନ, ସିଦ୍ଧେଶ୍ୱର ମାଝୀ, ଦଶିରାମ କେଛୁ, ଦୁର୍ଯ୍ୟୋଧନ ବାଗ, ସନ୍ତୋଷ ଲିସାନ, ମହେନ୍ଦ୍ର ମିଞ୍ଜ, ମଧୁସୂଦନ ମିଞ୍ଜଙ୍କ ସମେତ ହେମଗିରି, ବାଲିଶଙ୍କରା ସବଡେଗା, କୁତ୍ରା, ସୁନ୍ଦରଗଡ଼ ଆଦି ଅଞ୍ଚଳରୁ କିସାନ ସମାଜର ଶତାଧିକ ମହିଳା, ବୁଦ୍ଧିଜୀବୀମାନେ ଯୋଗଦେଇଥିଲେ। ସମ୍ମିଳନୀରେ ଭାଷା ଓ ସଂସ୍କୃତି ସୁରକ୍ଷା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।



ସମ୍ମିଳନୀ ଶୁଭାରମ୍ଭ ପାଇଁ କର୍ମକର୍ତ୍ତାମାନେ ପୂଜାର୍ଚ୍ଚନା କରୁଛନ୍ତି।

# ନେହେରୁ ଯୁବ କେନ୍ଦ୍ର ତରଫରୁ ଜିଲାସ୍ତରୀୟ ଯୁବ ଉତ୍ସବ

ସୁନ୍ଦରଗଡ଼, ୮।୧୨ (ଜୟ ନାରାୟଣ ମେଣ୍ଟୁଲି)

ନେହେରୁ ଯୁବ କେନ୍ଦ୍ର ଓ ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ରବିବାର ଜିଲା ସ୍ତରୀୟ ଯୁବ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଜିଲାର ବିଭିନ୍ନ ମହାବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇ ଚିତ୍ରକଳା, କବିତା ଲିଖନ, ମୋବାଇଲ ଫୋଟୋଗ୍ରାଫି, ବକ୍ତୃତା, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ବିଜ୍ଞାନ ପ୍ରକଳ୍ପ ଆଦି ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ସୁନ୍ଦରଗଡର ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ, ସମ୍ମାନିତ ଅତିଥି, ଜିଲା କ୍ରୀଡା ଅଧିକାରୀ ବିଶ୍ୱକେତନ ପାଣ୍ଡେ ଯୋଗଦେଇଥିଲେ। ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ଡ. ସଞ୍ଜିତା ଅଭିଜିତାଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା। ନେହେରୁ ଯୁବ କେନ୍ଦ୍ର ଜିଲା ଯୁବ ଅଧିକାରୀ ମାରିଆନୁସ ବିଲୁଙ୍ଗ କାର୍ଯ୍ୟକ୍ରମ ଆୟୋଜନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଶେଷରେ ଉଦଯାପନୀ କାର୍ଯ୍ୟକ୍ରମରେ ନେହେରୁ ଯୁବ କେନ୍ଦ୍ର ସଂଘଠନର ପୂର୍ବତନ ନିର୍ଦ୍ଦେଶକ ନବୀନ କୁମାର ନାୟକ, ସମ୍ମାନିତ ଅତିଥିଭାବେ ସୁନ୍ଦରଗଡ ଜାତୀୟ ସେବା ଯୋଜନା(ଏନଏସଏସ)ର କାର୍ଯ୍ୟକ୍ରମ ଅଧିକାରୀ ସୁଶାନ୍ତ କୁମାର ପଟେ ଯୁବ ଉତ୍ସବ ବିଷୟରେ ଅବଗତ କରାଇଥିଲେ। ପରିଶେଷରେ କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଏବଂ ଟ୍ରଫି ପ୍ରଦାନ କରାଯାଇଥିଲା। ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ମନୋଜ କୁମାର ନାୟକ ଏବଂ ଦୀପାଞ୍ଜଳି ହାଁସଦା ଧନ୍ୟବାଦ ଅର୍ପଣ କରିଥିଲେ।



ଯୁବଉତ୍ସବରେ ଆଦିବାସୀ ନୃତ୍ୟ ପରିବେଷଣ କରାଯାଉଛି।

